୬ ▶ ରୋମାଞ୍ଚକର ମ୍ୟାଚ୍‌ରେ ରାଜସ୍ଥାନକୁ ୧ ରନରେ ହରାଇଲା କୋଲକାତା




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ–୩୨ ● ସଂଖ୍ୟା–୯୬ ● ୫ ମଇ ୨୦୨୫, ସୋମବାର ● ଭୁବନେଶ୍ୱର ● Vol -32 ● Issue-96 ● 5st May 2025, Monday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

### ପାକିସ୍ତାନ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଭେଟିଲେ ବାୟୁସେନା ମୁଖ୍ୟ

# ଦେଶ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ : ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୪/୫**

ଭାରତୀୟ ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂହ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ବୈଠକ ପରେ, ଅମରପ୍ରୀତ ସିଂହ ପ୍ରଧାନମନ୍ତ୍ରୀ ବାସଭବନ ଛାଡି ଚାଲିଯାଇଛନ୍ତି। ଜମ୍ମୁ-କଶ୍ମୀରର ପହଲଗାମ ଆକ୍ରମଣ ପରେ ଜାତୀୟ ସୁରକ୍ଷା ସହ ଜଡ଼ିତ ବିଷୟ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏପରି ପରିସ୍ଥିତିରେ ଏହି ବୈଠକକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ପୂର୍ବରୁ ଶନିବାର ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠୀ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କୁ ଭେଟିଥିଲେ। ଏହି ସମୟରେ ସେ ନୌସେନାର ବର୍ତ୍ତମାନର ପ୍ରସ୍ତୁତି ଏବଂ କାର୍ଯ୍ୟକଳାପ ବିଷୟରେ ସୂଚନା ଦେଇଥିଲେ। ପହଲଗାମ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଲଗାତାର ବୈଠକ କରୁଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଦୁଇଥର ସିସିଏସ ବୈଠକ କରିଛନ୍ତି। ଏହି ସମୟ ମଧ୍ୟରେ ସେ ସେନାକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ। ସିସିଏସ ବୈଠକ ବ୍ୟତୀତ, ପ୍ରଧାନମନ୍ତ୍ରୀ ତିନି ସେନା ମୁଖ୍ୟଙ୍କ ସହ ପୃଥକ ପୃଥକ ବୈଠକ ମଧ୍ୟ କରିଛନ୍ତି। ଯାହା ଦ୍ୱାରା ପାକିସ୍ତାନରେ ଆତଙ୍କବାଦୀଙ୍କ ବିରୁଦ୍ଧରେ ଭାରତର ସମ୍ଭାବ୍ୟ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଏକ ଢାଞ୍ଚା ପ୍ରସ୍ତୁତ ହୋଇପାରିବ।

ଉଲ୍ଲେଖନୀୟ, ୨୨ ଏପ୍ରିଲରେ ପହଲଗାମ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ୨୬ ଏପ୍ରିଲରେ ପ୍ରଥମ ଥର ପାଇଁ ସିସିଏସ ବୈଠକ କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ, ପ୍ରତିରକ୍ଷା ମୁଖ୍ୟ ଅନିଲ ଚୌହାନ ଏବଂ ତିନି ସେନା ମୁଖ୍ୟ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକ ପ୍ରାୟ ଦେଢ଼ ଘଣ୍ଟା ଧରି ଚାଲିଥିଲା, ଯେଉଁଥିରେ ପ୍ରଧାନମନ୍ତ୍ରୀ ପାକିସ୍ତାନ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେନାକୁ ସ୍ୱାଧୀନତା ଦେଇଥିଲେ। *(ପୃଷ୍ଠା ୭ରେ)*

### ଦାରୁ, ଦିଦି, ଦଇତା ଦୀଘାକୁ ନେଇ ଦ୍ୱନ୍ଦ୍ୱ ଜାରି

# ଜଗନ୍ନାଥ ସଂସ୍କୃତି ଧ୍ୱଂସ କରିବା ପାଇଁ ବିଦେଶୀ ଧାର୍ମିକ ଅନୁଷ୍ଠାନ ପକ୍ଷରୁ ଚାଲିଛି ମହାଷଡ଼ଯନ୍ତ୍ର



**ପୁରୀ, ୪/୦୫**
**ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲାର ଦୀଘାରେ ନିର୍ମିତ ହୋଇଥିବା ଜଗନ୍ନାଥ ମନ୍ଦିରକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍‌ଘାଟନ କରିବା ପରେ ଅନେକ ବିବାଦ ମୁଣ୍ଡ ଟେକିଛି । ଦୀଘାକୁ ଜଗନ୍ନାଥ ଧାମ ଭାବେ ପ୍ରଚାର କରିବା, ଜଗନ୍ନାଥଙ୍କ ପଥରମୂର୍ତ୍ତି ବସାଇବା ଓ କାଠମୂର୍ତ୍ତି ବସାଇବା ଯୋଗୁ ପୁରୀରୁ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ଭକ୍ତ ଅସନ୍ତୋଷ ବୃଦ୍ଧି ପାଇଛି । ଦଇତାପତି, କିଛି ପଣ୍ଡିତ ଓ ବ୍ରାହ୍ମଣ ପୁରୀରୁ ଦୀଘା ଯାଇ ମନ୍ଦିର ପ୍ରତିଷ୍ଠାରେ ଅଂଶଗ୍ରହଣ କରିଥିଲେ । ଦଇତାପତି ନିଯୋଗର ସମ୍ପାଦକ ତଥା କତା ନିଗମର ପୂର୍ବତନ ଅଧ୍ୟକ୍ଷ ଓ ରାମକୃଷ୍ଣ ଦାସ ମହାପାତ୍ର ଦୀଘାକୁ ଯାଇ ମନ୍ଦିର ପ୍ରତିଷ୍ଠା, ଦାରୁଦିଅଁ ପ୍ରତିଷ୍ଠା ଓ ବିବାଦୀୟ ମନ୍ତବ୍ୟ ଯୋଗୁ ଦୁଇ ରାଜ୍ୟରେ ଆଲୋଚନା ଯୋର ଧରିଛି । ଦଇତାପତି ବଙ୍ଗଳା ଭାଷାରେ ବଙ୍ଗାଳି ଟିଭିମାନଙ୍କୁ ଦେଇଥିବା ବୟାନ ଓ ପୁରୀରେ ରାତିରେ ପହଞ୍ଚିବା ପରେ ହଠାତ ସକାଳୁ ପ୍ରେସ ମିଟ୍ କରି ଅଲଗା ବୟାନ ଦେବା ଯୋଗୁ ତାହା ବିବାଦୀୟ ପ୍ରସଙ୍ଗ ହୋଇପଡିଥିଲା। ଶନିବାର ଓ ରବିବାର ଦୁଇ ଦିନ ଧରି ଶ୍ରୀମନ୍ଦିର କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ ଡ.ଅରବିନ୍ଦ ପାଢୀଙ୍କ ଅଧ୍ୟକ୍ଷତାରେ ତୁହାକୁ ତୁହା ବୈଠକ, ପ୍ରତି ନିଯୋଗର ସଭାପତି ଓ ସମ୍ପାଦକଙ୍କ ସହ ଘନ ଘନ ବୈଠକ ପରିସ୍ଥିତିକୁ ଗମ୍ଭୀର କରିଛି । ବୟାନବାଜିରେ ତାଳମେଳ ରହୁନଥିବାରୁ ଓ ବିଭିନ୍ନ ସାମାଜିକ ଗଣମାଧ୍ୟମରରେ ଦଇତାପତିଙ୍କ କାର୍ଯ୍ୟକୁ ନିନ୍ଦା କରିବା ଯୋଗୁ ପରିସ୍ଥିତି ଭିନ୍ନ ମୋଡ ନେଇଛି। ଦୀଘାରେ ଜଗନ୍ନାଥ ଧାମ ପ୍ରଚାର କରିବାକୁ ନେଇ ଓ ଶ୍ରୀମନ୍ଦିର ଦଇତାପତି ପ୍ରତିଷ୍ଠାରେ ଭାଗ ନେବା, ଶ୍ରୀମନ୍ଦିର ଦାରୁ ଗୃହରୁ ଦାରୁ କିପରି ଗଲା ଏବଂ ନବକଳେବର ତିଥି ନଥାଇ ଅଦିନରେ ଜଗନ୍ନାଥଙ୍କ ବିଗ୍ରହ ପ୍ରତିଷ୍ଠା କିପରି କରାଗଲା ତାକୁ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ସଠିକ ସମୟରେ ଆଇନମନ୍ତ୍ରୀ ଚିଠି କରିଛନ୍ତି । ଆଗକୁ ରଥଯାତ୍ରା ଥିବାରୁ ଏହି ଘନ ଘନ ବୈଠକ ଦିନରାତି ଟିଭିରେ ଗର୍ଜନ, ସାମାଜିକ ଗଣମାଧ୍ୟମରେ ମତାମତ ପରିସ୍ଥିତିକୁ ଆବେଗପୂର୍ଣ୍ଣ କରିଛି । ସିଂହଦ୍ୱାର ପାଖରେ ଜୈନେକ ବୃଦ୍ଧ ବୁଦ୍ଧିଜୀବୀ କହିଲେ ଘଡ ଘଡି ଚଡଚଡି ବିଜୁଳି ପବନ ଯୋର ହେବ ମାତ୍ର ବୁନ୍ଦେ ପାଣି ମାଟିରେ ପଡିବନି । ସେହି ନ୍ୟାୟରେ ରଥଯାତ୍ରା ଆସୁଥିବାରୁ ସେବକଙ୍କୁ ମନାଇବାକୁ ଯାଇ ପରିସ୍ଥିତି ଫୁସ୍ ହେବ ବୋଲି କହିଥିଲେ । ଜଗନ୍ନାଥ ସଂସ୍କୃତିକୁ ବିପଥଗାମୀ କରାଯାଉଥିବାରୁ ସୂଚନାକର୍ମୀ ଜେ.କେ.ଦାସ ଓ ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସିଂହଦ୍ୱାର ଥାନାରେ ଦୁଇଟି ଏତଲା କରିଛନ୍ତି । ଏହି କାରବାରରେ ପଚାଶ *(ପୃଷ୍ଠା ୭ରେ)*

## ଆଗାମୀ ୩ ଦିନ ପର୍ଯ୍ୟନ୍ତ ରହିବ କାଳବୈଶାଖୀର ପ୍ରଭାବ

**ଭୁବନେଶ୍ୱର, ୪/୫**
**ନ୍ୟୁଜ ବ୍ୟୁରୋ**

ଆଗାମୀ ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ଅଧିକାଂଶ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହେବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ କେନ୍ଦ୍ର। ସେହିପରି ୫ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ, କୁଆପଥର ବର୍ଷା ଓ ଭୀଷଣ ବର୍ଷା ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଥିବା ବେଳେ ୬ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ କେତେକ ଜିଲ୍ଲାକୁ ଚେତାବନୀ ଜାରି ହୋଇଛି । ଏହାର ପରବର୍ତ୍ତୀ ଦୁଇ ଦିନ ପାଇଁ କୌଣସି ଚେତାବନୀ ନାହିଁ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଝଡ଼ କିମ୍ବା ବଜ୍ରପାତ, ପବନ ଓ ଭୀଷଣ ବର୍ଷା ନେଇ ୩ ଜିଲ୍ଲା ମୟୂରଭଞ୍ଜ, କୋରାପୁଟ, ମାଲକାନଗିରିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୬ ଜିଲ୍ଲା କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, କଟକ, ଖୋର୍ଦ୍ଧା, ପୁରୀ, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଏବଂ ନବରଙ୍ଗପୁରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ଓ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୩୦ରୁ ୪୦ କି.ମି. ରହିପାରେ ।

୫ ତାରିଖରେ ଝଡ଼ କିମ୍ବା ବଜ୍ରପାତ, ପବନ, କୁଆପଥର *(ପୃଷ୍ଠା ୭ରେ)*

## ଭାରତକୁ ବନ୍ଧୁ ଦରକାର, ଉପଦେଶ ଦେଉଥିବା ରାଷ୍ଟ୍ର ନୁହେଁ: ଜୟଶଙ୍କର




**ନୂଆଦିଲ୍ଲୀ, ୪/୫**

ଭାରତ ପାଇଁ ବନ୍ଧୁର ଆବଶ୍ୟକତା ରହିଛି। ଉପଦେଶ ଦେଉଥିବା ଦେଶର ଆବଶ୍ୟକତା ନାହିଁ। ୟୁରୋପ ଉଦ୍ଦେଶ୍ୟରେ ଏଭଳି କଠୋର ମନ୍ତବ୍ୟ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ରବିବାର ଆର୍କଟିକ୍ ସର୍କଲ ଇଣ୍ଡିଆ ଫୋରମ ୨୦୨୫ରେ ଯୋଗଦେଇ ଜୟଶଙ୍କର କହିଛନ୍ତି, ଭାରତ ସହିତ ନିବିଡ଼ ସମ୍ପର୍କ ରଖିବାକୁ ହେଲେ ୟୁରୋପକୁ କିଛି ସମ୍ବେଦନଶୀଳତା ଏବଂ ପରସ୍ପରର ହିତ ସାଧନ ହେଲା ଭଳି ମନୋଭାବ ପ୍ରଦର୍ଶନ କରିବାକୁ ହେବ। ବର୍ତ୍ତମାନ ସମୟରେ ନୂଆଦିଲ୍ଲୀ ବନ୍ଧୁ *(ପୃଷ୍ଠା ୭ରେ)*

# ପଶ୍ଚିମବଙ୍ଗ ଜଗନ୍ନାଥ ଧାମ କରିପାରିବ ନାହିଁ: ଆଇନ୍‌ମନ୍ତ୍ରୀ

**ଭୁବନେଶ୍ୱର, ୪/୫**
**ନ୍ୟୁଜ ବ୍ୟୁରୋ**

ପଶ୍ଚିମବଙ୍ଗର ପୂର୍ବ ମେଦିନାପୁର ଜିଲ୍ଲାର ଉପକୂଳବର୍ତ୍ତୀ ସହର ‘ଦୀଘା’ ଠାରେ ଜଗନ୍ନାଥ ମନ୍ଦିରକୁ ଧାମ କରାଯାଇଥିବା ନେଇ ଦେଖାଦେଇଥିବା ବିବାଦ ବଢ଼ିବାରେ ଲାଗିଛି। ଏହି ମନ୍ଦିରକୁ ପଶ୍ଚିମବଙ୍ଗ ସରକାର ଜଗନ୍ନାଥ ଧାମ ଘୋଷଣା କରିଥିବା ବେଳେ ସନାତନ ଧର୍ମ ଉପରେ ବିଶ୍ୱାସ କରୁଥିବା ବ୍ୟକ୍ତି ବିଶେଷ ଓ ଜଗନ୍ନାଥପ୍ରେମୀଙ୍କ ମନରେ ଆଘାତ ଲାଗିଛି। ଏନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁହଁ ଖୋଲିଛନ୍ତି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି, ପଶ୍ଚିମବଙ୍ଗ ଜଗନ୍ନାଥ ଧାମ କରିପାରିବ ନାହିଁ। ଏଥି ପାଇଁ ଆମେ ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିବୁ।




ସେଠାରେ ଜଗନ୍ନାଥ ଧାମ କରିବାର କୌଣସି କାରଣ ନାହିଁ। ସେମାନେ ଜଗନ୍ନାଥ ଧାମ ବୋଲି କହିବାର କିଛି ଅଧିକାର ନାହିଁ। ପଶ୍ଚିମବଙ୍ଗ ରାଜନୈତିକ ଦୃଷ୍ଟିକୋଣରୁ କ’ଣ ଘଟୁଛି ତାହା ଭିନ୍ନ କଥା ହୋଇପାରେ। କିନ୍ତୁ ଆମ ସଂସ୍କୃତି, ଆମ ମନ୍ଦିର, ସୁରକ୍ଷା, ବ୍ୟବସ୍ଥା ସୁରକ୍ଷିତ ଅଛି ଓ ରହିବ। ସରକାରଙ୍କର ଯାହା ଦାୟିତ୍ୱ ସେ କଥା ତୁଲାଇବୁ। ଶ୍ରୀମନ୍ଦିର ଦଇତାପତି ରାମକୃଷ୍ଣ ଦାସମହାପାତ୍ରଙ୍କ କାର୍ଯ୍ୟାବଳୀ ଉପରେ ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ । ସେ କହିଛନ୍ତି, ଜୀବନ ସାରା ଯେ କିଛି କରି ନାହାନ୍ତି ସେମାନେ ବଡ଼ବଡ଼ କଥା କହୁଛନ୍ତି। ସେ କଥା ଅପ୍ରାସଙ୍ଗିକ। ବ୍ରହ୍ମ ବିଭ୍ରାଟରୁ ଆରମ୍ଭ କରି କ’ଣ କ’ଣ କରୁଥିଲେ ସେମାନେ ଜାଣିଛନ୍ତି। ଆମ ସରକାରରେ ଏଭଳି କୌଣସି କଥା ଗ୍ରହଣୀୟ ହେବ ନାହିଁ। ଆମେ ଏଦିଗରେ ଯାହା ପଦକ୍ଷେପ ନେବା କଥା ତାହା ନେଇଛୁ। ଆଜିର ଦିନରେ ପଶ୍ଚିମବଙ୍ଗ ବିରୋଧୀ ଦଳ, ସାଧାରଣ ଜନତା ମଧ୍ୟ ମମତା ବାନାର୍ଜୀଙ୍କ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଏଥି ସହିତ ସମସ୍ତେ ଓଡ଼ିଶା ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି। ଦୀଘା ଜଗନ୍ନାଥ ମନ୍ଦିର ବିବାଦ ପ୍ରସଙ୍ଗରେ ଛତିଶା ନିଯୋଗକୁ ନେଇ ମୁଖ୍ୟ ପ୍ରଶାସକ ବୈଠକ କରି ସାରିଛନ୍ତି। କିଛି କଥାରେ ନିଷ୍ପତ୍ତି ହୋଇଛି। ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଗୋଟିଏ ନିର୍ଯ୍ୟାସରେ ପହଞ୍ଚିବ। ଆଗାମୀ ଦିନରେ ଠାକୁରଙ୍କ ରୀତିନୀତି ହେଉ କି ସେବା ଯୋଗାଇବା ହେଉ କିମ୍ବା ସେବାୟତ ମାନଙ୍କର କୌଣସି ବିଶୃଙ୍ଖଳା ନହେଉ ସେଥିପ୍ରତି ଧ୍ୟାନ ରଖାଯାଉଛି। ବିଶୃଙ୍ଖଳା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ହେବ। ଯେଉଁ ସେବାୟତମାନେ ସେଠାକୁ ଯାଇଥିଲେ ସେମାନଙ୍କୁ ଡାକି ପଚରାଉଚରା କରାଯାଉଛି। ସେବାୟତମାନେ ଅତିଥି ଭାବେ ଯାଇ ପାରିବେ। କିନ୍ତୁ ଅନ୍ୟ କେଉଁଠି ସେବା ପୂଜା କରିବା ଭୁଲ କଥା ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ଦେଶରେ ନିଟ୍ ୟୁଜି ପରୀକ୍ଷା ଶେଷ : କର୍ଣ୍ଣାଟକରେ ଛାତ୍ରଙ୍କ ପଇତା କଢ଼ା ଯିବା ଯୋଗୁ ହଙ୍ଗାମା



**ନୂଆଦିଲ୍ଲୀ ୪ ।୫**

ଡାକ୍ତରୀ ପ୍ରବେଶ ପରୀକ୍ଷା ନିଟ୍ ୟୁଜି ୨୦୨୫ ରବିବାର ଅନୁଷ୍ଠିତ ହୋଇଯାଇଛି। ସାରା ଦେଶର ୫୫୨ଟି ସହରରେ ଥିବା ୫ ହଜାର କେନ୍ଦ୍ର ଓ ୧୪ ବିଦେଶୀ ସେଣ୍ଟରରେ ଏହି ପ୍ରବେଶ ପରୀକ୍ଷା କରାଯାଇଛି। ଏଥର ପରୀକ୍ଷା ପେନ ଓ ପେପର ମୋଡରେ କରାଯାଇଛି। ଏହି ପରୀକ୍ଷା ଗୋଟିଏ ସିଫ୍ଟରେ ଶେଷ ହୋଇଥିବା ବେଳେ ଅପରାହ୍ନ ୨ଟାରୁ ୫ଟା ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଏହି ପରୀକ୍ଷା ପାଇଁ ବଡ଼ ଧରଣର ପ୍ରସ୍ତୁତି କରାଯାଇଥିଲା। କୁହାଯାଉଛି ଏଥର ଅଧିକାଂଶ ସେଣ୍ଟର ସରକାରୀ କଲେଜରେ ହୋଇଛି। ଏହି ପରୀକ୍ଷା ପାଇଁ ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହୋଇଛି। ପରୀକ୍ଷା ପାଇଁ ଛାତ୍ର ଛାତ୍ରୀଙ୍କୁ ପରୀକ୍ଷା ହଲ ଭିତରକୁ ପେନ୍ ନେବା ମଧ୍ୟ ମନା ଥିଲା ଓ ପରୀକ୍ଷା ପାଇଁ ପୂର୍ବରୁ ଡ୍ରେସକୋଡ ସମ୍ପର୍କରେ ସୂଚିତ କରି ଦିଆଯାଇଥିଲା। କର୍ଣ୍ଣାଟକ କଲବର୍ଗିରେ ରବିବାର ନିଟ୍ ୟୁଜି ପରୀକ୍ଷା ବେଳେ ପରୀକ୍ଷା କେନ୍ଦ୍ର ନିକଟରେ ବ୍ରାହ୍ମଣ ସମୁଦାୟର ଛାତ୍ରଙ୍କ ପଇତା ଉତାରିବା ମାମଲା ସାମ୍ନାକୁ ଆସିଛି। ଏହା ବିରୋଧରେ ବ୍ରାହ୍ମଣ ସମୁଦାୟର ସଦସ୍ୟମାନେ ପରୀକ୍ଷା କେନ୍ଦ୍ର ବାହାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେପଟେ ରାଜସ୍ଥାନ ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣେ ନିଟ୍ ପରୀକ୍ଷାର୍ଥୀଙ୍କୁ ପ୍ରଶ୍ନପତ୍ର ଦେବାର ପ୍ରତିଶ୍ରୁତି ଦେଇ ୪୦ ଲକ୍ଷ *(ପୃଷ୍ଠା ୭ରେ)*

## ପାକିସ୍ତାନକୁ ଆଟାକ୍ କରିବାକୁ ପ୍ରସ୍ତୁତ ହେଉଛି ଭାରତ : ଓଡ଼ିଶା କର୍ମଚାରୀଙ୍କ ଛୁଟି ବାତିଲ୍



**ନୂଆଦିଲ୍ଲୀ/ ଭୁବନେଶ୍ୱର, ୪ ।୫**
**ନ୍ୟୁଜ ବ୍ୟୁରୋ**

ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ପଞ୍ଜାବର ଫିରୋଜପୁର କ୍ୟାଣ୍ଟନମେଣ୍ଟ ଏବଂ ନିକଟବର୍ତ୍ତୀ ସୀମାନ୍ତ ଗାଁଗୁଡ଼ିକରେ ଏକ ବ୍ଲାକଆଉଟ ରିହର୍ସାଲ ପାଇଁ ପ୍ରସ୍ତୁତି ଚାଲିଛି। ଏହି ରିହର୍ସାଲ ରବିବାର ରାତି ୯:୦୦ରୁ ୯:୩୦ ମଧ୍ୟରେ ଅନୁଷ୍ଠିତ ହୋଇଛି, ଯାହା ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ଜମ୍ମୁ ଓ କଶ୍ମୀରର ପାହାଲଗାମରେ ଏପ୍ରିଲ ୨୨, ୨୦୨୫ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ନିହତ ହୋଇଥିଲେ। ପରେ ଉଭୟ ଦେଶ ମଧ୍ୟରେ ସାମରିକ ଓ କୂଟନୈତିକ ଉତ୍ତେଜନା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଏହି ବ୍ଲାକଆଉଟ ରିହର୍ସଲ ସମ୍ଭାବ୍ୟ ସାମରିକ ସଂଘର୍ଷ ପାଇଁ ପ୍ରସ୍ତୁତି ବୋଲି ଅନୁମାନ କରାଯାଉଛି।

ଭାରତ ଓ ପାକିସ୍ତାନ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ସରକାର ନେଇଛନ୍ତି ବଡ଼ ନିଷ୍ପତ୍ତି। ବର୍ତ୍ତମାନ ସରକାର ପାକିସ୍ତାନ ଉପରେ ଡିଜିଟାଲ ଷ୍ଟ୍ରାଇକ୍ ଜାରି ରଖିଥିବାବେଳେ ଏବେ ଫାଇନାଲ ଯୁଦ୍ଧ ହେବା ନେଇ ବଡ଼ ସଙ୍କେତ ମିଳିଛି। ଯୁଦ୍ଧ ଲାଗି ଭାରତ ଗୋଳାବାରୁଦ, ଆରଡିଏକ୍ସ ଏବଂ ଏଚ୍‌ଏମ୍‌ଏକ୍ସ ଭଳି ଶକ୍ତିଶାଳୀ ବିସ୍ଫୋରକ ଓ ବିଭିନ୍ନ ଯୁଦ୍ଧାସ୍ତ୍ର ଅଧିକରୁ ଅଧିକ ଉତ୍ପାଦନ କରୁଛି। ଏନେଇ ସବୁ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି। ମଧ୍ୟପ୍ରଦେଶର ଜବଲପୁର ସ୍ଥିତ ଗୋଳାବାରୁଦ କାରଖାନା (ଓଏଫକେ) ସମେତ ମ୍ୟୁନିସନ୍ସ ଇଣ୍ଡିଆ ଲିମିଟେଡ (ଏମଆଇଏଲ) ଅଧୀନରେ ଥିବା ଅନେକ ପ୍ରତିରକ୍ଷା ଉତ୍ପାଦନ କାରଖାନା କର୍ମଚାରୀଙ୍କ ଦୀର୍ଘ ଛୁଟି ବାତିଲ କରିଛନ୍ତି। ଏହି ନିଷ୍ପତ୍ତି ଏପ୍ରିଲ ୨୨ ତାରିଖରେ ଜମ୍ମୁ ଓ କଶ୍ମୀରର ପହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ଦେଶ ମଧ୍ୟରେ ସୃଷ୍ଟି ହୋଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ନିଆଯାଇଛି। ଜବଲପୁରର ଖାମାରିଆ *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ବାହାର ଲୋକଙ୍କୁ କହିବା କାହିଁକି
ଘର ଢିଙ୍କି ଯେବେ କୁମ୍ଭୀର
ଲୋଭରେ ପଡ଼ିକି ଦାରୁ ଦେଉଛନ୍ତି
ସେଥିରେ ବହପ ଜବର
ବଙ୍ଗେ ଏତେ ଯଦି ପାଅ ଆଦର
ଏଠି ରହି କାହିଁ ଗଦ୍ଦାରୀ କରୁଛ
ଶୀଘ୍ର ଶ୍ରୀକ୍ଷେତ୍ରରୁ ବାହାର।

### ପଶ୍ଚିମବଙ୍ଗରେ ଜାରି ହେବ ରାଷ୍ଟ୍ରପତି ଶାସନ !

# ୱାକଫ ସଂଶୋଧନ ଆଇନ ପ୍ରତିବାଦରେ ହିଂସା : କେନ୍ଦ୍ରକୁ ରାଜ୍ୟପାଳଙ୍କ ରିପୋର୍ଟ ପ୍ରଦାନ



**କୋଲକାତା, ୪/୫**

ୱାକଫ ସଂଶୋଧନ ଆଇନ ବିରୋଧରେ ପ୍ରତିବାଦ ସମୟରେ ମୁର୍ଶିଦାବାଦରେ ଘଟିଥିବା ହିଂସା ସମ୍ପର୍କରେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ କେନ୍ଦ୍ର ସରକାରଙ୍କୁ ଏକ ରିପୋର୍ଟ ପ୍ରଦାନ କରିଛନ୍ତି। ସେ ୧୮–୧୯ ଏପ୍ରିଲ୍, ୨୦୨୫ ରେ ଦଙ୍ଗା ପ୍ରଭାବିତ ମାଲଦା ଏବଂ ମୁର୍ଶିଦାବାଦ ଗସ୍ତ କରିଥିଲେ।

ସେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ମୌଳବାଦ ଏବଂ ଉଗ୍ରବାଦର ଦ୍ୱୈତ ସମସ୍ୟା ରାଜ୍ୟ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ପାଲଟିଛି। ପଶ୍ଚିମବଙ୍ଗର ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ଏବଂ ଏହା ଭୁଶୁଡ଼ି ପଡୁଛି ବୋଲି କୁହାଯାଇଛି। ଲକ୍ଷ୍ୟଭେଦମୂଳକ ସାମ୍ପ୍ରଦାୟିକ ଆକ୍ରମଣର ମାମଲା ବୃଦ୍ଧି ପାଇଛି। ରାଜ୍ୟପାଳ ୱାକଫ (ସଂଶୋଧନ) ବିଲ୍ ପରେ ମୁର୍ଶିଦାବାଦରେ ହୋଇଥିବା ପୂର୍ବ ଯୋଜନାବଦ୍ଧ ହିଂସା ଏବଂ ପୂର୍ବ ଚେତାବନୀ ସତ୍ତ୍ୱେ ପୋଲିସର ନିଷ୍କ୍ରିୟତା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ।

ସେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ମୌଳବାଦ ଏବଂ ଉଗ୍ରବାଦର ଦ୍ୱୈତ ସମସ୍ୟା ରାଜ୍ୟ ପାଇଁ ଏକ ଗମ୍ଭୀର ଚ୍ୟାଲେଞ୍ଜ ପାଲଟିଛି। ପଶ୍ଚିମବଙ୍ଗର ପ୍ରଶାସନିକ ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି ଏବଂ ଏହା ଭୁଶୁଡ଼ି ପଡୁଛି ବୋଲି କୁହାଯାଇଛି। ସେ ସମ୍ବେଦନଶୀଳ ସୀମାନ୍ତ ଜିଲ୍ଲାଗୁଡ଼ିକରେ *(ପୃଷ୍ଠା ୭ରେ)*

### ଜନଗଣନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ନିଷ୍ପତ୍ତି

# ସୀମା ପୁନର୍ଗଠନ ଶେଷ ତାରିଖ ଜୁନ ୩୦




**ଭୁବନେଶ୍ୱର, ୪/୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସରକାର ଦେଶରେ ଆଗାମୀ ଜନଗଣନା ପାଇଁ ବିଭିନ୍ନ ପ୍ରଶାସନିକ ଅଞ୍ଚଳର ସୀମା ନିର୍ଦ୍ଧାରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସରକାର ଚଳିତ ବର୍ଷ ଜୁନ୍ ୩୦ ପୂର୍ବରୁ ଜିଲ୍ଲା, ଉପ-ବିଭାଗ, ତହସିଲ, ରାଜସ୍ୱ ଗ୍ରାମ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ଆଦି ପ୍ରଶାସନିକ ଏକକର ସୀମାରେ ପରିବର୍ତ୍ତନକୁ ଅନୁମତି ଦେଇଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ରବିବାର ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ବିଜ୍ଞପ୍ତି ଅନୁଯାୟୀ, ଆଗାମୀ ଜନଗଣନା ପାଇଁ ପ୍ରଶାସନିକ ଏକକର ସୀମା ଜୁଲାଇ ୧ ତାରିଖରେ ସ୍ଥିର କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ରୀୟ ମନ୍ତ୍ରୀମଣ୍ଡଳ *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା




# ଗ୍ରୀଷ୍ମ ପ୍ରବାହ ଯୋଗୁ ବସ୍‌ଯାତ୍ରୀଙ୍କ ହଟହଟା : ନାହିଁ ପାନୀୟ ଜଳ ବ୍ୟବସ୍ଥା

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ସହରରେ ଦିନକୁ ଦିନ ଗ୍ରୀଷ୍ମ ପ୍ରକୋପ ବଢ଼ିବାରେ ଲାଗିଛି। ପାରଦ ଲଗାତାର ଭାବେ ୪୦ ଡିଗ୍ରୀ ପାଖାପାଖି ରହୁଛି। ସକାଳ ୮ଟାରୁ ଗରମ ଓ ଗୁଳିଗୁଳି ଆରମ୍ଭ ହୋଇଯାଉଛି। ଆଉ ଦିନ ୧୦ଟା ପରେ ବାହାରକୁ ବାହାରିବା କଷ୍ଟକର ହୋଇପଡୁଛି। ପ୍ରଚଣ୍ଡ ଖରା ସାଙ୍ଗକୁ ଅସହ୍ୟ ଗରମ ଗୁଳୁଗୁଳିରେ କୌଣସି ଦୂରସ୍ଥାନକୁ ଯାତ୍ରା କରିବା ଏବେ କଷ୍ଟକର ହୋଇପଡ଼ିଛି। ବିଶେଷ କରି ବ୍ରହ୍ମପୁର ସହରରେ ବସ୍‌ଯାତ୍ରା ପାଇଁ ଯାତ୍ରୀମାନେ ନାକେଦମ୍ ହେଉଥିବା ଦେଖିବାକୁ ମିଳୁଛି। ଅଧିକାଂଶ ବସ୍ ଭିତରେ ଯାତ୍ରୀଙ୍କ ପାଇଁ ପାନୀୟ ଜଳ ସୁବିଧା ନଥିବା ଦେଖିବାକୁ ମିଳୁଛି। ସେହିପରି ବସ୍‌ରେ ଯାତ୍ରୀମାନେ ଖୁନ୍ଦାଖୁନ୍ଦି ହୋଇ ଯାତ୍ରା କରୁଥିବା ନଜରକୁ ଆସିଛି। ପ୍ରଚଣ୍ଡ ଗରମକୁ ଦୃଷ୍ଟିରେ ରଖି ସରକାରଙ୍କ ନିର୍ଦ୍ଦେଶନାମା ଆଦୌ କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳୁଛି। ବ୍ରହ୍ମପୁର ନୂତନ ବସ୍‌ଷ୍ଟାଣ୍ଡରୁ ସିଟି ବସ୍ ସହ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଶତାଧିକ ବସ୍ ଯାତାୟାତ କରୁଛି। ତେବେ ଏହି ପ୍ରଚଣ୍ଡ ଗ୍ରୀଷ୍ମରେ ବସ୍‌ଗୁଡ଼ିକ ପକ୍ଷରୁ ଯାତ୍ରୀଙ୍କ ସୁବିଧା ପାଇଁ ବିଶେଷ କିଛି ପଦକ୍ଷେପ ଗ୍ରହଣ କରାଯାଉନାହିଁ। କିଛି କିଛି ବସ୍‌ରେ ଦୁଇ ତିନି ବୋତଲ ପାଣିକୁ ଛାଡ଼ିଦେଲେ ଅଧିକାଂଶ ବସ୍ ଭିତରେ ପାନୀୟ ଜଳ ସୁବିଧା ନଥିବା ଦେଖିବାକୁ ମିଳିଛି। ଫଳରେ ବସ୍‌ରେ ନେଉଥିବା ଯାତ୍ରୀଙ୍କୁ ଭର୍ତ୍ତି କରାଯାଉଛି। ଫଳରେ ଭିଡ଼ରେ ଯାତ୍ରୀମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। ବିଶେଷ କରି ଦିବ୍ୟାଙ୍ଗ, ମହିଳା, ବରିଷ୍ଠ ନାଗରିକ ଓ ଶିଶୁ ହଇରାଣ ହରକତ ହେଉଛନ୍ତି। ସେହିପରି କିଛି କିଛି ବସ୍‌ରେ ଥିବା ଫାଷ୍ଟଏଡ୍ ବକ୍ସ ଖାଲି ପଡ଼ିଛି। ଏଥିପାଇଁ ଅନେକ ଯାତ୍ରୀ ଏସି ବସ୍‌ରେ ଯିବାପାଇଁ ପ୍ରାଧାନ୍ୟ ଦେଉଛନ୍ତି। ଆସିକାରୁ ବ୍ରହ୍ମପୁର ଆସିଥିବା ଜଣେ ବସ୍‌ଯାତ୍ରୀ କହିଛନ୍ତି ଖରାଦିନେ ବସ୍‌ଯାତ୍ରା କଥା ନ କହିବା ଭଲ। କଣ୍ଡକ୍ଟର ରାସ୍ତାରେ ସିଟ୍ ଦେବେ ବୋଲି କହି କହି ବ୍ରହ୍ମପୁର ଆସିଗଲା ପଛେ ସିଟ୍ ମିଳୁନାହିଁ। ବସ୍‌ରୁ ବାହାରିଲା ପରେ ପାଟି ଶୁଖିଯାଉଛି ଓ ମୁଣ୍ଡ ବୁଲାଉଛି। ଠାକୁରାଣୀ ଯାତ୍ରା ଚାଲିଥିବା ବେଳେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ବ୍ରହ୍ମପୁର ସହରକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଆଗମନ ଲାଗି ରହିଛି। ସେମାନେ ମୁଖ୍ୟତଃ ବସ୍‌ରେ ଆସୁଥିବା ବେଳେ ଏବେ ସବୁ ବସ୍‌ରେ ଯେତିକି ଯାତ୍ରୀ ବସିକି ଆସୁଛନ୍ତି ତାହା ଠାରୁ ଅଧିକ ଛିଡ଼ା ହୋଇ ଆସୁଛନ୍ତି। ଗରମ ଗୁଳୁଗୁଳିରେ ଛିଡ଼ା ହୋଇ ଲମ୍ବା ସମୟ ଧରି ଯାତ୍ରା କରିବା ଯାତ୍ରୀଙ୍କ ପାଇଁ କଷ୍ଟକର ହୋଇଯାଉଛି। ଅନ୍ୟପଟେ ବସ୍ ଚାଳକ କହିଛନ୍ତି, ବସ୍‌ରେ ଯେତିକି ସିଟ୍ ରହିଛି ସେତିକି ଯାତ୍ରୀ ନେଲେ ମାଲିକମାନେ କ୍ଷତି ସହିବେ। ବସ୍‌ରେ ଯାତ୍ରୀ ଭିଡ଼ ଥିଲେ ବି ଯାତ୍ରୀମାନେ ଯିବା ପାଇଁ ଜିଦ୍ କରୁଛନ୍ତି। ତେଣୁ ସବୁବେଳେ ଆମକୁ ଦୋଷ ଦେଲେ ହେବନି ବୋଲି କହିଛନ୍ତି।

# ସରୁନି କଲଭର୍ଟ କାମ : ମାସ ମାସ ଧରି ବନ୍ଦ ରହିଛି ବଜାର ରାସ୍ତା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ରାସ୍ତା କାମ ଚାଲିଛି। ଏପଟେ ଯିବା ଆସିବା ମନା। କାମ ଚାଲିଛି ଯେ ଚାଲିଛି। ଶୀତ ଦିନରୁ ଆରମ୍ଭ ହୋଇଥିବା କାମ ଏଯାଏଁ ସରୁନି। ତାହା ପୁଣି ସାଧାରଣ କଲଭର୍ଟ ଟିଏ। ସୋନପୁର ପୌର ପରିଷଦର ମୁଖ୍ୟ ରାସ୍ତା ଆଉ ବଡ଼ବଜାର ଅଞ୍ଚଳ। ଏହି ରାସ୍ତା ଉପରେ ନିର୍ଭର କରନ୍ତି ସହରର ୮୦ ଭାଗ ଲୋକ। କଲଭର୍ଟ ନିର୍ମାଣ ଯୋଗୁଁ ଯାତାୟାତ ଠପ, ବେପାର ମାନ୍ଦା। କଲଭର୍ଟ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କୁ କହିଲେ ସେ ଓଲଟା ମାଡ଼ ମାରିଥିବା ଅଭିଯୋଗ ହୋଇଛି।

ଠିକାଦାର ମାଡ଼ ମାରିବା ପ୍ରତିବାଦରେ ପୌର କାର୍ଯ୍ୟାଳୟକୁ ତାଲା ମାରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ସହରବାସୀ। ତୁରନ୍ତ କଲଭର୍ଟ କାମ ସରିବା ସହ ସଂପୃକ୍ତ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରିବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଠିକାଦାରଙ୍କ ବ୍ୟକ୍ତିଗତ ସମସ୍ୟା ଯୋଗୁଁ କାମ ଅଟକି ଥିଲା, ଖୁବ୍‌ଶୀଘ୍ର ସରିବ ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ। କେବଳ ଏହି ରାସ୍ତା ନୁହେଁ ଆହୁରି ଅନେକ ରାସ୍ତାରେ କାମ ଧିମା ଚାଲୁଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଠିକ୍ ଭାବରେ କାମ କରୁ ନାହାନ୍ତି ଠିକାଦାର। ମାସ ଧରି କାମ ପଡି ରହିବାରୁ ଅସୁବିଧା ହେଉଛି। ଏହାର ତୁରନ୍ତ ସମାଧାନ କରିବା ଜରୁରୀ।



# ଯୁଗ୍ମ ଅଭିଯୋଗ ଶୁଣାଣି ୧୧୪ ମାମଲା ପଞ୍ଜିକୃତ

**କେନ୍ଦୁଝର, ନ୍ୟୁଜ୍**

ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସାହାରପଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ ୧୧୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୮୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୬୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ସହାୟତା ପାଇଁ ୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଅବସରରେ ୬ ଗୋଟି ଦିବ୍ୟାଙ୍ଗ ମାନଙ୍କୁ ହୁଇଲ ଚେୟାର ପ୍ରଦାନ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅଭିଯୋଗ ଶୁଣାଣି ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସକାଳ ୭ରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

# ସବ୍‌ସ୍କ୍ରିପ୍‌ସନ୍ ଆଳରେ ରାଜଧାନୀରେ ବଢୁଛି ଠକେଇ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ୟୁ-ଟ୍ୟୁବ୍ ଚ୍ୟାନେଲ ସବ୍‌ସ୍କ୍ରିପ୍‌ସନ୍ ଆଳରେ ଠକେଇ ମାମଲା ରାଜଧାନୀରେ ବଢୁଛି। ଲୋକଙ୍କ ଭିଡିଓ ଲାଇକ୍, ସେୟାର କଲେ ଟଙ୍କା ମିଳିବାର ଲୋଭ ଦେଖାଉଛନ୍ତି। ଲୋକେ ଏହାର ଲୋଭରେ ପଡ଼ି ଟଙ୍କା ହରାଉଛନ୍ତି। ଏହି ଠକେଇର ଚେର ୮ଟି ରାଜ୍ୟକୁ ବ୍ୟାପିଛି। ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ, ବିହାର, ଓଡ଼ିଶା, ମହାରାଷ୍ଟ୍ର, ରାଜସ୍ଥାନକୁ ବ୍ୟାପିଛି। ଏହି ରାକେଟ୍ ପଛରେ ଥିବା ଅଭିଯୁକ୍ତ ଦେଶ ବାହାରେ ବସି ଠକେଇ କରୁଥିବା ଜଣାପଡ଼ିଛି । ବିଶେଷ କରି ସେମାନେ ବଡ଼ ବଡ଼ ସହରକୁ ଟାର୍ଗେଟ କରି ଲୋକଙ୍କୁ ଠକେଇ କରୁଛନ୍ତି। କାରଣ ସହରରେ ଅଧିକାଂଶ ଲୋକେ ଆଣ୍ଡ୍ରୋଏଡ୍ ମୋବାଇଲ୍ ଫୋନ୍ ବ୍ୟବହାର କରୁଛନ୍ତି। ସେଥିରୁ ଅନେକ ଲୋକେ ୟୁ-ଟ୍ୟୁବ୍ ଦେଖିବା ସହ ୟୁ-ଟ୍ୟୁବ୍‌ରେ ଭିଡିଓ କରି ଛାଡୁଛନ୍ତି। ଏହାକୁ ସୁଯୋଗରେ ଅଭିଯୁକ୍ତମାନେ ୟୁ-ଟ୍ୟୁବ୍ ସବ୍‌କ୍ରିସନ୍ କରି ଟଙ୍କା ମିଳିବାର ଲୋଭ ଦେଖାଇ ଟଙ୍କା ଠକି ନେଉଛନ୍ତି। ପଟିଆ ଅଞ୍ଚଳର ମଞ୍ଜୁରୀ ଦେହୁରୀ ୨୦ ଲକ୍ଷ ଟଙ୍କା ଠକାମିର ଶିକାର ହେବା ପରେ ଘଟଣା ପଦାକୁ ଆସିଛି। ଏହା ପୂର୍ବରୁ ସେକ୍ ଆଲାମ ମଧ୍ୟ ୧୦ ଲକ୍ଷ ସାଇବର ଠକେଇର ଶିକାର ହୋଇଥିଲେ। ତାଙ୍କୁ ପ୍ରଥମେ ଇନ୍‌ଷ୍ଟାଗ୍ରାମ୍ ଭିଡିଓ ଲାଇକ୍ କରିବାକୁ କହୁଯାଇଥିଲା। ଏହାପରେ ସେ ଲାଇକ୍ କରିବା ପରେ ତାଙ୍କ ଆକାଉଣ୍ଟରୁ ୨ଶହ ଟଙ୍କା ଆସିଥିଲା। ଏହା ପରେ ସାଇବର ଠକ ତାଙ୍କୁ ଟଙ୍କା ଲଗାଇବାକୁ କହିଥିଲେ। ସେ ଲୋଭରେ ପଡ଼ି ଏକାଧିକ ଟଙ୍କା ଲଗାଇ ଠକାମିର ଶିକାର ହୋଇଥିଲେ। ଏହି ରାକେଟ୍‌ରେ ମାଷ୍ଟର ମାଇଣ୍ଡ ଭୁବନେଶ୍ୱରରେ ରହୁଥିବା ୫ହଜାର ଲୋକଙ୍କୁ ଠକେଇ କରିଥିବା ଜଣାପଡ଼ିଛି। ପ୍ରତି ସବ୍‌ସ୍କ୍ରିପ୍‌ସନ୍ ପିଛା ୫୦ ଟଙ୍କା ମିଳିବାର ଲୋଭ ଦେଖାଇ ଲୋକଙ୍କ ଆକୃଷ୍ଟ କରିଥିଲେ। ପରେ ସେମାନଙ୍କୁ ଟଙ୍କା ଜମା କରି ଦୁଇ ଗୁଣିତ ସୁଧ ପାଇବାର ଲୋକ ଦେଖାଇ ଟଙ୍କା ନେଇ ଚମ୍ପଟ ମାରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଟଙ୍କା ଦେଉନଥିଲେ, ଫୋନ୍ ବନ୍ଦ କରିଦେଉଥିଲେ।

# ଅଧିକ ଧାନ ଓ ଅର୍ଥକରୀ ଫସଲ ଉତ୍ପାଦନ ପାଇଁ ଚାଷୀଙ୍କୁ ଆହ୍ୱାନ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟା ଦିବସ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ୨୦୨୫ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆୟୋଜିତ କୃଷକ ଦିବସ ପାଳନରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରମ୍ପରିକ ପୂଜାର୍ଚ୍ଚନା ପରେ ଅକ୍ଷୀମୁଠି ଅନୁକୂଳ କରିଥିଲେ। ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅକ୍ଷୟ ତୃତୀୟା ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ଚଳିତ ଖରିଫ ଋତୁରେ କୃଷି ଆୟକୁ ଦ୍ୱିଗୁଣିତ କରିବା ଲକ୍ଷ୍ୟରେ କୃଷି ପ୍ରଧାନ ସୁବର୍ଣ୍ଣପୁର ଜିଲ୍ଲାରେ ଧାନ ସହ ଅଧିକରୁ ଅଧିକ ଅର୍ଥନୈତିକ ଚାଷ ଉପରେ ଧ୍ୟାନ ଦେବାକୁ ଚାଷୀଙ୍କୁ ଆହ୍ୱାନ ଦେଇଛନ୍ତି। ଚଳିତ କୃଷିବର୍ଷରେ ସମଗ୍ର ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ ୧ଲକ୍ଷ ୨୮ହଜାର ହେକ୍ଟରରେ ଧାନଚାଷ ସହ ଅଣଧାନ ଚାଷ କରିବାକୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଥିବାବେଳେ ୭୦ ହଜାର ହେକ୍ଟରରେ ଧାନଚାଷ ଏବଂ ବୀରମହାରାଜପୁର ଓ ସଦର ସୁବର୍ଣ୍ଣପୁର ବ୍ଲକରେ ୨ହଜାର ହେକ୍ଟରରେ ପ୍ରଥମଥର ପ୍ରାକୃତିକ କୃଷି ଅଭିଯାନରେ ଜୈବିକ ଧାନଚାଷକୁ ଗୁରୁତ୍ୱ ଦିଆଯାଇଛି। ମୃତ୍ତିକା ପରୀକ୍ଷଣ,କମ୍ପୋଷ୍ଟ ଖତ, ଜିଆ ଖତ ବ୍ୟବହାର ସହ ଜଳର ସୁପରିଚାଳନାକୁ ଗୁରୁତ୍ୱ ଦେବାକୁ କେ.ବି.କେ କୃଷି ବିଜ୍ଞାନୀ ବିଶ୍ୱରଞ୍ଜନ ପଟ୍ଟନାୟକ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କୃଷି ଅଧିକାରୀ ସୋନପୁର ଉପଖଣ୍ଡ ଘନଶ୍ୟାମ ଦେହୁରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ରହିଥିଲେ। ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କୃଷକ ଦିବସ ପାଳନର ଶୁଭ ଅବସରରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନ ଚରଣ ମାଝୀ ଆଭାସୀ ଜରିଆରେ ଖରିଫ ୨୦୨୫ ସିଏମ କିସାନ ସହାୟତା ରାଶିର ହସ୍ତାନ୍ତର କରିଛନ୍ତି। କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାର ବହୁ ଅଗ୍ରଣୀ ଚାଷୀ, କୃଷକ ଅନୁଷ୍ଠାନର ସଦସ୍ୟ ସଦସ୍ୟା ତଥା ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ଯୋଗଦାନ କରିଥିଲେ।

# ପ୍ଲାଷ୍ଟିକ ବ୍ୟବହାର ଉପରେ ଲାଗୁନି ରୋକ୍ : ବଢୁଛି ପ୍ରଦୂଷଣ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଦିନକୁ ଦିନ ରାଜ୍ୟରେ ପ୍ରଦୂଷଣ ବଢିବାରେ ଲାଗିଛି। ଫଳରେ ମାନବ ସମାଜ ଉପରେ ଏହାର କୁପ୍ରଭାବ ପଡୁଛି। ବର୍ତ୍ତମାନର ସଭ୍ୟତା, ସୁସ୍ଥ ପରିବେଶ ଓ ଜଳବାୟୁ ଉପରେ ସମ୍ପ୍ରତି ଏହାର ପ୍ରଭାବ ପଡୁଛି। ବିଶେଷ କରି ରାଜ୍ୟରେ ପ୍ଲାଷ୍ଟିକର ବ୍ୟବହାର ଏବେ ମୁଖ୍ୟ କାରଣ ପାଲଟିଛି। ହାଟ ବଜାର ଓ ହୋଟେଲ ଆଉ ରେଷ୍ଟୁରାଣ୍ଟରେ ପ୍ରବଳ ମାତ୍ରାରେ ପ୍ଲାଷ୍ଟିକ୍‌ର ବ୍ୟବହାର ବଢି ଚାଲିଛି। ପ୍ଲାଷ୍ଟିକ ମୁକ୍ତ ଭାରତ କେବଳ ଭାଷଣରେ ସୀମିତ ରହିଛି। ଏବେ ଯାଜପୁର ଜିଲା ଧର୍ମଶାଳା, ବଡ଼ଚଣା, ରସୁଲପୁର ଓ ବରୀ ଆଦି ଅଞ୍ଚଳରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ଦେଖିବାକୁ ମିଳିଛି। ହାଟରୁ ସଉଦା ଆଣିବା ଠାରୁ ଆରମ୍ଭ କରି ପ୍ଲାଷ୍ଟିକରେ ଜଳଖିଆ ଆଦିରେ ବହୁ ବ୍ୟବହାର ଦେଖିବାକୁ ମିଳିଛି। ଫଳରେ ମଣିଷ ଜୀବନ ଉପରେ ବେଶ ପ୍ରଭାବ ପଡୁଛି। ଏ ଦିଗରେ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସରକାରୀ ସ୍ତରରେ ସଚେତନ କରାଯାଉଥିଲେ ମଧ୍ୟ ଏହାର ପ୍ରଭାବ ପଡୁ ନ ଥିବା ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି। ଆଗକୁ ଏହା ଉପରେ ରୋକ ଲଗା ନଗଲେ ମଣିଷ ସ୍ୱାସ୍ଥ୍ୟ ଉପରେ ବେଶ ପ୍ରଭାବ ପଡ଼ିବ।

ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ କେବଳ କିଛି ସମୟ ପାଇଁ ସଚେତନ କରୁଥିବା ବେଳେ ବ୍ୟବହାରକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବା ସହ ପ୍ଲାଷ୍ଟିକ ତିଆରି କମ୍ପାନୀ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଫଳରେ ଗାଁ ଗଣ୍ଡାରେ ପ୍ଲାଷ୍ଟିକର ବହୁଳ ବ୍ୟବହାର ହେଉଛି। ଏ ଦିଗରେ ସରକାର କଡ଼ା ଆଭିମୁଖ୍ୟ ନେବାକୁ ପଡିବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି।

# ଏକତରଫା ପ୍ରେମରୁ ହତ୍ୟାକାଣ୍ଡ

**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଗାଁରେ ଘରେ ପରିବାର ଲୋକ ନଥିବା ବେଳେ ଜଣେ ନାବାଳିକାକୁ ବିଭତ୍ସ ହତ୍ୟା କରାଯାଇଛି। ଏକତରଫା ପ୍ରେମ ପାଇଁ ଏହି ଆଇଟିଆଇ ପଢୁଆ ନାବାଳିକାକୁ ପ୍ରେମିକ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ପରିବାର ଲୋକଙ୍କ ଅଭିଯୋଗ ଯେ, ତାଙ୍କ ଝିଅକୁ ପାଖ ଗାଁର ଜଣେ ଯୁବକ କିଛି ଦିନ ହେଲା ଏକତରଫା ପ୍ରେମ କରୁଥିଲା। ଏଥିରେ ସେ ନିରାଶ ହୋଇ ହତ୍ୟାକାଣ୍ଡ ଘଟାଇଛି। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଜବତ କରି ଘଟଣା ସଂପର୍କରେ ତଦନ୍ତ କରୁଛି ।

# ଟୋପାଏ ପାଣି ପାଇଁ ଡହଳ ବିକଳ ଗମ୍ଭାରିଆ କେନ୍ଦୁଘୁଟୁ ସାହିବାସୀ

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ରାଜ୍ୟରେ ଗ୍ରୀଷ୍ମ ପ୍ରକୋପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ତା ସାଙ୍ଗକୁ ତାଳ ଦେଇ ପିଇବା ପାଣିର ଅଭାବୀକରଣ ଯୋଗୁଁ ଲୋକେ ମୁନ୍ଦାଏ ପାଣି ପାଇଁ ଡହଳ ବିକଳ ହେଉଛନ୍ତି। ଏହା ସହିତ ବସୁଧା ଯୋଜନାରେ ଘରକୁ ଘର ସଂଯୋଗ ହୋଇଥିବା ପାଣି ପାଇପରେ ମଧ୍ୟ ସାତ ଆଠ ଦିନରେ ଥରେ ପାଣି ଆସୁଥିବାରୁ ପିଇବା ପାଣି ପାଇଁ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାହିରେ ଥିବା ଏକମାତ୍ର ନଳକୂପ ଅଚଳ ହୋଇପଡ଼ିଛି। ଫଳରେ ପିଇବା ପାଣି ସାହିବାସୀଙ୍କୁ ୩ ରୁ ୪ କିଲୋମିଟର ଯାଇ ସଂଗ୍ରହ କରିବାକୁ ପଡୁଛି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଖୋଦ୍ ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାରେ। ସୂଚନା ଅନୁଯାୟୀ, ଓଡ଼ିଶାର ଭାତ ହାଣ୍ଡି ବୋଲାଉଥିବା କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ୍ ବଡ଼ନଇ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିଆ ଗ୍ରାମର କେନ୍ଦୁଘୁଟୁ ସାହି। ଏହି କେନ୍ଦୁଘୁଟୁ ସାହିରେ ତିରିଶରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ଏଠାରେ ଥିବା ଏକମାତ୍ର ନଳକୂପ ହିଁ ତାଙ୍କର ସାହା ଭରସା। ମାତ୍ର ଉକ୍ତ ନଳକୂପଟି ଦୀର୍ଘ ଦିନରୁ ଅଚଳ ହୋଇ ପଡ଼ିଥିବାରୁ ତାହା ସାହିବାସୀଙ୍କ କାମରେ ଲାଗି ପାରୁ ନାହିଁ। ଏହା ସହିତ ଗ୍ରାମରେ ପାଇପ ଯୋଗେ ପିଇବା ପାଣି ଯୋଗାଇବା ପାଇଁ ବସୁଧା ଯୋଜନାରେ ଘରକୁ ଘର ଷ୍ଟାଣ୍ଡପୋଷ୍ଟ ଲାଗିଥିଲେ ମଧ୍ୟ ପାଇପ ଯୋଗେ ଆସୁଥିବା ପାଣି ମଧ୍ୟ ସାତ- ଆଠ ଦିନରେ ଥରେ ଲେଖାଏଁ ଆସୁଥିବାରୁ ସାହି ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାହିବାସୀ ପାଣି ସମସ୍ୟା ନେଇ ଜଳ ଯୋଗାଣର ଟୋଲ ଫ୍ରି ନମ୍ବରରେ ବାରମ୍ବାର ଯୋଗାଯୋଗ କରିଥିଲେ ସୁଦ୍ଧା ପାଣି ସମସ୍ୟାର ସମାଧାନ ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ। ଯାହାକୁ ନେଇ ସାହିବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ଅତି ଶୀଘ୍ର ଅଚଳ ନଳକୂପକୁ ସଜାଡ଼ିବା ସହ ବସୁଧା ଯୋଜନାରେ ପ୍ରତ୍ୟେକ ଦିନ ପାଇପ ପାଣି ଛାଡ଼ିବାକୁ ସାହିବାସୀ ଦାବି କରିଛନ୍ତି।

# ଚାକିରି ଦେବା ଆଳରେ ଆଉ ଏକ ଅଭିନବ ଠକେଇ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ନରଣପୁର ଅନ୍ତର୍ଗତ କପିଳେଶ୍ୱର ବିହାରରେ ଥିବା ଏକ ସଂସ୍ଥା ଦୀର୍ଘ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଚାକିରି ଦେବା ନାମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ପିଲାଙ୍କୁ ଆଣି ସେମାନଙ୍କ ଠାରୁ ଲକ୍ଷ ଲକ୍ଷ ଠକି ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଢେଙ୍କାନାଳ ଗଁଦିଆ ବ୍ଲକ ଅନ୍ତର୍ଗତ ନିହାଲପ୍ରସାଦ ଗ୍ରାମର ସୀତା ପ୍ରଧାନ ଓ ବନମାଳୀ ପ୍ରଧାନଙ୍କ ଝିଅ ଅନୁସୁୟା ନାଏକଙ୍କୁ ପୁଷ୍ପାଞ୍ଜଳି ଏଣ୍ଟରପ୍ରାଇଜର୍ସ ନାମକ ଏକ ଘରୋଇ ସଂସ୍ଥାର ଲିଜା ଭୋଇ ନାମକ ଜଣେ ଝିଅ ୧୫ ହଜାର ଦେଲେ ଚାକିରି କରାଇ ଦେବା ନାମରେ ଏଠାକୁ ପ୍ରଶିକ୍ଷଣ ଦେବା ପାଇଁ ଡାକିବା ପରେ ଏହି କଥା ଜଣାପଡ଼ିଲା। ଲିଜା ଭୋଇ ନାମକ ସଂସ୍ଥାର ଜଣେ ଏଜେଣ୍ଟ ଫୋନ ଯୋଗେ ଚାକିରୀ ଦେବା ନାମରେ କେନ୍ଦୁଝରକୁ ଡାକିଥିଲେ। ଏଠାରେ ପହଞ୍ଚିବା ପରେ ସେ ଦଶ ହଜାର ଟଙ୍କା ଦେଇଥିଲେ। ଏଠାରେ ରହିବା ପରେ ତାଙ୍କଠାରୁ ମୋବାଇଲ ଫୋନ ଛଡାଇ ରଖା ଯାଇଥିଲା। ଅନୁସୂୟା ପ୍ରଶିକ୍ଷଣ ନେବା ବେଳେ ଏହି ସଂସ୍ଥା ଉପରେ ସନ୍ଦେହ ସୃଷ୍ଟି ହେବାରୁ ସେ ଘରକୁ ଫେରିଯିବା ପାଇଁ କହିଥିଲେ। ସେ ତାଙ୍କ ମାଆ ବାପାଙ୍କୁ ଏ ବିଷୟରେ ଜଣାଇବା ପରେ ପରିବାର ଲୋକେ କେନ୍ଦୁଝରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଣ୍ଡିଆନ ବାଇ ବାର୍ଥର ସତ୍ୟ ରଞ୍ଜନ ସାହୁ ଓ ସୁନୀଲ କୁମାର ବେହେରାଙ୍କ ସହ ଯୋଗାଯୋଗ କରି ଝିଅକୁ ଉଦ୍ଧାର କରିବାରେ ସାହାଯ୍ୟ କରିବାକୁ ଅନୁରୋଧ କରାଥିଲେ। ପୋଲିସ ସହାୟତାରେ ଅନୁସୂୟାଙ୍କୁ ଉଦ୍ଧାର କରି ଟାଉନ ଥାନା ପୋଲିସ କେଶ ନମ୍ବର ୨୫୦/୨୦୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହା ସହିତ ବିଭିନ୍ନ ସ୍ଥାନରୁ ଚାକିରି ଦେବାକୁ କହି ଡାକୁଥିବା ଦୁଇ ଏଜେଣ୍ଟ ପୋଲିସ ଲିଜା ଭୋଇ ଓ ପୂଜାରାଣୀ ମୁଦୁଲିଙ୍କୁ ଅଟକ ରଖି ପଚରାଉଚରା କରୁଥିବା ଜଣା ପଡିଛି। ଏହି ସଂସ୍ଥା ପ୍ରଶିକ୍ଷଣ ଦେଉଥବା ସ୍ଥାନରେ କୌଣସି ସଂସ୍ଥାର ସୂଚନା ଫଳକ ଲଗାଇ ନଥିବା ବେଳେ ପ୍ରଶିକ୍ଷଣ ଦେଉଥିବା ସ୍ଥାନ ବାହାରେ କିଛି ଅସାମାଜିକ ଯୁବକ ପ୍ରଶିକ୍ଷଣ ସମୟରେ ବାହାରେ ଜଗି ବସୁଛନ୍ତି। କେହି କିଛି ବାହାରେ ପ୍ରକାଶ କଲେ ସେମାନଙ୍କୁ ଚାକିରି ମିଳିବ ନାହିଁ ଓ ବାହାର କରିଦିଆଯିବ ବୋଲି ଧମକ ଦିଆ ଯାଉଥିବାରୁ ଏଠାରେ ରହୁଥିବା ଅନ୍ତେବାସୀମାନେ କାହାକୁ କିଛି ବି ପ୍ରକାଶ କରିବାକୁ ଭୟ କରୁଛନ୍ତି । ନବ ନିର୍ମିତ ଘର ଓ ବଡ଼ ବଡ଼ ଅଟ୍ଟାଳିକା ମାନଙ୍କରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥାଇ ମଧ ବହୁ ସଂଖ୍ୟକ ପିଲାଙ୍କୁ ମେସ କରି ରଖାଯାଉଛି। ଏହି ମେସ ଗୁଡିକରେ ନା ରହିଛି ଅଗ୍ନି ନିର୍ବାପକ ବ୍ୟବସ୍ଥା ନା ଝିଅମାନଙ୍କ ସୁରକ୍ଷା ପାଇଁ ସିସିଟିଭି। ବିନା ଅନୁମତିରେ ଟଙ୍କା ଲୋଭରେ ମେସ ପାଇଁ ଘର ମାଲିକମାନେ ଘର ଦେଉଛନ୍ତି। ଏହି ସଂସ୍ଥା ଚଳାଇବା ପାଇଁ କୌଣସି ସରକାରୀ ଅନୁମତି ନଥିବାରୁ କେନ୍ଦୁଝରର ଟାଉନ ବାହାରେ ସାଧାରଣ ଲୋକଙ୍କ ଆଢୁଆଳରେ ଟ୍ରେନିଙ୍ଗ ସେଣ୍ଟର କରାଯାଇଛି। ସଂସ୍ଥା ଚାଲୁଥିବା ସ୍ଥାନରେ କୌଣସି ସୂଚନା ଫଳକ କି ହୋଡିଙ୍ଗ ନାହିଁ। ସଂସ୍ଥାର ନାମ, ଏହାର ମୁଖ୍ୟ କାର୍ଯ୍ୟାଳୟ ଓ ରେଜିଷ୍ଟ୍ରେସନ ଆଦିର କୌଣସି ସୂଚନା କାହା ପାଖରେ ନାହିଁ। ଏପରିକି ଭଡ଼ାରେ ଦେଇଥିବା ଘର ମାଲିକଙ୍କ ପାଖରେ ବି ନାହିଁ। ସଂସ୍ଥା ବାହାରେ ଜଗି ରହୁଥିବା ସୁପରଭାଇଜର ମାନଙ୍କ ତରଫରୁ ଏହା ଏକ ଏଫଏମସିଜି ସାମଗ୍ରୀ ବିକ୍ରି କରିବା ପାଇଁ ପିଲାଙ୍କୁ ଟ୍ରେନିଂ ଦେଉଥିବା କୁହା ଯାଉଛି। ଗଜପତି, ଢେଙ୍କାନାଳ, କନ୍ଧମାଳ, ନୟାଗଡ଼, ଜଗତସିଂହପୁର, କେନ୍ଦ୍ରାପଡା, ଗଞ୍ଜାମ ପରି ଦୂର ଦୁରାନ୍ତ ଜିଲାର ଆର୍ଥିକ ଅନଗ୍ରସର ଶତାଧିକ ପିଲାଙ୍କୁ ଆଣି ଏଠାରେ ପ୍ରଶିକ୍ଷଣ ଦିଆ ଯାଉଥିବା ବେଳେ ସେମାନଙ୍କୁ ଧମକ ଚମକ ଦେଇ କାହାକୁ କିଛି ନ କହିବାକୁ କୁହା ଯାଇଛି। ବାହାରେ କାହା ସହ ନ ମିଶିବାକୁ ମଧ୍ୟ ଧମକ ଦିଆ ଯାଉଛି। ପ୍ରତ୍ୟେକ ସମୟରେ ନୂଆ ନୂଆ ପିଲା ଏଠାକୁ ଆସୁଥିବା ବେଳେ ସଂସ୍ଥା ବିଷୟରେ ଅଧିକ ଜାଣିବାକୁ ଚାହିଁଲେ ସେମାନଙ୍କୁ ଏଠାରୁ ପଠାଇ ଦିଆ ଯାଉଛି। ଗୋଟିଏ ଗୋଟିଏ ରୁମ୍‌ରେ ଦଶ ଜଣ ପର୍ଯ୍ୟନ୍ତ ପିଲା ଗୁହାଳ ପରି ରହୁଛନ୍ତି। ପୋଲିସ କେନ୍ଦୁଝରରେ ସଂସ୍ଥା ଚଳାଉଥିବା ଶୁଭେନ୍ଦୁ କୁମାର ଭୋଇ, ଲିଜା ଭୋଇ ଓ ପୂଜାରାଣୀ ମୁଦୁଲିଙ୍କ ନାମରେ ମାମଲା ରଜୁ କରିଥିବା ବେଳେ ଶୁଭେନ୍ଦୁ କୁମାର ଭୋଇ ଏପରି ସ୍ଥିତିରେ ପୋଲିସ ଭୟରେ ଫେରାର ଅଛନ୍ତି। ଯେଉଁମାନେ ଏକାଧିକ ପିଲାଙ୍କୁ ଆଣି ଏଠାରେ ପହଞ୍ଚାଇବେ ସେମାନଙ୍କୁ ଇନସେଣ୍ଟିଭ ପ୍ରଦାନ କରାଯିବା ସହ ମୋବାଇଲ ବ୍ୟବହାର କରିବାକୁ ଅନୁମତି ମିଳିବ ବୋଲି ଜଣାପଡ଼ିଛି। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ କିଏ ଏ ସଂସ୍ଥା ଚଳାଉଛି ସେ ବିଷୟରେ କାହା ପାଖରେ କିଛି ସୂଚନା ନାହିଁ। ଏ ବିଷୟରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହ ଅନେକ ଚାକିରୀ ଲୋଭରେ ଆସୁଥିବା ବେକାର ଯୁବକ ଯୁବତୀଙ୍କ ଭବିଷ୍ୟତର ସୁରକ୍ଷା ପାଇଁ ପ୍ରଶାସନିକ ସ୍ତରରେ ତଦନ୍ତର ତତ୍ପରତା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# କୂଅରୁ ଉଦ୍ଧାର ହେଲା ଜଙ୍ଗଲୀ କୁଟୁରା

**ନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**



ସ୍ଥାନୀୟ ରାଣୀଦୁଡୁମା ନିକଟସ୍ଥ ଜଙ୍ଗଲରୁ ଏକ କୁଟୁରା ଗାଁ ଭିତରକୁ ପଶି ଆସିଥିଲା। ସୂଚନା ଅନୁସାରେ କୁଟୁରାଟି ଜଙ୍ଗଲ ଭିତରୁ ଅଚାନକ ଗାଁ ଭିତରକୁ ବାଟବଣା ହୋଇ ପଶିଯିବା ପରେ ଗାଁ ପିଲାମାନେ ତାକୁ ଏଣେ ତେଣେ ଗୋଡ଼ାଇଥିଲେ। ପ୍ରାଣ ବିକଳରେ କୁଟୁରାଟି ସ୍ଥାନୀୟ ଗୌଡ଼ସାହି ଦେଇ ହନୁମାନ ମନ୍ଦିର ହତା ଡେଇଁ ବ୍ରାହ୍ମଣ ସାହି ନିବାସୀ ଗୋପାଳ ବେବର୍ତ୍ତାଙ୍କ ବାଡ଼ିରେ ଥିବା କୂଅ ଭିତରକୁ ଡେଇଁପଡ଼ିଥିଲା। ସ୍ଥାନୀୟ ବନବିଭାଗ ଅଧିକାରୀ ଗୋପୀନାଥ ପାଙ୍ଗିଙ୍କୁ ସୂଚନା ଦିଆଯିବା ପରେ ନନ୍ଦପୁର ଅଗ୍ନିଶମ ବିଭାଗଙ୍କ ସହାୟତାରେ ନିରୀହ ଜନ୍ତୁଟିକୁ କ୍ଷତାକ୍ତ ଅବସ୍ଥାରେ କୂଅ ଭିତରୁ ଉଦ୍ଧାର କରି ବନ ବିଭାଗ କାର୍ଯ୍ୟାଳୟକୁ ଅଣାଯାଇଥିଲା। ସେଠାରେ ତାକୁ ପ୍ରାଥମିକ ଚିକିତ୍ସା ପରେ ସୁରକ୍ଷିତ ରଖାଯାଇଛି। କୁଟୁରାଟିର ବୟସ ଆନୁମାନିକ ୩ ବର୍ଷ ହୋଇଥିବ ବୋଲି ବନ ବିଭାଗ ତରଫରୁ ସୂଚନା ମିଳିଛି। କୁଟୁରା ଛୁଆଟିକୁ ଦେଖିବାକୁ ସ୍ଥାନୀୟ ଅଞ୍ଚଳ ବାସୀଙ୍କ ଭିଡ଼ ଜମିଥିଲା।

# ଭୋଗରାଇ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସକ ଅଭାବ ନିରାଶ ହୋଇ ଫେରୁଛନ୍ତି ଗୋ-ପାଳକ

**ଭୋଗରାଇ, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାର ଗୋ-ସମ୍ପଦର ବିକାଶ ଦିଗରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ପ୍ରାଣୀଧନ ସହାୟକ କେନ୍ଦ୍ର କରାଯାଇଛି। ହେଲେ ସରକାରୀ ଅବହେଳା ପାଇଁ କେଉଁଠି ପ୍ରାଣୀ ଚିକିତ୍ସାଳୟରେ ତାଲା ଝୁଲୁଛି ତ ଆଉ କେଉଁଠି ଚିକିତ୍ସାଳୟରେ ପ୍ରାଣୀ ଚିକିତ୍ସକ ନାହାନ୍ତି। ଫଳରେ ନିରାଶ ହୋଇପଡ଼ିଛନ୍ତି ସ୍ଥାନୀୟ ବାସିନ୍ଦା। ଭୋଗରାଇ ବ୍ଲକର ୨ଟି ଗୋଷ୍ଠୀ ପ୍ରାଣୀ ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଚିକିତ୍ସାଳୟରେ ୪ଟି ରୁ ୨ଟି ଡାକ୍ତର ପଦବୀ ଖାଲିପଡ଼ିଛି। ଚତୁର୍ଥଶ୍ରେଣୀ କର୍ମଚାରୀ ପଦବୀ ବି ପୂରଣ ହୋଇପାରୁନି।

ଏହାସହ ବ୍ଲକ ଅଧୀନରେ ୧୧ଟି ପ୍ରାଥମିକ ପ୍ରାଣୀ ଚିକିତ୍ସା ସହାୟକ କେନ୍ଦ୍ର ରହିଛି। ସେଠାରେ ବି ପ୍ରାଣୀ ଚିକିତ୍ସକ ନଥିବାରୁ ବର୍ଷ ବର୍ଷ ଧରି କେନ୍ଦ୍ର ଗୁଡ଼ିକରେ ତାଲା ଝୁଲୁଛି। ୩ଟି ପ୍ରାଥମିକ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବିଦ୍ୟୁତ୍ ସଂଯୋଗ ହୋଇପାରିନି ! ଫଳରେ ଚିକିତ୍ସାଳୟ ଗୁଡ଼ିକରେ ସ୍ଥାନୀୟ ଲୋକ ଜାଳେଣି କାଠ ରଖିଥିବାର ଦେଖିବାକୁ ମିଳୁଛି। ଜରୁରୀ କାଳୀନ ଭିତ୍ତିରେ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକ ଔଷଧ ମିଳୁନାହିଁ।

ଚିକିତ୍ସାଳୟକୁ ଠିକ୍ ସେ ଔଷଧ ଆସୁନାହିଁ, ସରକାରଙ୍କ ପକ୍ଷରୁ ଅଧିକ ପ୍ରାଣୀ ଚିକିତ୍ସାଳୟ ଖୋଲା ଗଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମତ ପ୍ରକାଶ କରିଛନ୍ତି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ। ଭୋଗରାଇ ବ୍ଲକର ୧୧ଟି ପ୍ରାଥମିକ ପ୍ରାଣୀ ଚିକିତ୍ସକ ହାତରେ ୫୦ଟି ପଞ୍ଚାୟତର ଗୃହପାଳିତ ପଶୁପକ୍ଷୀଙ୍କ ଭାଗ୍ୟ ନିର୍ଭର କରୁଛି। ହେଲେ ଚିକିତ୍ସାଳୟ ଗୁଡ଼ିକରେ ଏପରି ଅବସ୍ଥା ଲୋକଙ୍କୁ ନିରାଶ କରିଛି।

# ଦିରିବିଗୁଡ଼ା ଗ୍ରାମ ଆରଡ଼ି ରାସ୍ତା ଠାରୁ ଗ୍ରାମକୁ ରାସ୍ତା ନିର୍ମାଣ ଦାବି

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଫାମ୍ପୁଣି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦିରିବିଗୁଡ଼ା ଗ୍ରାମ ଆରଡ଼ି ରାସ୍ତା ଠାରୁ ଗ୍ରାମକୁ ରାସ୍ତା ନିର୍ମାଣ କରିବାକୁ ଦାବି କରାଯାଇଛି। ଦିରିବିଗୁଡ଼ା ଗ୍ରାମ ଏକ ଆଦିବାସୀ ଅଧ୍ୟୁଷିତ ଗ୍ରାମ ଅଟେ । ଏହି ଗ୍ରାମରେ ପରଜା, ହରିଜନ ଓ ଗୌଡ଼ ଜାତିର ପ୍ରାୟ ୬୦ଟି ପରିବାର ବସବାସ କରୁଛନ୍ତି । ଗ୍ରାମକୁ ଯାତାୟର କୌଣସି ସୁବିଧା ନାହିଁ । ଆରଡି ରାସ୍ତା ଠାରୁ ଗ୍ରାମ ରାସ୍ତା ପ୍ରାୟ ୭ ଶହ ମିଟର ରହିଛି । ଗ୍ରାମରେ ପ୍ରାଥମିକ ବିଦ୍ୟାଳୟ ବି ନାହିଁ । ଗ୍ରାମର ଛୋଟ ଛୋଟ ଛାତ୍ରଛାତ୍ରୀ ମାନେ ଗୌଡଗୁଡା ପ୍ରାଥମିକ ବିଦ୍ୟାଳୟକୁ ପାଠ ପଢିବାକୁ ପ୍ରତ୍ୟେକ ଦିନ ଯିବା ଆସିବା କରନ୍ତି। ଉକ୍ତ ରାସ୍ତା ଖାଲ ଖାମା ଗୋଟିଏ ବାଇକ ମଧ୍ୟ ଭଲ ଭାବେ ଯାଇପାରୁ ନାହିଁ। ଜଣେ ଗର୍ଭବତୀ ମହିଳାକୁ ହସ୍‌ପିଟାଲ ନେବାକୁ ହେଲେ ୭ ଶହ ମିଟର ଖଟିଆରେ ବୋହି ନେବାପରେ ଆମ୍ବୁଲାନ୍ସରେ ବସାଇବାକୁ ପଡ଼େ। ବର୍ଷା ଦିନ ଆସିଲେ ସେ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡୁଛି। ଜଣେ ମଣିଷ ମଧ୍ୟ ଚାଲିକରି ଯାଇପାରେ ନାହିଁ। ଏନେଇ ଜିଲ୍ଲାପାଳ, ବ୍ଲକ ପ୍ରଶାସନକୁ ଜଣାଇଲେ ମଧ୍ୟ ରାସ୍ତା ମରାମତି କରାଯାଉ ନାହିଁ ବୋଲି ନିରଞ୍ଜନ ପାତ୍ର, କବେଶ ମୁଦୁଲି, ରବିନ୍ଦ୍ର କୁମାର ରାଉତ, ଡମାଇ ପରଜା, ଜଗବନ୍ଧୁ ମୁଦୁଲି, ସୁଭା ଜାନି, ଡମ୍ବୁ ରାଉତ ଅଭିଯୋଗ କରିଛନ୍ତି। ଏନେଇ ଜୟପୁର ବିଡିଓ ଶକ୍ତି ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ ଦିରିବିଗୁଡ଼ା ରାସ୍ତା ଖରାପ ଥିବା ନେଇ ଅଭିଯୋଗ ପାଇଛି। ତୁରନ୍ତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ।

# ଫସଲ ଉଜାଡ଼ିଲା କାଳବୈଶାଖୀ : ଝଡ଼ି ପଡ଼ିଛି ଅମଳକ୍ଷମ ଧାନ, ଚାଷୀ ଚିନ୍ତିତ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**



ବରଗଡ଼ ଜିଲ୍ଲାରେ ଅଳ୍ପଦିନ ପରେ ରବିଧାନ ଅମଳ ଆରମ୍ଭ ହେବ। କିନ୍ତୁ ଏବେ କାଳବୈଶାଖୀ ଜିଲ୍ଲାର ଚାଷୀଙ୍କ ପାଇଁ କାଳ ସାଜିଛି। ଏହାର ପ୍ରଭାବରେ ଭଟଲି ବ୍ଲକ ହଳଦୀପାଲି ଗ୍ରାମ ସମେତ ବିଭିନ୍ନ ଅଞ୍ଚଳରେ କୁଆପଥର ମାଡ଼ ହୋଇଛି। ଏଥିଯୋଗୁ ଧାନ ଫସଲ ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ଅମଳକ୍ଷମ ଅବସ୍ଥାକୁ ଆସିଥିବା ଧାନ ଝଡ଼ି ପଡ଼ିଛି। ସମ୍ପୃକ୍ତ ଅଞ୍ଚଳରେ ପରିବା ଫସଲ ମଧ୍ୟ ପ୍ରଭାବିତ ହୋଇଛି। ଏହାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଛି। ଅନ୍ୟପଟେ ଚିରାଚରିତ ଢଙ୍ଗରେ ରାଜସ୍ୱ ନିରୀକ୍ଷକମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି। ତେବେ ଇନପୁଟ୍ ସବ୍‌ସିଡ଼ି (କ୍ଷତିପୂରଣ ସହାୟତା) ଦାବି କଲେ ଧାନ ବିକିପାରିବେ ନାହିଁ ବୋଲି କିଛି କର୍ମଚାରୀ କହୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଏଥର ଅନୁକୂଳ ପାଗ ଯୋଗୁ ଜିଲ୍ଲାର ଉଭୟ ଜଳସେଚିତ ଏବଂ ଅଣଜଳସେଚିତ ଅଞ୍ଚଳରେ ଧାନ ଫସଲ ଭଲ ହୋଇଛି। ଆଉ ପ୍ରାୟ ଗୋଟିଏ ସପ୍ତାହ ପରେ ଅମଳ ପ୍ରକ୍ରିୟା ଜୋର୍ ଧରିବ। ଧାନ ଅମଳ ଯେତିକି ପାଖେଇ ଆସୁଛି ସମସ୍ୟା ସେତିକି ବଢ଼ି ଚାଲିଛି। ଧାନ ଅମଳକ୍ଷମ ଅବସ୍ଥାକୁ ଆସିଥିବାବେଳେ କିଛିଦିନ ତଳେ ଜିଲାର ବରଗଡ଼ ବ୍ଲକ ଅନ୍ତର୍ଗତ ଗାଇସୀମା, ଧାଙ୍ଗେର, କୁରୁଆଁ ଆଦି ଅଞ୍ଚଳର ଧାନ ଫସଲେ ଧାନକେଣ୍ଡାରୁ ଅଗାର୍ଡ଼ି ବାହାରୁଥିବା ଦେଖିବାକୁ ମିଳିଥିଲା। ସେହିପରି କଳାପାଣି, ଗାଇସୀମା ଅଞ୍ଚଳରେ ଫସଲରେ ଚକଡ଼ା (ମାଟିଆ ଗୁଣ୍ଡି) ରୋଗପୋକ ଉପଦ୍ରବ ଆରମ୍ଭ ହୋଇଥିଲା। ତାହା ନିୟନ୍ତ୍ରଣ ନ ହେଉଣୁ ଏବେ କାଳବୈଶାଖୀ ଚାଷୀଙ୍କ ଦୁଃଖ ବଢ଼ାଇ ଦେଇଛି। ଶନିବାର ରାତିରେ କାଳବୈଶାଖୀ ପ୍ରଭାବରେ କରାମାଡ଼ ହେବା ଯୋଗୁ ଭଟଲି ବ୍ଲକ ଚଢ଼େଇଗାଁ ପଞ୍ଚାୟତ ଅନ୍ତର୍ଗତ ହଳଦୀପାଲି ସମେତ ବିଭିନ୍ନ ଗ୍ରାମର ଧାନ ଓ ପରିବା ଫସଲ ଉଜୁଡ଼ି ଯାଇଛି। ହଳଦୀପାଲି ଗ୍ରାମ ଅଣଜଳସେଚିତ ହୋଇଥିବା ଯୋଗୁ ଚାଷୀମାନେ ଉଠାଜଳସେଚନ ପ୍ରକଳ୍ପ ତଥା ଗଭୀର ନଳକୂପ ମାଧ୍ୟମରେ ଚାଷକାର୍ଯ୍ୟ କରିଥିଲେ। ଫସଲ ମଧ୍ୟ ଭଲ ହୋଇଥିଲା। କିନ୍ତୁ କରାମାଡ଼ ଯୋଗୁ ଅମଳକ୍ଷମ ଅବସ୍ଥାକୁ ଆସିଥିବା ଧାନକେଣ୍ଡାରୁ ଧାନସବୁ ଝଡ଼ି ଯାଇଛି। ଏହାକୁ ନେଇ ଅଞ୍ଚଳର ଚାଷୀମାନେ ଭାଙ୍ଗି ପଡ଼ିଛନ୍ତି। ଗ୍ରାମର ସୁରଜିତ ପ୍ରଧାନ କହିଛନ୍ତି, ଏଥର ଧାନ ଫସଲ ଭଲ ହୋଇଥିଲା। କିନ୍ତୁ କରାମାଡ଼ ଯୋଗୁ ତାଙ୍କର ୧୦ଏକର ଧାନ ଫସଲ ଉଜୁଡ଼ି ଯାଇଛି। ଜିଲା ପ୍ରଶାସନ ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରି ଚାଷୀଙ୍କୁ କ୍ଷତିପୂରଣ ଯୋଗାଇ ଦେବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

ସେହିପରି ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ରମେଶ ମହାପାତ୍ର କହିଛନ୍ତି, ଭଟଲି ବ୍ଲକର ଚାଷୀମାନେ କିଛିଦିନ ତଳେ ଭୂତଳ ଜଳସ୍ତର କମିଯାଉଥିବା ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଲୋ ଭୋଲଟେଜ୍, ବାରମ୍ବାର ବିଦ୍ୟୁତ୍ କାଟ୍ ଯୋଗୁ ଗଭୀର ନଳକୂପ ମାଧ୍ୟମରେ ଚାଷକାର୍ଯ୍ୟ କରିବା ବାଧାପ୍ରାପ୍ତ ହେଉଛି ବୋଲି ସେମାନେ ଅଭିଯୋଗ କରିଥିଲେ। ଏହି କୁଆପଥର ମାଡ଼ ହେବା ଫଳରେ ହଳଦୀପାଲି ସମେତ ବିଭିନ୍ନ ଗ୍ରାମର ଚାଷୀଙ୍କ ମନୋବଳ ଭାଙ୍ଗି ଦେଇଛି। ଧାନ ଓ ପରିବା ଫସଲ ନଷ୍ଟ ହୋଇଛି। ଆମ୍ବ ଝଡ଼ି ପଡ଼ିଛି। କ୍ଷତିଗ୍ରସ୍ତ ଧାନ ଫସଲ ପାଇଁ ଇନ୍‌ପୁଟ୍ ସବ୍‌ସିଡ଼ି ଏବଂ ବୀମା କ୍ଷତିପୂରଣ ବ୍ୟବସ୍ଥା ରହିଛି। ମାତ୍ର ସରକାର ଏପର୍ଯ୍ୟନ୍ତ ପରିବା କ୍ଷୟକ୍ଷତି ଉପରେ ସେଭଳି କ୍ଷତିପୂରଣ ସହାୟତା ବ୍ୟବସ୍ଥା କରିନାହାନ୍ତି। ୩୩ ପ୍ରତିଶତରୁ ଅଧିକ ଫସଲ କ୍ଷତି ହେଲେ ଅଣଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୮୫୦୦ ଟଙ୍କା ଏବଂ ଜଳସେଚିତ ଅଞ୍ଚଳରେ ହେକ୍ଟର ପ୍ରତି ୧୭ହଜାର ଟଙ୍କା କ୍ଷତିପୂରଣ ବ୍ୟବସ୍ଥା ରହିଛି। ମାତ୍ର ଚାଷୀମାନଙ୍କୁ ତାହା ମଧ୍ୟ ମିଳୁନାହିଁ। ସେହିପରି ଫସଲ ନଷ୍ଟ ହେବାର ୭୨ଘଣ୍ଟା ମଧ୍ୟରେ କ୍ଷତିଗ୍ରସ୍ତ ଚାଷୀ ବୀମା କମ୍ପାନୀଙ୍କୁ ଲିଖିତ ଆବେଦନ କରିବା ବିଧି ବ୍ୟବସ୍ଥା ରହିଛି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅସହଯୋଗ ମନୋବୃତ୍ତି ଯୋଗୁ ଚାଷୀମାନେ ବୀମା କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି। କୁଆପଥର ମାଡ଼ରେ ପ୍ରଭାବିତ ଫସଲର ଠିକ୍ ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଭୟ ଇନ୍‌ପୁଟ୍ ସବ୍‌ସିଡ଼ି ଏବଂ ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେବା ପାଇଁ ସଂଯୁକ୍ତ କୃଷକ ସଙ୍ଗଠନର ଉପଦେଷ୍ଟା ମହାପାତ୍ର ଦାବି କରିଛନ୍ତି।





# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ଯାଜପୁର ଜିଲ୍ଲାଗସ୍ତ : ରାଜସ୍ୱ ସମୀକ୍ଷା

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯାଜପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରାଜସ୍ୱ ଅଧିକାରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏହି ବୈଠକରେ ମ୍ୟୁଟେସନ କେସ, ଓ.ଏଲ.ଆର କେସ, ଏନକ୍ରୋଚମେଣ୍ଟ କେସ, ବସୁନ୍ଧରା ଯୋଜନା, ଜନ ଗଣନା, ଭୂ-ଲେଖ, ଜଙ୍ଗଲ ଜମି, ଶିକ୍ଷାନୁଷ୍ଠାନର ଜମି ପଟ୍ଟା ହସ୍ତାନ୍ତର, ଜମି ଅଧିଗ୍ରହଣ, ବିସ୍ଥାପିତଙ୍କ ସମସ୍ୟା, ଇ-ଏମ.ପି.ଆର ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ମ୍ୟୁଟେସନ କେସ ଡିସପୋଜାଲ ସମୟ ସୀମା ମଧ୍ୟରେ ଶେଷ କରିବା, ଓ.ଏଲ.ଆର ଅପଡେଟ କରିବା, ସରକାରୀ ଜମିରୁ ଅନଧିକାର ହଟାଇବା, ବସୁନ୍ଧରା ଯୋଜନାରେ



ଭୂମିହୀନଙ୍କୁ ଜମି ଯୋଗାଇବା ସହ ଜମି ଚିହ୍ନଟ ଦେବା, ଜନଗଣନା ସମୟରେ, ଘରକୁ ଘର ବୁଲି ସର୍ଭେ କରିବା, ଭୂମିହୀନଙ୍କୁ ଚିହ୍ନଟ କରି ବସୁନ୍ଧରା/ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇଦେବା, ଜଙ୍ଗଲଜମି ଅଧିକାର ଆଇନରେ ଜନଜାତିଙ୍କୁ ଜମିପଟ୍ଟା ଯୋଗାଇଦେବା ଶିକ୍ଷାନୁଷ୍ଠାନକୁ ଜମିପଟ୍ଟା ଯୋଗାଇବା ସହ ଖେଳପଡିଆ ପାଇଁ ୨ ଏକର ଜମି ଯୋଗାଇବା, ବିସ୍ଥାପିତଙ୍କୁ ସ୍ଥାନୀୟ ଶିକ୍ଷାନୁଷ୍ଠାନରେ ନିଯୁକ୍ତିରେ ପ୍ରାଥମିକତା ଯୋଗାଇଦେବାକୁ ଉପସ୍ଥିତି ତହସିଲଦାର ଓ ରାଜସ୍ୱ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର କାମକୁ ଆସନ୍ତା କାଲିକୁ ନରଖିବା ପାଇଁ ପରାମର୍ଶ ଦେଇଥିଲେ। ଜନଗଣନା ସମୟରେ ଘରକୁ ଘର ବୁଲି ଗରିବ ଭୂମିହୀନଙ୍କୁ ଚିହ୍ନଟ କରିବା, ପ୍ରତ୍ୟେକ ମାସରେ ବି.ଡି.ଓ, ତହସିଲଦାର ବୈଠକ କରି ବସୁନ୍ଧରା ଯୋଜନାରେ ଘର ଯୋଗାଇବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ ରହି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଜିଲ୍ଲାର ରାଜସ୍ୱ ବିଭାଗର ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ସମବାୟ, ବୟନଶିଳ୍ପ, ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଯାଜପୁର ସାଂସଦ ଡା. ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ବଡ଼ଚଣା ବିଧାୟକ ଅମର କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସପନ କୁମାର ନନ୍ଦ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡି.ଏସ.ଆର, ଲାଇନ୍ ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ପରେ ମନ୍ତ୍ରୀ ଶ୍ରୀ ପୂଜାରୀ ଧର୍ମଶାଳା ଓ ବଡ଼ଚଣା ଅଞ୍ଚଳ ଗସ୍ତ କରି ରାଜସ୍ୱ ବିଭାଗର ବିଭିନ୍ନ କାର୍ଯ୍ୟ ପରିଦର୍ଶନ କରିଥିଲେ।

# ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି ରାସ୍ତା ଉପରେ ଥିବା 'ନୋ ପାର୍କିଂ' ସାଇନ ବୋର୍ଡ

**କେନ୍ଦୁଝର, ନ୍ୟୁଜ**

କୋର୍ଟ, ତହସିଲ ଅଫିସ ଦେଇ ଯାଇଥିବା ମୁଖ୍ୟ ରାସ୍ତାରେ ନୋ ପାର୍କିଂର ସାଇନ ବୋର୍ଡ ଇଟା ଦ୍ୱାରା ଭରା ଦେଇ ରଖା ଯାଇଥିବାରୁ ଜାତାୟତ କରୁଥିବା ସାଇକେଲ, ଛୋଟ ବଡ ଯାନ, ସ୍କୁଲ କଲେଜ ପିଲା ଦୁର୍ଘଟଣା ସୃଷ୍ଟି ହେବାର ଆଶଙ୍କା ଲାଗି ରହୁଛି। ଏହି ଚଳଚଞ୍ଚଳ ରାସ୍ତାରେ ଦୈନିକ ଲକ୍ଷ ଲକ୍ଷ ବିଭିନ୍ନ ବର୍ଗର ଲୋକ କଲେଜ, ସ୍କୁଲ ପିଲା ସବୁ ଜାତାୟତ କରୁଥିବା ବେଳେ ଉକ୍ତ ରାସ୍ତା ଉପରେ ଇଟା ଦ୍ୱାରା ନୋ ପାର୍କିଂ ସାଇନ ବୋର୍ଡ ନିକଟରେ ରାସ୍ତା ପାର୍ଶ୍ୱରେ ଯାନ ଧୋଇବା ଦୋକାନ ଦୁର୍ଘଟଣା ସୃଷ୍ଟି ଆହୁରି ଘନୀଭୂତ କରୁଛି। ଯାନ ଧୁଆଧୋଇ ସମୟରେ ପାଣି ସ୍ପ୍ରେ ଯୋଗୁଁ ରାସ୍ତା ଜାତାୟତ ଲୋକ ମାନଙ୍କ ଉପରେ ଛିଟିକି ପଡୁଥିବା ସାଙ୍ଗକୁ ରାସ୍ତାରେ ନୋ ପାର୍କିଂ ସାଇନ ବୋର୍ଡର ଢେରଣ ଯାନ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ଯାହାକି ଉକ୍ତ ସାଇନ ବୋର୍ଡକୁ ହଟାଇବାକୁ ଦୃଢ଼ ଦାବି ହୋଇଛି।




# ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ କଏନ୍ ଏକ୍ସଚେଞ୍ଜ ସେବା




**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ଗ୍ରାହକ ତଥା ସହରର ସମସ୍ତ ବର୍ଗର ବ୍ୟବସାୟୀମାନଙ୍କୁ କଏନ ବଣ୍ଟନ ଓ କଏନ୍ ଏକ୍ସଚେଞ୍ଜ ସେବା ପ୍ରଦାନ କରାଯାଇଛି । ପ୍ରତ୍ୟହ ଗ୍ରାହକ ଓ ଛୋଟ ବଡ଼ ବ୍ୟବସାୟୀଙ୍କୁ ଏହିଭଳି ଏକ ଟଙ୍କିଆ, ଦୁଇ ଟଙ୍କିଆ, ପାଞ୍ଚ ଟଙ୍କିଆ, ଦଶ ଓ କୋଡ଼ିଏ ଟଙ୍କିଆ କଏନ୍ ବଣ୍ଟନ କରିବା ଦ୍ୱାରା ଲୋକେ ନିଜ ନିଜର ବ୍ୟବସାୟ କାରବାରକୁ ସଠିକ୍ ଭାବେ ପରିଚାଳନା କରିବା ସହ ଦୋକାନୀ ଓ ଗ୍ରାହକଙ୍କ ସବୁ ସମସ୍ୟାର ସମାଧାନ ହୋଇ ବ୍ୟବସାୟ ବୃଦ୍ଧି ଦିଗରେ ସହାୟକ ହୋଇ ପାରିବ ବୋଲି ବ୍ୟବସାୟୀ ମନୋରଞ୍ଜନ ତ୍ରୀପାଠୀ ଓ ବାବୁଲା ମିଶ୍ର ପ୍ରକାଶ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ଷ୍ଟେଟ୍ ବ୍ୟାଙ୍କ୍ କେଶ୍ ଅଫିସର ବିଜ୍ଞାନ ବିଭାର, କର୍ମଚାରୀ ଶୁଭମ ମହାପାତ୍ର, ଆର୍ମି ଗାର୍ଡ ବିପିନ ବିହାରୀ ଦାଶ, ବବଲୁ ମେହେର ପ୍ରମୁଖ ନିୟୋଜିତ ଥିବା ବେଳେ ଶହ ଶହ ଗ୍ରାହକ ଓ ବ୍ୟବସାୟୀଙ୍କୁ କଏନ୍ ବଣ୍ଟନ କରିଥିବା ଜଣା ଯାଇଛି । ଷ୍ଟେଟ ବ୍ୟାଙ୍କର ଏତାଦୃଶ ପଦକ୍ଷେପକୁ ଜନସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଆଗାମୀ ଦିନରେ କଏନ୍‌ର କୃତ୍ରୀମ ଅଭାବକୁ ରୋକିହେବା ସହ ସମସ୍ତଙ୍କ ପାଇଁ ଆଦାନ ପ୍ରଦାନ ସହଜ ହୋଇପାରିବ ବୋଲି ଗ୍ରାହକ ମହଲରେ ଖୁସି ପ୍ରକାଶ ପାଇଛି।

# ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

**କଟକ, ନ୍ୟୁଜ ବ୍ୟୁରୋ**

ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକ ଆନୁକୂଲ୍ୟରେ, ଅନ୍ତର୍ଜାତୀୟ ଶ୍ରମିକ ଦିବସ ୨୦୨୫ ସାରଳା ଭବନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଅବସରରେ ସମାଜ ପ୍ରତି ଶ୍ରମିକମାନଙ୍କର ଅବଦାନ ଏବଂ ବଳିଦାନକୁ ସ୍ମରଣ କରି ଓଡ଼ିଶା ନ୍ୟାୟାଳୟର ବରିଷ୍ଠ ବିଚାରପତି ତଥା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିବାହୀ ଅଧକ୍ଷ ସଙ୍ଗମ୍ କୁମାର ସାହୁ ଯୋଗ ଦେଇ ଶ୍ରମିକଙ୍କ ଅଧିକାର ପାଇଁ ଏକତା, ସାମାଜିକ ନ୍ୟାୟ ସେମାନଙ୍କୁ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦେବା ସେମ ସମାନଙ୍କର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିବା, ସେମାନେ କିପରି ଭଲ ପରିବେଶରେର କାମ କରିବେ, ଭଲରେ ରହିବେ, ସେମାନଙ୍କର ପିଲାମାନେ କିପରି ଭଲରେ ପଢିବେ, ସେମାନଙ୍କର ସାସ୍ଥ୍ୟ ଅବସ୍ଥା କିପରି ଭଲ ରହିବ, ଏ ସବୁ ପ୍ରତି ଦୃଷ୍ଟି ଦେବା ସହିତ ସେମାନଙ୍କୁ କିପରି ଉପଯୁକ୍ତ ନ୍ୟାୟିକ ସହାୟତା ଯୋଗାଇ ଦେବା




ଏବଂ ଅଣସଂଗଠିତ ଶ୍ରମିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ସେମାନଙ୍କ ନିକଟରେ ସୁନିଶ୍ଚିତ କରାଇବା ଉପରେ ଗୁରୁତ୍ୱାରୋପ ପ୍ରଦାନ କରିଥିଲେ । ଏହି ଶ୍ରମିକ ଦିବସ ଅବସରରେ ୧୫ ଜଣଙ୍କୁ ମୃତ୍ୟୁକାଳୀନ ସହାୟତା ରାଶି, ୫ ଜଣଙ୍କୁ ମାତୃତ୍ୱ ସହାୟତା ରାଶି, ୧୦ ଜଣଙ୍କୁ ଶିକ୍ଷା ସହାୟତା ରାଶି, ୨୦ ଜଣଙ୍କୁ ବିବାହ ପ୍ରୋତ୍ସାହନ ସହାୟତା ରାଶି, ୧୫ ଜଣଙ୍କୁ ଶବଦାହ ସଂସ୍କାର ସହାୟତା ରାଶି ଓ ୫୫ ଜଣ ଶ୍ରମିକଙ୍କୁ ଶ୍ରମିକ ପଞ୍ଜିକରଣ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ସୁଦୀପ୍ତ ଆଚାର୍ଯ୍ୟ ସାଗତ ଭାଷଣ ପ୍ରଦାନ କରିଥିଲେ । କଟକ ଜିଲ୍ଲା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶୀତିକଣ୍ଠ ସାମଲ ଧନ୍ୟବାଦ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ଉପସ୍ଥିତ ରହି ଶ୍ରମିକମାନଙ୍କର ସାମାଜିକ ସୁରକ୍ଷା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ସେବା ପ୍ରାକରଣର ଉପ ସଚିବ, ସହ ସଚିବ, ଜିଲ୍ଲା ଆଇନ ସେବା ପ୍ରାକରଣର ସଚିବ ଓ କଟକ ଜିଲ୍ଲା ବିଚାର ବିଭାଗୀୟ ଅଧିକାରୀ ବୃନ୍ଦ, କଟକ ଜିଲ୍ଲାର ଅନ୍ୟାନ୍ୟ ଅଧୁକାରୀ ବୃନ୍ଦ, ପ୍ରଭାଗୀୟ ଶ୍ରମ ଆୟୁକ୍ତ ଓ ଜିଲ୍ଲା ଆଇନ ସେବା ପ୍ରାଧୁକରଣର କର୍ମଚାରୀ ମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ସଫଳ ପରିଚାଳନା କରିବାରେ ସହାୟତା କରିଥିଲେ ।

# ଅଗ୍ନି ବିପନ୍ନ ପରିବାରକୁ ବୈଜୟନ୍ତଙ୍କ ସହାୟତା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ସଂସଦ ବୈଜୟନ୍ତ ପଣ୍ଡାଙ୍କ ନିର୍ଦ୍ଦେଶରେ ଅଗ୍ନି ବିପନ୍ନ ପରିବାରକୁ ଜିଲ୍ଲା ବିଜେପି ଉପସଭାପତି ଅଭିମନ୍ୟୁ ଗୋଛାୟତ ତାଙ୍କ ବାସଭବନକୁ ଯାଇ ସହାୟତା ପ୍ରଦାନ କରିଛନ୍ତି। କେନ୍ଦ୍ରାପଡା ବ୍ଲକ ଅଧିନ କେଶପୁର ପଞ୍ଚାୟତର ମୁଷାଡିଆ ଗ୍ରାମର ସୁକୁମାର ପରିଡାଙ୍କର ଦୁଇ ବଖରା ଘର ଏବଂ ଘରେ ଥିବା ଆସବାବପତ୍ର ସଂପୂର୍ଣ୍ଣ ପୋଡିଯାଇ ପାଉଁଶ ହୋଇଯାଇଥିଲା। ଖବର ପାଇଲା ପରେ ସଂସଦ ଶ୍ରୀ ପଣ୍ଡା ସହାୟତା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ସହାୟତା ପ୍ରଦାନ ସମୟରେ ଦୟାନିଧି ବଳ, ସ୍ମୃତିରଞ୍ଜନ ଧଳ, ଜୟନ୍ତ ପାତ୍ର, ଜ୍ୟୋତିରଞ୍ଜନ ସାହୁ, ବିଜୟୀ ମହାନ୍ତି, ଜ୍ଞାନପ୍ରିୟ ଦାସ, ଧରଣୀଧର ଦାସ, ପଦ୍ମନାଭ ପ୍ରଧାନ, ଅନ୍ତର୍ଯ୍ୟାମୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟଙ୍କ ଜାମିନ ସର୍ତ୍ତ: ମାସେ କ୍ୟାପିଟାଲ ହସ୍‌ପିଟାଲ୍‌ରେ ସଫେଇ କରିବେ

**କଟକ, ନ୍ୟୁଜ ବ୍ୟୁରୋ**

ଜେଲ୍‌ରେ ଥିବା ଜଣେ ଅଭିଯୁକ୍ତକୁ ହାଇକୋର୍ଟ ଜାମିନରେ ଛାଡ଼ିବାକୁ ନିର୍ଦ୍ଦେଶ ଦେବା ସହିତ ଡାକ୍ତରଖାନା ସଫେଇ ଓ ଗଛ ଲଗାଇବା ଭଳି ନିଆରା ସର୍ତ୍ତ ରଖିଛନ୍ତି। ଜାମିନରେ ଛାଡ଼ ପାଇବା ପରେ ଆବେଦନକାରୀ ଏକ ମାସ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍‌ପିଟାଲ୍‌ର ରୁମ୍ ଓ ୱାର୍ଡ ସଫା କରିବେ। ଏଥି ପାଇଁ ଆବେଦନକାରୀ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲ୍ ଅଧୀକ୍ଷକଙ୍କ ଦ୍ୱାରସ୍ଥ ହେବେ। ସଫେଇ ପାଇଁ ସୁଯୋଗ ଦେବା ପାଇଁ ଅଧସ୍ତନ କର୍ମଚାରୀଙ୍କୁ ଅଧୀକ୍ଷକ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବାକୁ ଆବେଦନକାରୀ ଅନୁରୋଧ କରିବେ। ଏଥି ସହିତ ଡୁମୁଡୁମା ଅଞ୍ଚଳର ସରକାରୀ ଜମି/ ଗୋଷ୍ଠୀ/ ଘରୋଇ ଜମିରେ ୧ଶହ ଆମ୍ବ, ନିମ, ତେନ୍ତୁଳି ଭଳି ଗଛ ଆଗାମୀ ମୌସୁମୀରେ ଆବେଦନକାରୀ ଲଗାଇବେ। ଯଦି ଜମି ଉପଲବ୍ଧ ନ ହୁଏ ତେବେ ଚାରା ରୋପଣ ପାଇଁ ଆବଶ୍ୟକ ଜମି ଚିହ୍ନଟ ପ୍ରସଂଗରେ ରାଜସ୍ୱ କର୍ତ୍ତୃପକ୍ଷ ସହାୟତା କରିବେ। ଜିଲ୍ଲା ନର୍ସରି/ଡିଏଫ୍‌ଓ ଚାରା ଯୋଗାଇବା ପ୍ରସଂଗରେ ସହଯୋଗ କରିବେ। ଆବେଦନକାରୀ ଚାରା ରୋପଣ କରିଲେ କି ନାହିଁ ତାହା



ସଂପୃକ୍ତ ଥାନା ଆଇଆଇସି ସ୍ଥାନୀୟ ବନ ବିଭାଗ ଅଧିକାରୀଙ୍କ ସହିତ ସମନ୍ୱୟ ରଖି ତଦାରଖ କରିବେ ବୋଲି ହାଇକୋର୍ଟ କହିଛନ୍ତି। ସେହିପରି ଆବେଦନକାରୀ ମାମଲାର ପ୍ରତି ତାରିଖରେ ନିମ୍ନ ଅଦାଲତରେ ହାଜର ହେବେ। ଜାମିନରେ ଥିବା ବେଳେ କୌଣସି ଆପରାଧିକ ମାମଲାରେ ସଂପୃକ୍ତ ହେବେ ନାହିଁ ବୋଲି ହାଇକୋର୍ଟ ସର୍ତ୍ତାରୋପ କରିଛନ୍ତି। ଯଦି ଜାମିନ ସର୍ତ୍ତ ଉଲ୍ଲଂଘନ କରନ୍ତି ତେବେ ଆବେଦନକାରୀଙ୍କ ଜାମିନ ବାତିଲ ହେବ ବୋଲି ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଡକ୍ଟର ଜଷ୍ଟିସ୍ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ବି.ଆର. ଦାସଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ ଜଣେ ବ୍ୟକ୍ତିଙ୍କ ଏତଲା ଆଧାରରେ ଜଟଣୀ ଇନ୍‌ଫୋଭ୍ୟାଲି ଥାନା ପୁଲିସ ବିଏନ୍‌ଏସ୍‌ର ଧାରା ୩୦୯(୪)/ ୩(୫)ରେ ମାମଲା ରୁଜୁ କରିବା ସହିତ ଆବେଦନକାରୀଙ୍କୁ ଗତ ଜାନୁଆରି ୨୭ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନିମ୍ନ ଅଦାଲତରେ ଜାମିନ ଖାରଜ ହେବା ପରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

# ଓପିଏସ୍‌ସି ସିଭିଲ ସର୍ଭିସ ପରୀକ୍ଷାରେ ତ୍ରୁଟି : ୧୪ରେ ପୁଣି ଲିଖିତ ପରୀକ୍ଷା

**କଟକ, ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସିଭିଲ ସର୍ଭିସ (ଓସିଏସ)- ୨୦୨୩ ଆନ୍ଥ୍ରୋପୋଲୋଜିର ଇଚ୍ଛାଧୀନ ଦୁଇଟି ପେପର ବିଷୟରେ ଆଉଥରେ ପରୀକ୍ଷା କରାଯିବ। ପ୍ରଶ୍ନପତ୍ର ଅଦଳବଦଳ ହୋଇଥିବାରୁ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ଉକ୍ତ ପରୀକ୍ଷାକୁ ସମ୍ପୂର୍ଣ୍ଣ ରଦ୍ଦ କରିଦିଆଯାଇଛି। ଆସନ୍ତା ୧୪ ତାରିଖରେ ପୂର୍ବାହ୍ଣ ୯ରୁ ମଧ୍ୟାହ୍ନ ୧୨ଟା ଏବଂ ଅପରାହ୍ଣ ୨ଟାରୁ ୫ ଟା ପର୍ଯ୍ୟନ୍ତ ନୂତନ ପ୍ରଶ୍ନପତ୍ରରେ ଦୁଇଟି ସିଟିଂ ପରୀକ୍ଷା କରିବାକୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଦ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ତ୍ରୁଟି ଯୋଗୁଁ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ମିଳିବ। ୩ଟି ପ୍ରଶ୍ନ ତ୍ରୁଟି ଥିବାରୁ ଏଥିରେ ଅଧିକ ୬ ଗ୍ରେସ୍ ମାର୍କ ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏପ୍ରିଲ ୨୭ରେ ଓସିଏର ଦୁଇଟି ସିଟିଂରେ ଆନ୍ଥ୍ରୋପୋଲୋଜିର (ଇଚ୍ଛାଧୀନ) ପେପର- ୧ ଏବଂ ପେପର- ୨ରେ ପରୀକ୍ଷା କରାଯାଇଥିଲା। ପୂର୍ବାହ୍ଣ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ହୋଇଥିବା ପେପର- ୧ ପରୀକ୍ଷାରେ ପ୍ରଶ୍ନପତ୍ରରେ ନେଇ ତ୍ରୁଟି ପରିଲକ୍ଷିତ ହୋଇଥିଲା। ପରୀକ୍ଷା ଦାୟିତ୍ୱରେ ଥିବା ନିରୀକ୍ଷକ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କୁ ଦେବାକୁ ସିଲ୍ ଖୋଲିଥିଲେ। କିନ୍ତୁ ପରୀକ୍ଷାର୍ଥୀ ପ୍ରଶ୍ନପତ୍ର ଦେଖି ଏହା ପେପର- ୨ର ପ୍ରଶ୍ନପତ୍ର ବୋଲି କହିଥିଲେ। ଏ ବିଷୟରେ ବିଭିନ୍ନ କେନ୍ଦ୍ରରୁ ଅଭିଯୋଗ ଆସିବା ପରେ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ଦେବାକୁ କୁହାଯାଇଥିଲା ଏବଂ ପେପର- ୨ ପରୀକ୍ଷା ଶେଷ ହେବା ପରେ ଉକ୍ତ ତ୍ରୁଟି ବିଷୟରେ ନିଷ୍ପତ୍ତି ନିଆଯିବ ବୋଲି ପରୀକ୍ଷାର୍ଥୀଙ୍କୁ ଅବଗତ କରାଯାଇଥିଲା। ଅପରାହ୍ଣ ୨ଟା ରୁ ୫ ଟା ପର୍ଯ୍ୟନ୍ତ ଦ୍ୱିତୀୟ ପେପରରେ ପରୀକ୍ଷା ଆରମ୍ଭ ସମୟରେ ପୁଣି ଥରେ ପ୍ରଶ୍ନପତ୍ରରେ ତ୍ରୁଟି ଥିବା ଜଣାପଡ଼ିଥିଲା। ସେହିଭଳି ମାର୍ଚ୍ଚ ୨୯ ଏବଂ ୩୦ରେ ହୋଇଥିବା ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ନିଯୁକ୍ତି ପରୀକ୍ଷାର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଷୟରେ ପ୍ରଶ୍ନ ସଂଖ୍ୟା ୮, ୯ ଏବଂ ୧୦ରେ ମୁଦ୍ରଣ ତ୍ରୁଟି ଥିଲା। ୧୦୦ ମାର୍କ ବଦଳରେ ପରୀକ୍ଷାର୍ଥୀ ୯୪ ମାର୍କର ପରୀକ୍ଷା ଦେଇଥିଲା। ଏହାକୁ ତର୍ଜମା କରି ଗ୍ରେସ୍ ମାର୍କ ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୫।୫।୨୦୨୫, ବୈଶାଖ ଦ୨୨ନ, ସୋମବାର**

**ସୂର୍ଯ୍ୟୋଦୟ- ଘ୫।୧୬।୨୦** **ଚନ୍ଦ୍ରୋଦୟ- ଦିଘ ୧୨।୫।୧୦**

**ଅଷ୍ଟମୀ-** ଦିଘ ୭।୩୬ ପର୍ଯ୍ୟନ୍ତ । **ଅଶ୍ଲେଷା ନକ୍ଷତ୍ର ଓ କର୍କଟ ଚନ୍ଦ୍ର-** ଦିଘ ୨।୦୨ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । ଦିଘ ୨।୦୨ଗତେ ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ଦିଘ ୨।୦୨ ଗତେ କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ଦିଘ ୭।୩୬ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୯ ଗତେ ଘ ୬।୫୫ ମଧ୍ୟେ । ଦିଘ ୪।୩୨ ଗତେ ଘ ୫।୧୬ ମଧ୍ୟେ । **ପର୍ବୋତ୍ସବ-** ସୀତା ନବମୀ ।



**ମେଷ:** କର୍ମକ୍ଷେତ୍ରରେ କମ୍ ପରିଶ୍ରମ କରିବେ । ଅନ୍ୟମାନଙ୍କ ଠାରୁ ନିନ୍ଦା ପାଇବେ । ଧନହାନୀ ଯୋଗ ରହିଛି । ରୋଜଗାର ଅପରିବର୍ତ୍ତିତ ରହିବ । ପାରିବାରିକ ସହଯୋଗ ପ୍ରାପ୍ତ ହେବ । ଦେହ ଭଲ ରହିବ ।



**ବୃଷ:** ପାରିବାରିକ ଅବସ୍ଥା ଭଲ ରହିବନାହିଁ । ବେପରୁଆ କାର୍ଯ୍ୟ କରି କର୍ମକ୍ଷେତ୍ରରେ ସମାଲୋଚିତ ହେବେ । ଅନିଚ୍ଛା ସତ୍ତ୍ୱେ କର୍ମକ୍ଷେତ୍ରକୁ ଯିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ଗର୍ବୀ ହେବେ ।



**ମିଥୁନ:** କଥାବାର୍ତ୍ତା ଦ୍ୱାରା ସବୁରି ପ୍ରିୟପାତ୍ର ହେବେ । ପାରିବାରିକ ଜଞ୍ଜାଳ ବଢ଼ିବ । କର୍ମ ପ୍ରାପ୍ତିରେ ବିଳମ୍ବ ଘଟିପାରେ। ପ୍ରଶାସନିକ ସମସ୍ୟାର ସମ୍ମୁଖୀନ ହେବେ । ଆୟ ସ୍ଥିର ରହିବ । ଦେହ ଓ ମନ ଭଲ ରହିବ ।



**କର୍କଟ:** ଆପଣଙ୍କର ମନୋଭିଳାଷ ପୂର୍ଣ୍ଣ ହେଲେ ମଧ କୌଣସି କାରଣରୁ ମନରେ କ୍ରୋଧ ଆସିବ । କିଛି କାରଣ ପାଇଁ ପରିବାର ଓ ସହଯୋଗୀଙ୍କ ପାଇଁ ବିଚଳିତ ହେବେ । ଅଯଥା ଖର୍ଚ୍ଚାନ୍ତ ହେବାର ସମ୍ଭାବନା ।



**ସିଂହ:** କଥାବାର୍ତ୍ତାରେ ସଂଯମତା ରକ୍ଷା ନକଲେ ଅସୁବିଧାରେ ପଡ଼ିପାରନ୍ତି । ମାନ ଓ ସମ୍ମାନରେ ଆଞ୍ଚ ଆସିବ । କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ । ରୋଜଗାରର ପରିମାଣ ବଢ଼ିବ । ମନ ଭଲ ରହିବାର ସୂଚନା ।



**କନ୍ୟା:** କର୍ମକ୍ଷେତ୍ରରେ ପ୍ରତିରୋଧର ସମ୍ମୁଖୀନ ହେବେ । ଅସହଯୋଗ ଯୋଗୁ ବିରକ୍ତି ଲାଗିବ । ଆୟ ଅପେକ୍ଷା ବ୍ୟୟ ଅଧିକ ହେବ । କୁଟୁମ୍ବେ ଅଶାନ୍ତି । ଅପରାହ୍ନ ଠାରୁ ଆନନ୍ଦ ଲାଗି ରହିବ । ମନ ଅସ୍ଥିର ରହିବ ।



**ତୁଳା:** ପରିଶ୍ରମ ଅନୁସାରେ ଫଳ ପାଇବେ । ପୁରୁଣା କାର୍ଯ୍ୟ ସମାଧାନ ହେବ । ମନ ଭଲ ରହିବ । ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ । ପରିବାରରେ ସ୍ୱାସ୍ଥ୍ୟ ଚିନ୍ତା ଲାଗି ରହିବ ।



**ବିଛା:** କେତେକ କାର୍ଯ୍ୟ ମନକୁ ଓଜନିଆ କରିବ । ସତର୍କ ନହେଲେ ବୃଥା ଅପମାନିତ ହୋଇପାରନ୍ତି । ଆଳସ୍ୟ ପରିହାର କରିବା ଉଚିତ୍ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ଧନୁ:** ଆଜି ଆପଣଙ୍କର ସମସ୍ତ ମନକାମନା ପୂର୍ଣ୍ଣ ହେବ । କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଆଗରୁ ଘରେ ପରାମର୍ଶ କଲେ ଉଚ୍ଚ ଆଶା ସଫଳ ହେବ। ଆୟ ଓ ବ୍ୟୟ ପ୍ରାୟ ସମାନ ରହିବ । ଭ୍ରମଣ ଯୋଗ ରହିଛି ।



**ମକର:** ଶତ୍ରୁ ବଢ଼ିବ । ନିଜ ଲୋକ ବିପରୀତ ବ୍ୟବହାର କରିବେ । ଆପଣଙ୍କ ଉନ୍ନତି ପଥରେ ବାଧା ଉପୁଜିପାରେ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ। ଆୟ ସାମନ୍ୟ ବଢ଼ିବ। ଗୃହେ ଆନନ୍ଦ ଦେଖାଦେବ ।



**କୁମ୍ଭ:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଭଲ ନୁହେଁ । ତେଣୁ ସାବଧାନତା ଅବଲମ୍ବନୀୟ। ଆୟ ଅପେକ୍ଷା ବ୍ୟୟ ବଢ଼ିବ । ପରିବାରରେ ସ୍ତ୍ରୀଙ୍କ କଥା ଗ୍ରହଣୀୟ। ବନ୍ଧୁଙ୍କୁ ଦୁଃଖ ଜଣାଇ ଉପକୃତ ହେବେ।



**ମୀନ:** ପରିଶ୍ରମର ଫଳ କର୍ମକ୍ଷେତ୍ରରେ ଆପଣ ଅନୁଭବ କରିବେ । ଆଶା ଜନକ ଫଳ ଲାଭ କରି ନିଜର ବୈଶିଷ୍ଟ୍ୟ ପ୍ରତିପାଦନ କରିବେ । ପାରିବାରିକ କ୍ଷେତ୍ରରେ ପରିଶ୍ରମ ବୃଦ୍ଧି ପାଇବ। ରୋଜଗାର ଭଲ ହେବ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୬, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୬।୫।୨୦୨୫, ବୈଶାଖ ଦ୨୩ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ- ଘ୫।୨୫।୪୮** **ଚନ୍ଦ୍ରୋଦୟ- ଦିଘ ୦୧/୦୭/୮**

**ନବମୀ-** ଦିଘ ୮।୩୯ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର -** ଦିଘ ୩।୫୨ ପର୍ଯ୍ୟନ୍ତ । **ସିଂହଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-**ମେଷ, ମିଥୁନ, ସିଂହ, ତୁଳା, ବିଛା, ଧନୁ ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଲାଉ ଦିଘ ୮/୩୯ ପରେ କଳମ୍ବ ଶାଗ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୩୧ ଗତେ ଘ ୧୦।୨୬ ମଧ୍ୟେ । ଦିଘ ୧।୦୧ ଗତେ ଘ ୧।୨୦ ମଧ୍ୟେ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତରେ ବୃଦ୍ଧି ପାଇଛି ମହିଳାଙ୍କ ଆତ୍ମନିଯୁକ୍ତି

ଗୋଟିଏ ଦଶନ୍ଧି ମଧ୍ୟରେ ୧୭ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି ଭାରତ। ଦାରିଦ୍ର୍ୟ ଦୂରୀକରଣ ଏବଂ ନିଯୁକ୍ତି କ୍ଷେତ୍ରରେ ଭାରତର ପ୍ରଗତିକୁ ଉଚ୍ଚ ପ୍ରଶଂସା କରିଛି ବିଶ୍ୱ ବ୍ୟାଙ୍କ । ବିଶ୍ୱ ବ୍ୟାଙ୍କ ରିପୋର୍ଟ ଅନୁଯାୟୀ, ଭାରତ ୧୭ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି, ଯାହା ବିଶ୍ୱ ସ୍ତରରେ ଏକ ପ୍ରମୁଖ ସଫଳତା। ଏହା ସହିତ, ଭାରତରେ ନିଯୁକ୍ତି ଅଭିବୃଦ୍ଧି ବର୍ତ୍ତମାନ ଦେଶର କର୍ମଜୀବୀ ବୟସର ଜନସଂଖ୍ୟା ତୁଳନାରେ ଦ୍ରୁତ, ଯାହା ଯେକୌଣସି ବିକାଶଶୀଳ ଦେଶ ପାଇଁ ଏକ ସକାରାତ୍ମକ ସଙ୍କେତ। ବିଶ୍ୱ ବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁଯାୟୀ, ଭାରତ ୨୦୧୧ରୁ ୨୦୨୨-୨୩ ମଧ୍ୟରେ ୧୭୧ ନିୟୁତ ଲୋକଙ୍କୁ ଅତ୍ୟନ୍ତ ଦାରିଦ୍ର୍ୟରେ ଥିବା ଲୋକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଯାହାଙ୍କୁ ଦିନକୁ ଆୟ ଥିଲା ମାତ୍ର ୧୮୩ ଟଙ୍କା। ଏହି ସମୟ ମଧ୍ୟରେ, ଦେଶର ଚରମ ଦାରିଦ୍ର୍ୟ ହାର ୧୬.୨% ରୁ ମାତ୍ର ୨.୩% କୁ ହ୍ରାସ ପାଇଛି। ଏହା ଭାରତକୁ କେବଳ ନିମ୍ନ-ମଧ୍ୟମ ଆୟ ବର୍ଗରେ ଆଣିନଥିଲା ବରଂ ବିଶ୍ୱ ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ଏକ ଉଦାହରଣ। ଗ୍ରାମାଞ୍ଚଳରେ ଦାରିଦ୍ର୍ୟ ୧୮.୪%ରୁ ୨.୮% ଏବଂ ସହରାଞ୍ଚଳରେ ୧୦.୭%ରୁ ୧.୧%କୁ ହ୍ରାସ ପାଇଛି, ଯାହା ଫଳରେ ଗ୍ରାମାଞ୍ଚଳ-ସହରାଞ୍ଚଳ ମଧ୍ୟରେ ପାର୍ଥକ୍ୟ ମାତ୍ର ୧.୭% ରହିଛି। ଦୈନିକ ୩୧୧ ଆୟରେ, ଦାରିଦ୍ର୍ୟ ହାର ୬୧.୮%ରୁ ହ୍ରାସ ପାଇ ୨୮.୧% ହୋଇଛି। ୩୭୮ ନିୟୁତ ଲୋକ ଦାରିଦ୍ର୍ୟ ସୀମାରୁ ବାହାରକୁ ଆସିଛନ୍ତି। ପାଞ୍ଚଟି ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ରାଜ୍ୟ ଉତ୍ତର ପ୍ରଦେଶ, ମହାରାଷ୍ଟ୍ର, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶରେ ସର୍ବାଧିକ ଦାରିଦ୍ର୍ୟ ହ୍ରାସ ପାଇଛି। ୨୦୧୧-୧୨ ବର୍ଷରେ, ଦେଶର ୬୫ ପ୍ରତିଶତ ଅତ୍ୟନ୍ତ ଗରିବ ଲୋକ ଏହି ରାଜ୍ୟଗୁଡ଼ିକରେ ଥିଲେ। ଏଗୁଡ଼ିକ ୨୦୨୨-୨୩ ସୁଦ୍ଧା ମୋଟ ଦାରିଦ୍ର୍ୟ ହ୍ରାସର ଦୁଇ-ତୃତୀୟାଂଶ ରହିଛି। ୨୦୨୧-୨୨ ପରଠାରୁ ନିଯୁକ୍ତି ଅଭିବୃଦ୍ଧିର ହାର କାର୍ଯ୍ୟକ୍ଷମ ବୟସର ଜନସଂଖ୍ୟା ତୁଳନାରେ ଅଧିକ ରହିଛି। ସହରାଞ୍ଚଳ ବେକାରୀ ହାର ୭.୮% ରୁ ହ୍ରାସ ପାଇ ୬.୬% (ଆର୍ଥିକ ବର୍ଷ ୨୦୨୪-୨୫ର ପ୍ରଥମ ତ୍ରୈମାସିକ), ଯାହା ୨୦୧୭-୧୮ ପରଠାରୁ ସର୍ବନିମ୍ନ। ମହିଳାଙ୍କ ଆତ୍ମନିଯୁକ୍ତି ମଧ୍ୟ ବୃଦ୍ଧି ପାଇଛି। ତଥାପି, ଯୁବ ବେକାରୀ ହାର ଏବେ ବି ୧୩.୩% ରହିଛି।

# ଆତ୍ମହତ୍ୟା ଉଦ୍‌ବେଗଜନକ ସ୍ଥିତିରେ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଭାରତୀୟ ଯୁବକ-ଯୁବତୀ ସେମାନଙ୍କର ଜୀବନ ହାରିଦେବା ଏବେ ଏକ ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଛି ଯାହା ପରିସଂଖ୍ୟାନ ରିପୋର୍ଟ କହେ। ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ୨୦୨୨ରେ ଦେଶରେ ୧,୭୦,୯୨୪ ଯୁବକ-ଯୁବତୀ ଆତ୍ମହତ୍ୟା କରିଛନ୍ତି। ଯାହାକି ବିଶ୍ୱରେ ସବୁଠାରୁ ସର୍ବାଧିକ। ସେହିପରି ସେମାନଙ୍କର ବୟସ ୧୮ରୁ ୩୦ମଧ୍ୟରେ ଅର୍ନ୍ତଭୁକ୍ତ ଥିବାବେଳେ ସେମାନଙ୍କ ମଧ୍ୟରୁ ୩୫ପ୍ରତିଶତ ପ୍ରାପ୍ତବୟସ୍କ, ହୋଇଥିବା ଏବଂ ୬ପ୍ରତିଶତ ନାବାଳକ ବୋଲି ରିପୋର୍ଟରେ ଦର୍ଶାଯାଇଛି। କେବଳ ଯୁବଗୋଷ୍ଠୀ ନୁହଁନ୍ତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ମଧ୍ୟ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଇବାରେ ଲାଗିଛି। ଯାହାକି ମୋଟ ଆତ୍ମହତ୍ୟା କରିଥିବା ଯୁବଗୋଷ୍ଠୀଙ୍କ ମଧ୍ୟରେ ୭.୬ ପ୍ରତିଶତ। ଗତ ୨୦୨୨ରେ ଦେଶରେ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୩,୦୪୪ ଥିଲା। ତେବେ ୨୦୨୨ରେ କେବଳ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ୪ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି। ଏଭଳି ମାନସିକତା ନିଶ୍ଚିତ ଭାବେ ଚିନ୍ତାଜନକ, ଏଥିରେ ସନ୍ଦେହ ନାହିଁ। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ରିପୋର୍ଟରେ କୁହାଯାଇଛି ଯେ, ୧୫ରୁ ୨୯ବର୍ଷ ମଧ୍ୟରେ କିଶୋର-କିଶୋରୀ, ଯୁବକ-ଯୁବତୀଙ୍କ ଆତ୍ମହତ୍ୟା ଘଟଣା ଏବେ ବିଶ୍ୱରେ ତୃତୀୟ ସର୍ବାଧିକ ମୃତ୍ୟୁ ଭାବେ ଉଭା ହୋଇଛି। ୨୦୨୪ରେ ସ୍ପ୍ରିଙ୍ଗରରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ବାର୍ଷିକ ୫୨,୦୦୦ କିଶୋର-କିଶୋରୀ ଆତ୍ମହତ୍ୟା କରି ଜୀବନ ହରାଉଛନ୍ତି। ପରୀକ୍ଷା ଜନିତ ଚାପ, ଉତ୍ତମ ଫଳାଫଳ, ଅଭିଭାବକମାନଙ୍କ ଉଚ୍ଚାଭିଳାଷ, ଶିକ୍ଷାନୀତିରେ ର୍‍ୟାଙ୍କ, ପ୍ରତିଯୋଗିତା, ସୁନାମଧନ୍ୟ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିଯୋଗିତାମୂଳକ ଚାପ ଏବଂ ମାନସିକ ଚାପ ଯୋଗୁଁ ଅତିଶୟ ଭାରାକ୍ରାନ୍ତ ଯୋଗୁଁ ଶେଷରେ କୋମଳମତି ଛାତ୍ରଛାତ୍ରୀମାନେ ଜୀବନ ହାରିବାକୁ ବାଧ୍ୟ ହେଉଛନ୍ତି ବୋଲି ନିକଟରେ ଅନୁଷ୍ଠିତ ଜାତୀୟ ଆତ୍ମହତ୍ୟା ନିରାକରଣ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ପ୍ରତିଯୋଗିତାମୂଳକ ପରୀକ୍ଷାର କୋଚିଂ ହବ୍ ଭାବେ ପରିଚିତ 'କୋଟା'ରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ପରୀକ୍ଷା ଜନିତ ଚାପ ଯୋଗୁଁ ବଢିବାରେ ଲାଗିଥିବା କୁହାଯାଏ। ଚଳିତ ୨୦୨୫ରେ ମାତ୍ର ଦୁଇ ମାସ ମଧ୍ୟରେ ୭ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିସାରିଲେଣି। ଗତ ୨୦୨୪ରେ ୩୨ଜଣ ଛାତ୍ରଛାତ୍ରୀ କୋଟାରେ ଆତ୍ମହତ୍ୟା କରିଥିଲେ। ଆହୁରି ମଧ୍ୟ ଦେଶରେ ଯଥେଷ୍ଟ ମାତ୍ରାରେ ନିଯୁକ୍ତି ନଥିବା, ବେକାରୀ, ବେରୋଜଗାରୀ ବୃଦ୍ଧି ଯୋଗୁଁ ହା ହତାଶ ହୋଇ ଯୁବଗୋଷ୍ଠୀ ଶେଷରେ ଜୀବନ ହାରିବା ପନ୍ଥା ବାଛି ନେଉଛନ୍ତି। ଦେଶର କେତେକ ସୁନାମଧନ୍ୟ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ତଥା ଆଇଆଇଟି, ଡାକ୍ତରୀ କଲେଜରେ ମଧ୍ୟ ଅଧ୍ୟୟନରତ ଥିବା ଛାତ୍ରଛାତ୍ରୀ ଆତ୍ମହତ୍ୟା ଘଟଣା ବଢିବାରେ ଲାଗିଛି। ସେହିପରି ଶ୍ରମିକଙ୍କ କ୍ଷେତ୍ରରେ ନିର୍ଯାତନା, ବାଛବିଚାର ଯୋଗୁଁ ଯୁବଗୋଷ୍ଠୀ ଦିନ ମଜୁରିଆଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବଢୁଥିବାବେଳେ ପ୍ରେମର ବିଫଳତା, ପ୍ରତାରଣା,ଦାରିଦ୍ର୍ୟତା ଯୋଗୁଁ ବହୁ ଯୁବକ ଯୁବତୀ, ନବ ବିବାହିତା ଆତ୍ମହତ୍ୟା ଘଟଣା ମଧ୍ୟ ବଢିବାରେ ଲାଗିଛି। ଏହା ନିସନ୍ଦେହ ଯେ, କୋମଳମତି ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ନିରାକରଣ ପାଇଁ ଭାରତ ମାନସିକ ସ୍ୱାସ୍ଥ୍ୟ ଉପରେ ଅଗ୍ରାଧିକାର ଦେବା ଜରୁରୀ। ଜାତୀୟ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା ପାଠ୍ୟକ୍ରମରେ ମାନସିକ ସ୍ୱାସ୍ଥ୍ୟ ବିଷୟ ବସ୍ତୁ ପ୍ରଚଳନ ଏ ଦିଗରେ ଏକ ସକରାତ୍ମକ ପଦକ୍ଷେପ। ତେବେ ଏହି ପାଠ୍ୟକ୍ରମକୁ ବିଭିନ୍ନ ସହବର୍ଦ୍ଧିତ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯିବା ଜରୁରୀ। ସର୍ବ ଭାରତୀୟ ପ୍ରତିଯୋଗିତାମୂଳକ ଶିକ୍ଷାକ୍ରମରେ, ଡାକ୍ତରୀ ଶିକ୍ଷାନୁଷଠାନରେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ମାନସିକ ସ୍ତରରେ ଦୁର୍ବଳ ହୋଇପଡିଥିବା ଛାତ୍ରଛାତ୍ରୀ, ଯୁବଗୋଷ୍ଠୀଙ୍କ ମାନସିକ ଦୃଢତା ପାଇଁ ଆବଶ୍ୟକୀୟ ଅତ୍ୟାଧୁନିକ ଚିକିତ୍ସା ସୁବିଧା ମଧ୍ୟ ସୁଲଭ ମୂଲ୍ୟରେ ବା ମାଗଣାରେ ଯୋଗାଇଦେବାର ଆବଶ୍ୟକତା ରହିଛି। ଯେକୌଣସି ପରିସ୍ଥିତିରେ ମୁକାବିଲା ପାଇଁ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ଧୈର୍ଯ୍ୟହରା ନହୋଇ ମାନସିକ ସ୍ତରରେ ସୁସ୍ଥ, ସବଳ ରହିବାକୁ ନିଜେକୁ ନିଜେ ପ୍ରସ୍ତୁତ କରିବାକୁ ହେବ। ଜୀବନ ହେଉଛି ଅମୂଲ୍ୟ ସମ୍ପଦ, ଏହା ମନେ ରଖିବାକୁ ହେବ।

# ମହାନ ସ୍ୱାଧୀନତା ସଂଗ୍ରାମୀ ଲୋକନାୟକ ଜୟପ୍ରକାଶ ନାରାୟଣ



ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

(ପୂର୍ବ ପ୍ରକାଶନ ଉତ୍ତାରୁ)

ଜୟପ୍ରକାଶ ନାରାୟଣ ମାର୍କ୍ସବାଦୀ। ଭାରତୀୟ ପରିବେଶ ମଧ୍ୟରେ ମାର୍କ୍ସଙ୍କ ଆଦର୍ଶ ପ୍ରୟୋଗ କରିବାକୁ ଚାହିଁଥିଲେ। ଗାନ୍ଧିଜୀ ମାର୍କ୍ସପନ୍ଥୀ ନଥିଲେ; ମାତ୍ର ସେ ସମଗ୍ର ଦେଶକୁ ଏକଜୁଟ କରିଦେଲେ। ଏହା କିଛି କମ୍ କଥା ନଥିଲା। ଲବଣ ଆଇନ କଥା। ଏହା ଆଖିକୁ ଛୋଟ ଲାଗେ। ଏହି ବିଷୟକୁ କେନ୍ଦ୍ର କରି ଏକ ବିପ୍ଳବବାଦୀ ଆନ୍ଦୋଳନ ଗଢ଼ି ଉଠିଲା। ଜୟପ୍ରକାଶ କାହିଁକି ତାଙ୍କ ପରି ବହୁ ମାର୍କ୍ସବାଦୀଙ୍କ ଏ କଥାଟି ଚିନ୍ତାର ବାହାରେ ଥିଲା। ଦେଶ ସ୍ୱାଧୀନ ହେଲା, କ୍ଷମତାର ମୋହ ତାଙ୍କୁ ଆକର୍ଷିତ କରି ପାରିଲାନି। ସେ ସକ୍ରିୟ ରାଜନୀତିରୁ ଓହରିଲେ, ଯୋଗଦେଲେ ଭୂଦାନ ଆନ୍ଦୋଳନରେ (୧୯୫୪)।

ଆଚାର୍ଯ୍ୟ 'ବିନୋବା ଭାବେ' ଏକ ଶାନ୍ତିପୂର୍ଣ୍ଣ ଉପାୟ ନିର୍ଦ୍ଧାରଣ କଲେ, ଭୂଦାନ ଆନ୍ଦୋଳନର ଶୁଭାରମ୍ଭ ହେଲା। ଜମିଦାର, ଅଧିକ ଭୂସମ୍ପତ୍ତିର ଅଧିକାରୀମାନେ ସ୍ୱଇଚ୍ଛାରେ ଜମି ଦାନ କଲେ। ବଣ୍ଟା ହେଲା ଭୂମିହୀନଙ୍କ ମଧ୍ୟରେ। ସେ ସମୟରେ କମ୍ୟୁନିଷ୍ଟମାନେ ତେଲେଙ୍ଗାନାରେ ସକ୍ରିୟ। ନିଦରବମାନଙ୍କ ଠାରୁ ସମର୍ଥନ ଯୋଗାଡ଼ରେ ସେମାନେ ଲାଗିପଡ଼ିଲେ। ସେଠାରେ ବିନୋବା ବଡ଼ଲୋକଙ୍କ ହୃଦୟ ପରିବର୍ତ୍ତନ ଉପରେ ଗୁରୁତ୍ୱ ଦେଲେ। ବହୁ ଜମିଦାର ସେମାନଙ୍କ ସମ୍ପତ୍ତି ସ୍ୱେଚ୍ଛାରେ ଦାନ କଲେ। ଭାରତୀୟ ପାଣିପାଗ ଭିନ୍ନ। ଏଥିରେ ସ୍ୱେଚ୍ଛାକୃତ ଜମି ଦାନ, ଏହା ଦ୍ୱାରା ଆର୍ଥନୀତିକ ସମାନତା ଆଣିବା - ଏକଥାଟି ଜୟପ୍ରକାଶଙ୍କୁ ପ୍ରଥମେ ପ୍ରଭାବିତ କରି ନଥିଲା। ଭୂଦାନ ଯଜ୍ଞ ପ୍ରତି କ୍ରମେ ସମର୍ଥନ ବଢ଼ିଲା। ଡକ୍ଟର ରାଜେନ୍ଦ୍ର ପ୍ରସାଦ ଆପଣାର ବିହାରରେ ଥିବା ସମ୍ପତ୍ତି ଦାନ କରିଦେଲେ। ୧୯୫୨ ମସିହାରେ ବନାରସରେ ଚାଲିଲା ସର୍ବୋଦୟ ସମ୍ମିଳନୀ। ଉକ୍ତ ସମ୍ମିଳନୀରେ ବିନୋବା ଏକ ରୋଚକ ସମ୍ବାଦଟେ ଦେଲେ। ୫୦ ନିୟୁତ ଏକର ଜମି ଦାନ ସ୍ୱରୂପ ମିଳିଛି, ଏହି ଜମିକୁ ଭୂମିହୀନଙ୍କ ମଧ୍ୟରେ ବଣ୍ଟାଯିବ। ସମବେତ ଜନତା ଉତ୍ସାହୀ ହେଲେ। ପ୍ରଭାବିତ ହେଲେ ଜୟପ୍ରକାଶ। ଭୂଦାନ ଆନ୍ଦୋଳନରେ ସକ୍ରିୟ ହେଲେ। ସାମାଜିକ ପୁନର୍ଗଠନ ପାଇଁ ଭୂଦାନ ଆନ୍ଦୋଳନ ଏକ ଉତ୍ତମ ପନ୍ଥା। ଏକଥାଟି ତାଙ୍କର ହୃଦ୍‌ବୋଧ ହେଲା।

ବିନୋବାଙ୍କ ସର୍ବୋଦୟ ଆନ୍ଦୋଳନକୁ ଆଗେଇ ନେବାକୁ ସଂକଳ୍ପବଦ୍ଧ ହେଲେ ଜୟପ୍ରକାଶ। ତାଙ୍କର ବ୍ୟକ୍ତିଗତ ଉଦ୍ୟମ ତଥା ପ୍ରଭାବଶାଳୀ ବ୍ୟକ୍ତିତ୍ୱ, ବହୁ ଥିଲାବାଲାଙ୍କ ଉପରେ ପ୍ରଭାବ ପକାଇଲା। ସେମାନେ ନିଜର ଭୂମିଦାନ କଲେ। ଜୟପ୍ରକାଶ ବହୁ ଦରିଦ୍ରଙ୍କୁ ସେଇ ସବୁ ଜମି ବଣ୍ଟନ କଲେ। ସର୍ବୋଦୟ ଆନ୍ଦୋଳନରେ ଆପଣାର ମନପ୍ରାଣ ସମର୍ପି ଦେଲେ। ବୁଦ୍ଧଗୟା (ବୁଦ୍ଧଙ୍କ ଜ୍ଞାନପ୍ରାପ୍ତି ସ୍ଥାନ) ଠାରେ ଏକ ସଭାରେ ନିଜ ମନକଥା କହିଦେଲେ। ଭୂଦାନ ଆନ୍ଦୋଳନ ପାଇଁ ସେ ଆପଣାର ଜୀବନ ଦେବାକୁ ପ୍ରସ୍ତୁତ, ଏକଥା ବି କହିଲେ। ଗୟା ଓ ହଜାରୀବାଗ ଜିଲ୍ଲାର ଏକ ମଧ୍ୟବର୍ତ୍ତୀ ସ୍ଥାନ 'ସୁଖଦେବରା'। ସେଠାରେ ସର୍ବୋଦୟ ଆଶ୍ରମଟେ ପ୍ରତିଷ୍ଠା କଲେ। ସ୍ତ୍ରୀ ପ୍ରଭାବତୀ ଏଥିରେ ରହିଲେ ପ୍ରଧାନ ସହଯୋଗିନୀ। ଗ୍ରାମ ପୁନଃର୍ଗଠନ, ଗ୍ରାମ ସ୍ୱରାଜ୍ୟ, କୃଷି ବିକାଶ କାର୍ଯ୍ୟକ୍ରମ ଆଦି ବହୁ ବିକାଶମୂଳକ କାମରେ ମନୋନିବେଶ କଲେ। ଏହିସବୁ କାର୍ଯ୍ୟ ତାଙ୍କ ଲୋକପ୍ରିୟତାକୁ ବୃଦ୍ଧି କଲା। ଭୂଦାନ ଆନ୍ଦୋଳନ ସମୟରେ ସେ ଦେଶର ବିଭିନ୍ନ ସ୍ଥାନ ବୁଲିଲେ। ଓଡ଼ିଶା ବି ଆସିଲେ। ସମ୍ବଲପୁର, ଝାରସୁଗୁଡ଼ା, ଢେଙ୍କାନାଳ, ଅନୁଗୋଳା, ଭୁବନେଶ୍ୱର, କଟକ ଆଦି ସ୍ଥାନରେ ସଭାମାନ ଆୟୋଜିତ ହେଲା। ଏହି ସଭାରେ ଜୟପ୍ରକାଶଙ୍କ ଭୂଦାନ ସମ୍ପର୍କିତ ଅଭିଭାଷଣ ଥିଲା ଅତ୍ୟନ୍ତ ଉଚ୍ଚକୋଟୀର। ସେ ସମୟର ବହୁ ଗାନ୍ଧିବାଦୀଙ୍କ ପ୍ରାଣକୁ ତାହା ଛୁଇଁଲା। ଗୋପବନ୍ଧୁ ଚୌଧୁରୀ, ବିଜୁ ପଟ୍ଟନାୟକଙ୍କ ସହ ଆହୁରି ଅନେକ। ସେମାନେ ଭୂଦାନ ଯଜ୍ଞର ମହାନତା ଉପଲବ୍ଧି କଲେ। ଜୟପ୍ରକାଶଙ୍କ ସହ ମିଶି ଓଡ଼ିଶାର ପ୍ରଗତି କଥା ଚିନ୍ତା କଲେ। ବିନୋବାଙ୍କ ପରେ ଜୟପ୍ରକାଶ ଭୂଦାନ ଆନ୍ଦୋଳନର ସଫଳତାର ମାର୍ଗ ଫିଟାଇଲେ।

ମାର୍କ୍ସପନ୍ଥୀ ଜୟପ୍ରକାଶ; ମାତ୍ର ଗଣତାନ୍ତ୍ରିକ ସମାଜବାଦରେ ସେ ବିଶ୍ୱାସୀ। ସେ ସାମାଜିକ ବିପ୍ଳବ ସପକ୍ଷରେ। କିନ୍ତୁ ଲକ୍ଷ୍ୟ ସାଧନ ପାଇଁ ହିଂସା ନୁହେଁ, ଅହିଂସା ତଥା ଶାନ୍ତିପୂର୍ଣ୍ଣ ସଂଗ୍ରାମ ଚାହୁଁଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ପରର ଜନତାଙ୍କ ଦୁର୍ଦ୍ଦଶା ମୋଚନ, ଏଥି ପାଇଁ ଲୋଡ଼ା ସାମାଜିକ ସାମ୍ୟବାଦ ଆଉ ଆର୍ଥନୀତିକ ବୈଷମ୍ୟ ଦୂରୀକରଣ। ସତ୍ୟ, ଶାନ୍ତି, ସହଯୋଗ, ସହନଶୀଳତା, ସ୍ୱତନ୍ତ୍ରତା, ସ୍ୱାର୍ଥତ୍ୟାଗ - ଏଗୁଡ଼ିକ ସୁସ୍ଥ ଗଣତାନ୍ତ୍ରିକ ମୂଲ୍ୟବୋଧର ନିଦର୍ଶନ। ଏଥି ସହ କ୍ଷମତା ବିକେନ୍ଦ୍ରୀକରଣ ଉପରେ ସେ ଜୋର ଦେଉଥିଲେ। ଗଣତନ୍ତ୍ରରେ ଏକଚ୍ଛତ୍ରବାଦର ସ୍ଥାନ ନାହିଁ - ଏହା ଥିଲା ତାଙ୍କର ବଳିଷ୍ଠ ଆହ୍ୱାନ। ତାଙ୍କ ରାଜନୀତିର ଅନ୍ତିମ ଲକ୍ଷ୍ୟ 'ସମ୍ପୂର୍ଣ୍ଣ ବିପ୍ଳବ' ସହ ସମ୍ପୂର୍ଣ୍ଣ କ୍ରାନ୍ତି। ଏହି ସମ୍ପୂର୍ଣ୍ଣ ବିପ୍ଳବର ସାତଟି ବିପ୍ଳବର ସମାହାର - ସାମାଜିକ, ଆର୍ଥନୀତିକ, ରାଜନୀତିକ, ସାଂସ୍କୃତିକ, ଆଦର୍ଶଗତ, ଶିକ୍ଷାଗତ, ଆଧାତ୍ମିକ ବିପ୍ଳବ। ପ୍ରଥମେ ହୃଦୟ ପରିବର୍ତ୍ତନ ଲୋଡ଼ା, ତାହା ନ ହେଲେ କୌଣସି ବିପ୍ଳବ ସମ୍ଭବ ନୁହେଁ। କ୍ଷମତାଧାରୀଙ୍କ ହୃଦୟ ପରିବର୍ତ୍ତନ ବିପ୍ଳବର ପଥ ସୁଗମ କରେ। ଜନଜାଗରଣ ବିପ୍ଳବର ମୂଳଦୁଆ। ଏସବୁ ସଂଗଠିତ ହେଲେ ଭାରତ ତା' ଶ୍ମଶାନରୁ ଜାଗରଣ ଲାଭ କରିବ - ଏଇଟି ଥିଲା ଜୟପ୍ରକାଶଙ୍କ ଅନ୍ତର କଥା। ଗାନ୍ଧିଜୀଙ୍କ ଅକାଳ ବିୟୋଗ ହେଲା। ତାଙ୍କ ଅବର୍ତ୍ତମାନରେ ଏକ ବିରାଟ ଶୂନ୍ୟସ୍ଥାନ। ଏହାକୁ କିଛି ମାତ୍ରାରେ ପୂରଣ କଲେ ଜୟପ୍ରକାଶ। ସ୍ୱାଧୀନ ଭାରତ ବର୍ଷରେ ତାଙ୍କରି ଆଦର୍ଶ ଆନ୍ଦୋଳନାତ୍ମକ ଇତିହାସ ରଚିଲା, ପ୍ରଥମରୁ ସେ ଥିଲେ ମାର୍କ୍ସପନ୍ଥୀ, ପରେ ଗାନ୍ଧିଜୀଙ୍କ ଆଦର୍ଶ ବିମୋହିତ ହେଲେ। ବିଭିନ୍ନ ଯୁକ୍ତି, ଦର୍ଶନ ତାଙ୍କ ମନକୁ ଆନ୍ଦୋଳିତ କଲା। ସର୍ବୋଦୟ ମାଧ୍ୟମରେ ସେ ସାମାଜିକ ପରିବର୍ତ୍ତନ ଆଣି ପାରିବେ - ଶେଷରେ ଏ ବିଶ୍ୱାସଟି ପୋଷଣ କଲେ। ପରବର୍ତ୍ତୀ କାଳରେ ସମ୍ପୂର୍ଣ୍ଣ ବିପ୍ଳବରେ ମନୋନିବେଶ କଲେ।

କଂଗ୍ରେସ ସହ ବିଚାରଗତ ବିଭେଦ। ଏଥିପାଇଁ ନେହେରୁଙ୍କ ମନ୍ତ୍ରୀମଣ୍ଡଳରେ ଯୋଗ ଦେଲେନି। ସମାଜସେବା, ଦୁର୍ନୀତି ଦୂରୀକରଣରେ ନିଜକୁ ନିୟୋଜିତ କଲେ। ଭାରତ ସ୍ୱାଧୀନ ହେଲା, ଜନତାର ବହୁଦିନ ଆଶା, ଆକାଂକ୍ଷା ସଫଳ ହେବ। ଦୁର୍ନୀତି ଉଭେଇ ଯିବ, ସୁଖ ଶାନ୍ତି ବିରାଜମାନ କରିବ; ମାତ୍ର ଏ ଆଶା ଆଶାରେ ରହିଗଲା। ମୁକ୍ତିଯୁଦ୍ଧର ବହୁ ଆଗଧାଡ଼ିର ନେତା, କ୍ଷମତାକୁ ଜାବୁଡ଼ି ଧରିଲେ। ଏ କଥାଟି ଗାନ୍ଧିଜୀ ଚାହୁଁ ନଥିଲେ। ତୃଣମୂଳ ସ୍ତରରେ ଜନତା ଜନାର୍ଦ୍ଦନଙ୍କ ସେବା କରିବାକୁ କହିଥିଲେ। କିନ୍ତୁ ଫଳ ହେଲା ବିପରୀତ, କ୍ଷମତାଧାରୀଏ ଘିଅ ମହୁରେ ଭାସିଲେ। ଦୁର୍ବଳ ଶାସନ, ଆର୍ଥନୀତିକ ଦୁରବସ୍ଥା, ଗରିବଙ୍କ ଦୁଃଖ ବଢ଼ିଲା। ଦେଶ ପାଇଁ ସର୍ବସ୍ୱ ତ୍ୟାଗୀ ଜୟପ୍ରକାଶ। ଗଭୀର ଭାବେ ବ୍ୟଥିତ ହେଲେ। ଗୁଜୁରାଟ, ବିହାରର ଉତ୍ସାହୀ ଯୁବକମାନଙ୍କୁ ଏକଜୁଟ କଲେ, ଆରମ୍ଭ ହେଲା ନବନିର୍ମାଣ ଆନ୍ଦୋଳନ। ଜୟପ୍ରକାଶ ଦେଲେ ସମ୍ପୂର୍ଣ୍ଣ ବିପ୍ଳବର ଆହ୍ୱାନ। ଏଥିରେ ନେଲେ ବଜ୍ର ଶପଥ, କ୍ଷୁଧା, ଦାରିଦ୍ର୍ୟ ପ୍ରପୀଡ଼ିତ ମେହନତୀ ମଣିଷ। ସେମାନଙ୍କ ମୁହଁରେ ହସ ଫୁଟାଇବା, ଶାସନ ବ୍ୟବସ୍ଥାକୁ ପବିତ୍ର କରିବାକୁ ସଂଗ୍ରାମ ଆରମ୍ଭ ହେଲା। ଜୟପ୍ରକାଶ ଚାହିଁଲେ ସମ୍ପୂର୍ଣ୍ଣ ସାମାଜିକ ପରିବର୍ତ୍ତନ। ଜାତି, ଧର୍ମ, ବର୍ଣ୍ଣ, ଆଞ୍ଚଳିକ ବିଭେଦତାକୁ ନେଇ ଶୋଷଣ ନୀତି, ଏ ସବୁର ଯୋର୍ ବିରୋଧ କଲେ, ସମାଜର ସବୁଠୁ ତଳବର୍ଗ ମଣିଷ ବଞ୍ଚିବ ସୁଖ ଶାନ୍ତିରେ - ଏଇ କଥାଟି ଉପରେ ଗୁରୁତ୍ୱ ଦିଆଗଲା। ୧୯୭୫ ମସିହା, ହଜାର ହଜାର ସ୍ୱାକ୍ଷରରେ ପ୍ରସ୍ତୁତ ସନନ୍ଦ ପତ୍ର (ପିପୁଲ୍‌ସ ଚାର୍ଟର) ଲୋକସଭା ବାଚସ୍ପତିଙ୍କ ନିକଟକୁ ପ୍ରେରିତ ହେଲା। ସମାଜରେ ଏକ ନୂତନ ଶୃଙ୍ଖଳା ସୃଷ୍ଟିହେବ, ଏଥିପାଇଁ ସାମାଜିକ, ଆର୍ଥନୀତିକ ସମତା ସାଙ୍ଗକୁ ଏକ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ କାର୍ଯ୍ୟ ପନ୍ଥା ସ୍ଥିରୀକୃତ ହେଲା। ଗଣତନ୍ତ୍ର ରାଷ୍ଟ୍ରଶକ୍ତି ନୁହେଁ, ଲୋକଶକ୍ତି ହିଁ ସର୍ବାଗ୍ରେ। ଯେଉଁ ସରକାର ଅସାଧୁ, ସମୂହ କଲ୍ୟାଣ ବିମୁଖ, ଦୁର୍ନୀତି ମୁକ୍ତ ନୁହେଁ, ସେ ସରକାର ଗାଦିରେ ରହିବା ଅଧିକାର ନାହିଁ। 'ଲୋକଶକ୍ତି' ସେ ସରକାରକୁ ହଟେଇ ଦେଇ ପାରିବ - ଏ କଥାଟି ଜୟପ୍ରକାଶ ଦୃଢ଼କଣ୍ଠରେ ଘୋଷଣା କଲେ।

୧୨ ଜୁନ୍ ୧୯୭୫ ମସିହା। ଜାତୀୟ ରାଜନୀତିରେ ସୃଷ୍ଟି ହେଲା ଏକ ନାଟକୀୟ ହଟଚମଟ। ସେବେକା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ। ଅସାଧୁ ଉପାୟ ଅବଲମ୍ବନ, ନିର୍ବାଚନରେ ଚଞ୍ଚକତା ଯୋଗୁଁ ଏହ୍ଲାବାଦ ହାଇକୋର୍ଟ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କଲେ। ଜୟପ୍ରକାଶ ଇନ୍ଦିରାଙ୍କୁ ଇସ୍ତଫା ଦେବାକୁ ପରାମର୍ଶ ଦେଲେ। ଇନ୍ଦିରା ଏଥିପ୍ରତି ଭୂକ୍ଷେପ କଲେନି, ଜାରି କଲେ ଇମରଜେନ୍‌ସି (୨୬ ଜୁନ୍)। ରାତି ରାତି ଜୟପ୍ରକାଶ ସମେତ ବହୁ ତୁଙ୍ଗନେତାଙ୍କୁ ଗିରଫ କରାଗଲା। ଅପହୃତ ହେଲା ସମ୍ବାଦପତ୍ରର ସ୍ୱାଧୀନତା। ସ୍ୱାଧୀନ ଭାରତ; ମାତ୍ର ସର୍ବତ୍ର ସ୍ୱଦେଶୀ ଶାସନର ଭୟ ଆଉ ଆତଙ୍କ, ଗଭୀର ଭାବେ ମର୍ମାହତ ଜୟପ୍ରକାଶ। ମନରେ ତାଙ୍କର ଶତ ଶତ ପ୍ରଶ୍ନ - "ଏଇଭଳି ଏକ ଦୁର୍ଦ୍ଦିନ ପାଇଁ କ'ଣ ମୁକ୍ତି ସଂଗ୍ରାମ ଜାରି ରହିଥିଲା?"

୧୯୭୭ରେ ଇମରଜେନ୍‌ସି ଉଠାଇ ଦିଆଗଲା। ଘୋଷିତ ହେଲା ସାଧାରଣ ନିର୍ବାଚନ। ସବୁ ବିରୋଧୀ ଦଳକୁ ଏକତ୍ର ହେବାକୁ ଆହ୍ୱାନ ଦେଲେ ଜୟପ୍ରକାଶ। ଗଠିତ ହେଲା 'ଜନତା ପାର୍ଟି'। ଏ ନିର୍ବାଚନ ଟାଣି ଆଣିଲା କଂଗ୍ରେସର ଦୁର୍ଭାଗ୍ୟ। ଇନ୍ଦିରାଗାନ୍ଧୀ ପରାସ୍ତ ହେଲେ, କଂଗ୍ରେସର ଅସ୍ତିତ୍ୱ ଏକ ପ୍ରକାର ଲୋପ ପାଇଗଲା। ବିଜୟ ହେଲା ଲୋକଶକ୍ତିର। ଦ୍ୱିତୀୟ ସ୍ୱାଧୀନତା ସଂଗ୍ରାମର ଜୟଯାତ୍ରା ଆରମ୍ଭ ହେଲା। ବ୍ୟକ୍ତିର ଦର୍ଶନ, ଆଦର୍ଶ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଏ ସବୁ ଭିନ୍ନ କଥା; ବହୁ ଦଳ, ବହୁ ନେତା, ଭିନ୍ନ ଭିନ୍ନ ଆଦର୍ଶ, କେତେ ଦିନ ବା ଏକାକି ତିଷ୍ଠି ରହିପାରନ୍ତା? ଜନତା ଦଳ ଗାଦିରେ ରହିଲା। ପ୍ରଧାନମନ୍ତ୍ରୀ ହେଲେ ମୋରାରଜୀ ଦେଶାଇ। ମାତ୍ର ଦୁଇବର୍ଷ ମଧ୍ୟରେ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ (୧୯୭୯)। ଭାଙ୍ଗିଗଲା ଜନତା ପାର୍ଟି। ଗଭୀର ଭାବେ ମର୍ମାହତ ହେଲେ ଜୟପ୍ରକାଶ। ଏହା ସତ୍ତ୍ୱେ ସମ୍ପୂର୍ଣ୍ଣ ବିପ୍ଳବ ଚିନ୍ତାଧାରାରୁ ସେ ନିବୃତ୍ତ ହୋଇ ନଥିଲେ।

ସାମ୍ପ୍ରତିକ ସ୍ଥିତିରେ ଭାରତବର୍ଷରେ ସମ୍ପୂର୍ଣ୍ଣ ବିପ୍ଳବର ପରିବେଶ ଭିନ୍ନ। ଗ୍ରାମ୍ୟସ୍ତରରୁ ସମ୍ପ୍ରସାରିତ ହୋଇ ନଗର କେନ୍ଦ୍ରିତ ହେବା ହିଁ ଭାରତର ସମ୍ପୂର୍ଣ୍ଣ ବିପ୍ଳବ। ସରଳ ଅର୍ଥରେ କହିଲେ ସାମାଜିକ ଜୀବନର ସମ୍ପୂର୍ଣ୍ଣ ବିପ୍ଳବ, ସମାଜରେ ଦୁର୍ବଳ ଶ୍ରେଣୀର ସମ୍ପୂର୍ଣ୍ଣ ବିପ୍ଳବର ଭୂମିକା ଏ ସମ୍ପର୍କରେ ଜୟପ୍ରକାଶ ନିଜର ମତ ରଖିଥିଲେ। ସମାଜର ଉଚ୍ଚବର୍ଣ୍ଣ ଦୁର୍ବଳ ଶ୍ରେଣୀ ପ୍ରତି ସମ୍ବେଦନଶୀଳ ହେବେ, ତାହା ନ ହେଲେ ସମାଜ ପରିବର୍ତ୍ତନ ଅସମ୍ଭବ। ଦୁର୍ବଳ ଶ୍ରେଣୀ ନିଜର ହକ୍ ପାଇଁ ପ୍ରସ୍ତୁତ ହେବେ, ଠିକଣା ସମୟରେ ସ୍ୱରଉତ୍ତୋଳନ କରିବେ। ଏଥି ପାଇଁ ଲୋଡ଼ା ଦୃଢ଼ ସଂଗଠନ। ଏକ ସୁନ୍ଦର, ସ୍ୱୟଂସମ୍ପୂର୍ଣ୍ଣ ସମାଜ ଗଠନ - ଏଇଟି ଥିଲା ଜୟ ପ୍ରକାଶଙ୍କ "ସମ୍ପୂର୍ଣ୍ଣ ବିପ୍ଳବର" ମୂଳକଥା।

ଜୟପ୍ରକାଶ ଦେଶ ପାଇଁ ଲଢ଼ିଲେ, ଲହୁ ଲୁହ ଢାଳିଲେ। ଶେଷରେ କ୍ଷମତା ରାଜନୀତିରୁ ଦୂରରେ ରହିଲେ। ଭାରତୀୟ ସମାଜବାଦୀ ଆନ୍ଦୋଳନ ପାଇଁ ଏହା ଥିଲା ଏକ ଶକ୍ତ ଧକ୍‌କା। ତତ୍ତ୍ୱଦର୍ଶୀ, ଦୂରଦ୍ରଷ୍ଟା ଜୟପ୍ରକାଶ। ତରୁଣର ତାରୁଣ୍ୟ, ସମାଜବାଦରେ ଅବଗାହିତ ଜୟପ୍ରକାଶ। ସମୟ ଗଡ଼ିଲା। ଜୟପ୍ରକାଶଙ୍କ ଚିନ୍ତାଧାରାରେ ଘଟିଲା ବିରାଟ ପରିବର୍ତ୍ତନ। ଭାରତର ଆର୍ଥନୀତିକ ସ୍ଥିତି ସହ ସାମାଜିକ ବିଧିବିଧାନ - ବ୍ୟବସ୍ଥା, ଏ ସ୍ଥିତିରେ ବୈପ୍ଳବିକ ସମାଜବାଦ ସେତେଟା ଫଳପ୍ରଦ ହେବନି। ବଦଳିଲା ତାଙ୍କର ମତି ଗତି, ଆଦର୍ଶ। ଭାରତ ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ସମାଜବାଦ କଥା ଚିନ୍ତାକଲେ, କାମରେ ବି ଲଗାଇଲେ। ତାଙ୍କ ଦ୍ୱାରା ରଚିତ ପୁସ୍ତକ 'ସମାଜବାଦରୁ ସର୍ବୋଦୟ'। ସମାଜବାଦ କେବଳ ଆର୍ଥନୀତିକ ସମତା ନୁହେଁ, ସୁସ୍ଥ ଜୀବନ ଧାରଣର ଏକ ପନ୍ଥା। ସମାଜର ସଫଳତା ସୁସ୍ଥ ଗଣତନ୍ତ୍ର, ଜନ ସହଯୋଗ ଉପରେ ନିର୍ଭରଶୀଳ। ଏ ଥିଲା ତାଙ୍କ ଦର୍ଶନର ମୂଳକଥା। ସାମ୍ୟବାଦୀ ସିଦ୍ଧାନ୍ତ ଉପରେ ଜୟପ୍ରକାଶଙ୍କର ଅଗାଧ ବିଶ୍ୱାସ। ସେ ସୋସାଲିଷ୍ଟ ପାର୍ଟିର ସର୍ବମାନ୍ୟ ନେତା। ୧୯୫୨ ମସିହାରେ ଆସିଲା ତାଙ୍କର ଭାବାନ୍ତର। ନିଜ ଆତ୍ମଶୁଦ୍ଧି ଲୋଡ଼ା, ଏକଥାଟି ଅନୁଭବ କଲେ, ଅନଶନ ରଖିଲେ ୨୧ ଦିନ। ଏହାପରେ ମାର୍କ୍ସବାଦ, ସମାଜବାଦର ରାଜନୈତିକ ସିଦ୍ଧାନ୍ତ - ଏ ଦୁଇଟି ପରିତ୍ୟାଗ କଲେ। ରାଜନୀତିରୁ ସନ୍ନ୍ୟାସ ନେଲେ। ୧୯୬୭ ମସିହା, ସେପ୍ଟେମ୍ବର ୨୭। ରାମମନୋହର ଲୋହିଆ ପାଟନା ଗଲେ। ଜୟପ୍ରକାଶଙ୍କୁ ସାକ୍ଷାତ କରି ସକ୍ରିୟ ରାଜନୀତିକୁ ଓହ୍ଲାଇବାକୁ ଅନୁରୋଧ ରଖିଲେ। ମାତ୍ର ଜୟପ୍ରକାଶ ଆଉ ପଛକୁ ଫେରି ଚାହିଁଲେନି, ଶେଷ ଯାଏ ଜନତାର ଉନ୍ନତି କଳ୍ପେ ଆପଣାକୁ ସମର୍ପି ଦେଲେ।

ଜୟପ୍ରକାଶ ଜଣେ ମହାନ ବ୍ୟକ୍ତିତ୍ୱ। ମାନବ ସେବା ହିଁ ମାଧବ ସେବା - ଏ ଥିଲା ତାଙ୍କର ଆଦର୍ଶ। ଦଳିତ, ନିଷ୍ପେସିତଙ୍କ ମୁହଁରେ ହସଟିକେ ଦେଖିବାର ସ୍ୱପ୍ନ ଦେଖିଲେ, ଏଥିରେ ଅନେକାଂଶରେ ସେ ସଫଳ ହେଲେ। ଭାରତ ମାତାର ସେ ଅନ୍ୟତମ ସୁଯୋଗ୍ୟ ସନ୍ତାନ। ଜୀବନବ୍ୟାପୀ ଜନସେବା ପାଇଁ ଫିଲିପାଇନ୍‌ସରୁ ତାଙ୍କୁ ମିଳିଲା 'ରମନ ମାଗାସେସ' ସମ୍ମାନ (୧୯୬୫)। ସେ ମଧ୍ୟ ରାଷ୍ଟ୍ରଭୂଷଣ ସମ୍ମାନରେ ବିଭୂଷିତ। ଏ ପରିପ୍ରେକ୍ଷୀରେ ଭାରତମାତା ତା' ସୁଯୋଗ୍ୟ ସନ୍ତାନକୁ ଚିହ୍ନିଲା ବହୁ ବିଳମ୍ବରେ। ଜୟପ୍ରକାଶଙ୍କୁ ମରଣୋତ୍ତର ଭାରତର ଶ୍ରେଷ୍ଠ ବେସାମରିକ ପୁରସ୍କାର 'ଭାରତ ରତ୍ନ' ପ୍ରଦାନ କରାଗଲା (୧୯୯୯)। ଜଣେ ପବିତ୍ର ମୁକ୍ତିସଂଗ୍ରାମୀ, ନିଦରବମାନଙ୍କ ପାଇଁ ଲଢୁଥିବା ଦରଦୀ ମଣିଷ, ସମ୍ପୂର୍ଣ୍ଣ ବିପ୍ଳବର ପ୍ରବକ୍ତା ଭାବେ ତାଙ୍କୁ ଏଇ ପୁରସ୍କାର ଦିଆଗଲା। ସେତେବେଳେ ସେ ଇହଧାମରେ ନଥିଲେ। ଭାରତ ମାତା ଗଳାରେ ଆଉ ଏକ ରତ୍ନ ଜାଜ୍ୱଲ୍ୟମାନ ହେଲା। ୧୯୭୯ ମସିହା ଅକ୍ଟୋବର ଆଠ ତାରିଖ, ୭୭ ବର୍ଷ ବୟସରେ ଲୋକନାୟକଙ୍କର ହେଲା ମହାପ୍ରୟାଣ। ରାଜନୀତି ଆକାଶରୁ ଅସ୍ତମିତ ହେଲା ଆଉ ଏକ ଉଜ୍ଜ୍ୱଳ ନକ୍ଷତ୍ର। ବିପ୍ଳବୀ ସିନା ଚାଲିଯାଏ, ବିପ୍ଳବ ମରେନି କି ସରେନି। ନାହାନ୍ତି ଜୟପ୍ରକାଶ, ହେଲେ ତାଙ୍କର କୀର୍ତ୍ତି, ଆଦର୍ଶ କାଳ କୋଳରେ ଚିର ଉଦ୍‌ଭାସିତ। ତାଙ୍କ ପରଲୋକରେ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ସର୍ବସମ୍ମତ ପ୍ରସ୍ତାବଟେ ଗୃହୀତ ହେଲା - "ସ୍ୱାଧୀନତା ଓ ମାନବିକ ଅଧିକାରର ଜଣେ ମହାନ ପ୍ରବକ୍ତା ହେଉଛନ୍ତି ଲୋକନାୟକ ଜୟପ୍ରକାଶ ନାରାୟଣ।" ଏଥିରୁ ବେଶ୍ ବାରି ହୋଇପଡ଼େ ଚୌଦିଗ ପ୍ରସାରୀ ତାଙ୍କ ବ୍ୟକ୍ତିତ୍ୱର ଅମଳିନ କାହାଣୀ। ଏକ ସମୃଦ୍ଧ, ବିକାଶଶୀଳ, ସମ୍ଭାବନାମୟ, ଆତ୍ମନିର୍ଭରଶୀଳ ଭାରତବର୍ଷ ଗଠନରେ ଜୟପ୍ରକାଶଙ୍କର ଭୂମିକା ଚିର ସ୍ମରଣୀୟ।

# ଆତଙ୍କବାଦ ବିରୁଦ୍ଧରେ ଭାରତର ସିନ୍ଧୁ ଚୁକ୍ତିର ରଣନୀତି



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ସମ୍ପାଦକ - ଭଗବତୀ ସାହିତ୍ୟ ସଂସଦ
ମୋ-୯୯୩୮୯୦୬୦୭୦

ଭାରତର ଇଂରାଜୀ ନାମ ଇଣ୍ଡିଆ ମଧ୍ୟ ସିନ୍ଧୁ ନଦୀର ଇଂରାଜୀ ନାମ ଇଣ୍ଡସ୍‌ରୁ ଉଦ୍ଧୃତ। ସଂସ୍କୃତ ଭାଷାରେ ଏହି ନଦୀକୁ ସିନ୍ଧୁ ଓ ପାର୍ସୀ ଭାଷାରେ ଏହି ନଦୀକୁ ହିନ୍ଦୁ ବୋଲି କୁହାଯାଏ। ସଂସ୍କୃତରେ ସିନ୍ଧୁ ଶବ୍ଦର ଅର୍ଥ ହେଲା ସାଗର, ମହାସାଗର ଅଥବା କୌଣସି ବୃହତ୍ ଜଳାଶୟ । ପରବର୍ତ୍ତୀ ସମୟରେ ପାରସ୍ୟ ଭାଷାରେ ସିନ୍ଧୁ ନଦୀକୁ ଦରିଆ ବୋଲି ମଧ୍ୟ ନାମିତ କରାଯାଇଛି । ଦରିଆ ଶବ୍ଦଟି ମଧ୍ୟ କୌଣସି ବୃହତ୍ ଜଳାଶୟ ଅଥବା ସାଗରକୁ ସୂଚାଇଥାଏ । ସ୍ଥଳପଥରେ ବାହାରୁ ଭାରତକୁ ଆସୁଥିବା ଲୋକେ ସିନ୍ଧୁ ନଦୀକୁ ସୀମାନ୍ତ ନଦୀ ବା ସୀମାରେ ଥିବା ନଦୀ ବୋଲି କହୁଥିଲେ । ପ୍ରାଚୀନ ଇରାନୀୟ ଭାଷାରେ ସ ଧ୍ୱନି ହ ବୋଲି ଉଚ୍ଚାରିତ ହେଉଥିବାରୁ ଏପରି ଦୁଇଟି ନାମ ସୃଷ୍ଟି ହୋଇଥିଲା । ଆସ୍କୋ ପାର୍ପୋଲାଙ୍କ ମତରେ ଆନୁମାନିକ ଖ୍ରୀଷ୍ଟପୂର୍ବ ୮୫୦-୬୦୦ ବେଳକୁ ଏହି ଦୁଇ ନାମର ପ୍ରଚଳନ ଆରମ୍ଭ ହୋଇଥିଲା। ପାରସ୍ୟର ଆକେମେନିଡ୍ ସାମ୍ରାଜ୍ୟରୁ ଗ୍ରୀକ୍ ଲୋକେ ଏହି ନଦୀର ନାମ ଜାଣିବା ପରେ ତାହାକୁ ନିଜ ଭାଷାରେ ଇଣ୍ଡୋସ୍ ବୋଲି ଉଚ୍ଚାରଣ କଲେ। ପରେ ପ୍ରାଚୀନ ରୋମ୍ ସଭ୍ୟତାରେ ଏହି ନାମ ସାମାନ୍ୟ ଅପଭ୍ରଷ୍ଟ ହୋଇ ଇଣ୍ଡସ୍ ବୋଲାଇଲା । ପ୍ରଚଳିତ ଇଂରାଜୀ ଭାଷାରେ ମଧ୍ୟ ଇଣ୍ଡସ୍ ନାମ ରହିଛି । ଋକବେଦରେ ଅନେକ ନଦୀର ଉଲ୍ଲେଖ ରହିଛି ଯାହା ମଧ୍ୟରୁ 'ସିନ୍ଧୁ' ନଦୀ ଅନ୍ୟତମ । ଋକବେଦରେ ୧୭୬ ଥର ଏକବଚନ ଶବ୍ଦ 'ସିନ୍ଧୁ' ଓ ୯୪ ଥର ବହୁବଚନ ଶବ୍ଦ 'ସିନ୍ଧବଃ' ଉଲ୍ଲିଖିତ ଅଛି । ସିନ୍ଧୁ ଶବ୍ଦଟି ଅଧିକାଂଶ ସମୟରେ ନଦୀ ପାଇଁ ହିଁ ବ୍ୟବହୃତ ହୋଇଛି। ପରବର୍ତ୍ତୀ କାଳରେ ରଚିତ ଓ ଋକବେଦରେ ସମ୍ମିଳିତ ସ୍ତୋତ୍ର ସବୁରେ ସିନ୍ଧୁ ଶବ୍ଦ କେବଳ ସିନ୍ଧୁ ନଦୀ ପାଇଁ ବ୍ୟବହୃତ ହୋଇଛି ; ଉଦାହରଣ ସ୍ୱରୂପ ନଦୀସ୍ତୁତି ସୂକ୍ତ । ଋକବେଦର ଶ୍ଳୋକରେ ବ୍ରହ୍ମପୁତ୍ର ବ୍ୟତୀତ ଅନ୍ୟ ସମସ୍ତ ନଦୀଙ୍କୁ ସ୍ତ୍ରୀଲିଙ୍ଗବାଚୀ ଶବ୍ଦରେ ସମ୍ବୋଧନ କରାଯାଇଛି । ପାକିସ୍ତାନର ଅର୍ଥନୀତିରେ ସିନ୍ଧୁ ନଦୀର ଜଳ ସମ୍ବଳର ବିଶେଷ ଭୂମିକା ରହିଛି । ମୁଖ୍ୟତଃ ପାକିସ୍ତାନର ପଞ୍ଜାବ ଓ ସିନ୍ଧ ଅଞ୍ଚଳ ସିନ୍ଧୁ ନଦୀଦ୍ୱାରା ବିଶେଷ ରୂପେ ଉପକୃତ ହୋଇଥାନ୍ତି। ପଞ୍ଜାବ ଶବ୍ଦର ଅର୍ଥ ହେଲା - 'ପାଞ୍ଚ ନଦୀର ଦେଶ' । ଏଠାରେ ପାଞ୍ଚଟି ନଦୀ ହେଲେ ଝେଲମ, ଚେନାବ, ରାଭି, ବେଆସ୍ ଓ ଶତଲେଜ ଯାହା ମିଳିତ ଭାବେ ସିନ୍ଧୁ ନଦୀରେ ନିଷ୍କାସିତ ହୋଇଥାନ୍ତି । ଏତତ୍ ବ୍ୟତୀତ ସିନ୍ଧୁ ନଦୀ ପାକିସ୍ତାନର ବହୁ ଉଦ୍ୟୋଗକୁ ଆବଶ୍ୟକୀୟ ପାଣି ଓ ଅନ୍ୟାନ୍ୟ ସହର ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଯୋଗାଇଥାଏ । ପାକିସ୍ତାନ ଗଠିତ ହେବା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ୧୯୬୦ ମସିହାରେ ସିନ୍ଧୁ ଜଳ ଚୁକ୍ତି ସ୍ୱାକ୍ଷରିତ ହେଲା ଏବଂ ଏହା ଯୋଗୁଁ ଉପରମୁଣ୍ଡ ଭାରତରେ ଥିଲେ ହେଁ ପାକିସ୍ତାନକୁ ସିନ୍ଧୁ, ଝେଲମ୍ ଓ ଚେନାବ ନଦୀର ସିଂହଭାଗ ଜଳ ମିଳିଲା । ପରିକଳ୍ପିତ ସିନ୍ଧୁ ଅବବାହିକା ଯୋଜନା ଅନୁସାରେ ଝେଲମ ନଦୀ ଉପରେ ମଙ୍ଗଳା ବନ୍ଧ ଏବଂ ସିନ୍ଧୁ ନଦୀ ଉପରେ ତର୍ବେଲା ବନ୍ଧ ଏବଂ କିଛି କ୍ଷୁଦ୍ର ସହାୟକ ନଦୀବନ୍ଧ ନିର୍ମିତ ହେବାର ଥିଲା । ପାକିସ୍ତାନର ଜଳ ଓ ଶକ୍ତି ଉନ୍ନୟନ ବିଭାଗ ଚସମା ଓ ଝେଲମ ଯୋଡ଼ ସେଚନ କେନାଲ୍‌ର କାର୍ଯ୍ୟ ଆରମ୍ଭ କରିଥିଲା । ପାକିସ୍ତାନର ଅର୍ଥନୀତି ଓ ଜନଜୀବନ ପାଇଁ ସିନ୍ଧୁ ନଦୀ ଅତି ଗୁରୁତ୍ୱପୂର୍ଣ୍ଣ । ଇଂରେଜ ଶାସନର ସମାପ୍ତି ପରେ ଭାରତ ଓ ପାକିସ୍ତାନ ସ୍ୱାଧୀନ ହୋଇଥିଲେ, କିନ୍ତୁ ସିନ୍ଧୁ ଓ ପୂର୍ବ ପଟର ପାଞ୍ଚ ଉପନଦୀର ଜଳକୁ ନେଇ ଘୋର ବିବାଦ ସୃଷ୍ଟି ହେଲା। ଶତଲେଜ ନଦୀର ଜଳସେଚନ ନାଳ ଓ ବାରି ଦୋଆବର ନାଳଗୁଡ଼ିକ ପାକିସ୍ତାନ ପଟରେ ରହିଗଲା କିନ୍ତୁ ତାହାର ନିୟନ୍ତ୍ରଣ କରୁଥିବା ବନ୍ଧ ଭାରତ ପଟରେ ରହିଲା । ଏହା ଫଳରେ ପାକିସ୍ତାନରେ ଜଳସେଚନ ବାଧାପ୍ରାପ୍ତ ହେଲା । ପୁଣି ପଞ୍ଜାବ ଅଞ୍ଚଳରେ ଭାରତ ନୂତନ ବନ୍ଧ ନିର୍ମାଣ କରିବାଦ୍ୱାରା ପାକିସ୍ତାନକୁ ଜଳ ଯୋଗାଣ କମିଯିବାର ଆଶଙ୍କା ହେଲା । ଯୁଦ୍ଧ ସମୟରେ ଭାରତ ନଦୀମାନଙ୍କ ପାଣିକୁ ନିଜ ପାଇଁ ବ୍ୟବହାର ଓ ପାକିସ୍ତାନକୁ ହଇରାଣ କରିପାରେ ବୋଲି ପାକିସ୍ତାନରେ ଏକ ରାଜନୈତିକ ଚିନ୍ତା ସୃଷ୍ଟି କଲା । ତେଣୁ ୧୯୬୦ ମସିହାରେ ବିଶ୍ୱବ୍ୟାଙ୍କର ମଧ୍ୟସ୍ଥତାରେ ଭାରତ ଓ ପାକିସ୍ତାନ ମଧ୍ୟରେ କୂଟନୈତିକ ଆଲୋଚନା ହୋଇ ଉଭୟ ରାଷ୍ଟ୍ରଙ୍କଦ୍ୱାରା ସିନ୍ଧୁ ଜଳ ଚୁକ୍ତି (Indus Waters Treaty) ସ୍ୱାକ୍ଷରିତ ହୋଇଥିଲା । ଏହି ଚୁକ୍ତି ଅନୁସାରେ ଭାରତ ପାଖରେ ଶତଲେଜ, ବେଆସ୍ ଏବଂ ରାଭି ନଦୀର ଜଳକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଥିବା ବେଳେ ପାକିସ୍ତାନ ପାଖରେ ଝେଲମ, ଚେନାବ ଓ ସିନ୍ଧୁ ନଦୀର ଜଳ ନିୟନ୍ତ୍ରଣ କରିବାର କ୍ଷମତା ରହିଲା। ଭାରତ ପାଖରେ ପଶ୍ଚିମ ନଦୀ ତିନୋଟିକୁ ଜଳସେଚନ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାର ଅଧିକାର ରହିଲା । ଇତିହାସରୁ ଜଣାଯାଏ ଯେ ସିନ୍ଧୁ ନଦୀ ତଥା ଇଂରାଜୀରେ Indus River ଏସିଆ ମହାଦେଶର ଦୀର୍ଘତମ ନଦୀମାନଙ୍କ ମଧ୍ୟରୁ ଅନ୍ୟତମ। ତିବ୍ବତ ମାଳଭୂମିରେ ମାନସରୋବର ହ୍ରଦ ନିକଟବର୍ତ୍ତୀ ଅଞ୍ଚଳରୁ ଏହି ନଦୀର ଉତ୍ପତ୍ତି । ନିଜ ଉତ୍ପତ୍ତିସ୍ଥଳରୁ ବାହାରି ଏହି ନଦୀ ଲଦାଖ ଅଞ୍ଚଳ ଅତିକ୍ରମ କରି ଗିଲ୍ ଗିଟ୍ - ବାଲ୍ ଟିସ୍ତାନରେ ହିନ୍ଦୁକୁଶ ପର୍ବତମାଳାର ଉପତ୍ୟକାରେ ପ୍ରବେଶ କରିଛି । ତାହା ପରେ ଏହା ଦକ୍ଷିଣମୁଖୀ ହୋଇ ପାକିସ୍ତାନରେ ପ୍ରବାହିତ ହୋଇ ବନ୍ଦର ନଗରୀ କରାଚୀ ନିକଟରେ ଆରବ ସାଗର ସହିତ ସମ୍ମିଳିତ ହୋଇଛି । ସିନ୍ଧୁ ନଦୀ ପାକିସ୍ତାନର ଦୀର୍ଘତମ ନଦୀ ଓ ଏହାକୁ ପାକିସ୍ତାନର ଜାତୀୟ ନଦୀ ବୋଲି କୁହାଯାଏ । ସିନ୍ଧୁ ନଦୀର ଅବବାହିକା ୧୧,୬୫,୦୦୦ ବର୍ଗ କିଲୋମିଟର୍ ଅଞ୍ଚଳରେ ବ୍ୟାପ୍ତ । ଏହାର ବାର୍ଷିକ ପ୍ରବାହ ହାରାହାରି ୨୪୩ ଘନ କିଲୋମିଟର୍ ଯାହା ନୀଳ ନଦୀର ବାର୍ଷିକ ପ୍ରବାହର ୨ ଗୁଣ ଓ ୟୁଫ୍ରେଟିସ୍-ଟାଇଗ୍ରିସ୍ ନଦୀର ମିଳିତ ପ୍ରବାହର ୩ ଗୁଣ। ଏହି କାରଣରୁ ଜଳ ନିଷ୍କାସନ ହାର ଦେଖିଲେ ସିନ୍ଧୁ ନଦୀକୁ ବିଶ୍ୱର ବୃହତ୍ତମ ନଦୀମାନଙ୍କ ଶ୍ରେଣୀରେ ଗଣନା କରାଯାଇପାରେ । ଲଦାଖରେ ଜାନ୍‌ସ୍କାର ନଦୀ ଏହାର ବାମ ତୀରର ଉପନଦୀ । ସମତଳ ଅଞ୍ଚଳକୁ ପ୍ରବେଶ କରିବା ପରେ ସିନ୍ଧୁର ବାମ ତୀରରେ ପଞ୍ଜନଦ ଏହାର ମୁଖ୍ୟ ଉପନଦୀ ଯାହା ଚେନାବ, ଝେଲମ୍, ରାଭି, ବେଆସ୍ ଓ ଶତଲେଜ୍ ନଦୀର ମିଳନରୁ ସୃଷ୍ଟ । ଡାହାଣ ତୀରରେ ମିଶୁଥିବା ଉପନଦୀମାନଙ୍କ ମଧ୍ୟରେ ଶ୍ୟୋକ୍, ଗିଲ୍‌ଗିଟ୍, କାବୁଲ୍, ଗୋମଲ୍ ଓ କୁର୍ରମ୍ ନଦୀ ପ୍ରଧାନ । ଏକ କ୍ଷୁଦ୍ର ପାହାଡ଼ିଆ ଝରଣା ରୂପେ ସୃଷ୍ଟ ସିନ୍ଧୁ ନଦୀ ହିମସ୍ରୋତ, ତଥା ହିମାଳୟ, କାରାକୋରମ୍ ଓ ହିନ୍ଦୁକୁଶର ନଦୀ ମାନଙ୍କ ଦ୍ୱାରା ପରିବୃଦ୍ଧ ହୋଇଛି । ସିନ୍ଧୁ ଉପତ୍ୟକାର ଉତ୍ତର ପାର୍ଶ୍ୱ "ପଞ୍ଜାବ ଅଞ୍ଚଳ" ଏବଂ ନିମ୍ନାଂଶ "ସିନ୍ଧ ଅଞ୍ଚଳ" ରୂପେ ପରିଚିତ । ଏହି ଅଞ୍ଚଳରେ ବସବାସ କରିଆସିଥିବା ଅତୀତର ବିଭିନ୍ନ ସଂସ୍କୃତିରେ ସିନ୍ଧୁ ନଦୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଖ୍ରୀଷ୍ଟପୂର୍ବ ୩୦୦୦ରେ ସିନ୍ଧୁ ଉପତ୍ୟକାରେ ସିନ୍ଧୁ ସଭ୍ୟତା ଗଢ଼ି ଉଠିଥିଲା। ଏହା କାଂସ୍ୟ ଯୁଗର ଏକ ପ୍ରମୁଖ ନଗର ସଭ୍ୟତା ଭାବେ ପରିଚିତ । ଖ୍ରୀଷ୍ଟପୂର୍ବ ୨୦୦୦ ବେଳକୁ ରଚିତ ଋକବେଦରେ ପଞ୍ଜାବ ଅଞ୍ଚଳକୁ ସପ୍ତ ସିନ୍ଧୁ ବୋଲି କୁହାଯାଇଛି । ପାର୍ସୀମାନଙ୍କ ଅବେସ୍ତାରେ ଏହି ଅଞ୍ଚଳକୁ ହପ୍ତ ହିନ୍ଦୁ ବୋଲି ଅଭିହିତ କରାଯାଇଛି । ଉଭୟ ଶବ୍ଦର ଅର୍ଥ ହେଲା ସାତ ନଦୀ । ଐତିହାସିକ ରାଜ୍ୟ ବା ସାମ୍ରାଜ୍ୟମାନଙ୍କ ମଧ୍ୟରୁ ଗାନ୍ଧାର, ରୋର ଓ ଶୌବୀର ପ୍ରଭୃତି ରାଜ୍ୟ ସିନ୍ଧୁ ଉପତ୍ୟକାରେ ଅବସ୍ଥିତ ଥିଲା । ପାରସ୍ୟର ରାଜା ଡାରିୟସ୍ ଜଣେ ଦୂତଙ୍କୁ ଖ୍ରୀଷ୍ଟପୂର୍ବ ୫୧୫ରେ ଏହି ନଦୀ ବିଷୟରେ ଅଧିକ ଜାଣିବାକୁ ପଠାଇଥିଲେ ଓ ତାହା ପରଠାରୁ ପାଶ୍ଚାତ୍ୟ ଦେଶର ଲୋକେ ସିନ୍ଧୁ ନଦୀ ବିଷୟରେ ଜାଣିବାକୁ ପାଇଲେ। ସିନ୍ଧୁ ନଦୀର ଜଳ ପଞ୍ଜାବ ଓ ସିନ୍ଧର ସମତଳ ଅଞ୍ଚଳରେ ଖାଦ୍ୟ, ପାନୀୟ ଓ କୃଷିର ମେରୁଦଣ୍ଡ ପରି । ସିନ୍ଧୁ ଉପତ୍ୟକାର ନିମ୍ନାଂଶରେ ବୃଷ୍ଟିପାତର ମାତ୍ରା କମ ଥିବାରୁ ସେଠାରେ ସିନ୍ଧୁ ନଦୀର ମହତ୍ତ୍ୱ ଆହୁରି ବଢ଼ିଯାଏ । ସିନ୍ଧୁ ସଭ୍ୟତା ସମୟରୁ ଲୋକେ ସିନ୍ଧୁ ନଦୀରୁ ଜଳସେଚନ ପାଇଁ କେନାଲ୍ ଖୋଳି ବ୍ୟବହାର କରିଆସୁଛନ୍ତି । ପରବର୍ତ୍ତୀ ସମୟରେ କୁଶାଣ ଓ ମୋଗଲ ସାମ୍ରାଜ୍ୟର ଲୋକେ ଅନେକ ଜଳସେଚନ କେନାଲ୍ ନିର୍ମାଣ କରିଥିଲେ। ଇଂରେଜ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ସମୟରେ ୧୮୫୦ ମସିହାରେ କିଛି ଆଧୁନିକ କେନାଲ୍‌ର ନିର୍ମାଣ ଓ ଅନେକ ପୁରାତନ କେନାଲ୍‌ର ମରାମତି କରାଯାଇଥିଲା। ଇଂରେଜ ମାନେ ଏଠାରେ ବିଶ୍ୱର ଜଟିଳ ସେଚନ ବ୍ୟବସ୍ଥାର ନିର୍ମାଣ କରାଇଥିଲେ । ଗୁଡ୍ଡୁ ବ୍ୟାରେଜ୍ ୧୩୫୦ ମିଟର୍ ଲମ୍ବା ଓ ଏହା ସୁକ୍କୁର, ଜାକବାବାଦ, ଲର୍କାନା, କଲାତ ଆଦି ଅଞ୍ଚଳକୁ ସେଚିତ କରିଥାଏ । ସୁକ୍କୁର ବ୍ୟାରେଜ୍ ୨୦,୦୦୦ ବର୍ଗ କି.ମି.ରୁ ବଡ଼ ଅଞ୍ଚଳରେ ଜଳସେଚନର ସୁବିଧା ପହଞ୍ଚାଇ ଥାଏ । ତେବେ ଆଜି ଏହି ପବିତ୍ର ନଦୀ କୁ ନେଇ ସମଗ୍ର ବିଶ୍ୱର ନଜର ରହିଛି। କାରଣ ନିକଟରେ ଜାମ୍ମୁ କାଶ୍ମୀରରେ ପାକିସ୍ତାନ ଆତଙ୍କବାଦୀ ଦ୍ୱାରା ହୋଇଥିବା ନିରୀହ ଲୋକଙ୍କ ଉପରେ ବର୍ବର ଗୁଳିକାଣ୍ଡକୁ ନେଇ ଭାରତ ସରକାର ଶକ୍ତ ଓ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅର୍ଡର ଦେଇଛି । ଫଳ ସ୍ୱରୁପ ସିନ୍ଧୁ ନଦୀର ପାଣି ପାକିସ୍ତାନକୁ ଟୋପେ ବି ନ ଦିଆ ଯିବାକୁ ସଂକଳ୍ପ ହୋଇଛି, ଯାହା ଦ୍ୱାରା ପାକିସ୍ତାନରେ ସରକାର ଠାରୁ ଆରମ୍ଭ କରି ସାଧାରଣ ଜନତା ଛାନିଆ ହୋଇଛନ୍ତି । କାରଣ ସିନ୍ଧୁ ନଦୀର ପାଣି ଉପରେ ପାକିସ୍ତାନର ଚାଷ, ଇଲେକ୍ଟ୍ରିସିଟି ଓ ଅର୍ଥନୈତିକ ବ୍ୟବସ୍ଥା ନିର୍ଭର କରେ । ଭାରତ ସରକାରଙ୍କ ଏ ନିଷ୍ପତ୍ତି ମଧ୍ୟ ସଠିକ କାରଣ ସୀମା ସେପଟରୁ ଆତଙ୍କବାଦକୁ ମୂଳ ନିପାତ କରିବାକୁ ହେଲେ ତାକୁ ଅର୍ଥନୈତିକ ଦୃଷ୍ଟି କୋଣରୁ ପ୍ରହାର ଦିଆଯିବା ଉଚିତ୍ । ତେବେ ପାକିସ୍ତାନ ତାହାର ଆତଙ୍କବାଦୀ ସଂଗଠନକୁ ନିୟନ୍ତ୍ରଣ କରିବ ଓ ଦୁଇ ଦେଶ ଭିତରେ ଶାନ୍ତି ସ୍ଥାପନ ହେବ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ





# ପାନୀୟ ଜଳ ସଙ୍କଟ:ନାଳ ଚୁଆ ହିଁ ଭରସା

**କପ୍ତିପଦା, ନ୍ୟୁଜ୍ ବ୍ୟୁରୋ**



କପ୍ତିପଦା ବ୍ଲକ ଅଞ୍ଚଳରେ ପିଇବା ପାଣି ସମସ୍ୟା ଉତ୍କଟ ହେଉଛି । ପାଣି ମୁନ୍ଦେ ପାଇଁ ଦୁଇ କିମି ଯିବାକୁ ପଡୁଛି । କପ୍ତିପଦା ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଭାବେ ଜଣାଶୁଣା । ଏହି ବ୍ଲକର ୧୦ଟି ପଞ୍ଚାୟତ ପାହାଡିଆ ଅଞ୍ଚଳ ହୋଇଥିବାରୁ ଏଠାରେ ବର୍ଷତମାମ ଜଳକଷ୍ଟ ଲାଗିରହିଥାଏ । ତେବେ ସରକାରଙ୍କ ତରଫରୁ ବିଭିନ୍ନ ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ବ୍ଲକର କିଛି ଅଞ୍ଚଳରେ ଉତ୍କଟ ଜଳାଭାବ ଦେଖାଦେଉଛି । ଶାଳଚୁଆ ପଞ୍ଚାୟତ ଅଧୀନ ଉପିସାହି ଗାଁର ଉପରି ମୁଣ୍ଡରେ ଶତପ୍ରତିଶତ ଆଦିବାସୀ ବସବାସ କରୁଛନ୍ତି; ହେଲେ ଏହି ଗାଁର ଲୋକେ ୫ କିମି ଦୂର ସୁନେଇ ଡ୍ୟାମ୍‌କୁ ଗାଧୋଇବାକୁ ଯାଆନ୍ତି । ନିଜେ କୂଅଟିଏ ଖୋଳିବାକୁ ଅସମର୍ଥ । ଏହି ଗାଁର ଲୋକେ ବର୍ଷତମାମ୍ ଚୁଆ ପାଣି ଉପରେ ଭରସା କରନ୍ତି । ଗାଁଠାରୁ ପ୍ରାୟ ୨କିମି ଦୂର ଜଙ୍ଗଲରେ ଥିବା ଏକ ପରିତ୍ୟକ୍ତ ନାଳରେ ଚୁଆ ଖୋଳି ପାଣି ସଂଗ୍ରହ କରନ୍ତି । ଖରାଦିନେ ହେଲେ ଉତ୍କଟ ପାଣି ମୁନ୍ଦେ ପାଇଁ ଲୋକେ ଆଉଟ ପାଉଟ ହୋଇଯାନ୍ତି । ଚୁଆରୁ ପର୍ଯ୍ୟାପ୍ତ ପରିମାଣର ପାଣି ବାହାରୁନଥିବାରୁ ଲୋକେ କାମଧନ୍ଦା ଛାଡି ଲାଇନ୍ ଦେବାକୁ ପଡେ । ଏହି ଦୂଷିତ ଜଳ ପିଇ ସମୟ ସମୟରେ ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହେବା ସହିତ ମୃତ୍ୟୁମୁଖରେ ମଧ୍ୟ ପଡ଼ିଥାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ସରପଞ୍ଚ, ୱାର୍ଡସଭ୍ୟଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ବି କୌଣସି ଫଳ ମିଳୁନାହିଁ । ଏହି ଗାଁ ପାରହୋଇ ଅନ୍ୟ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଯାଉଥିବାବେଳେ ଏମାନେ ଜଳଟୋପାଏ ପାଇଁ ଡହଳବିକଳ ହେଉଛନ୍ତି । ଏ ସମ୍ପର୍କରେ ଶାଳଚୁଆ ସରପଞ୍ଚଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଅବଗତ ଅଛୁ । ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି କହିଛନ୍ତି । ପ୍ରକୃତରେ ପଞ୍ଚାୟତ ସ୍ତରର ଲୋକ ପ୍ରତିନିଧିମାନେ ନିଜ ପଞ୍ଚାୟତର ସୁବିଧାଅସୁବିଧାକୁ ଗୁରୁତ୍ୱ ଦେଉନଥିବା ବେଳେ ଲୋକେ ବିଭିନ୍ନ ରୋଗରେ ସଂକ୍ରମିତ ହୋଇ ମୃତ୍ୟୁମୁଖରେ ପଡୁଛନ୍ତି । ଏହି ଗାଁର ଜୀବନ ଶୈଳୀ ନିଜେ ନ ଦେଖିଲେ ବିଶ୍ୱାସ କରିହେବନାହିଁ । ତେଣୁ ପ୍ରଶାସନ ଏହି ଗାଁ ପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

# କେନ୍ଦୁଝରରେ ଖୁବ୍‌ଶୀଘ୍ର ଚଳାଚଳ କରିବ ବିଦ୍ୟୁତ ଚାଳିତ ବସ୍

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପ୍ରଶାସନ, କ୍ୟାପିଟାଲ୍ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (CRUT) ସହିତ ମିଳିତ ଭାବରେ, ଜିଲ୍ଲାର ସହରାଞ୍ଚଳରେ ଗମନାଗମନ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ ପରିବେଶ ଅନୁକୂଳ ଏକ ବୈଦ୍ୟୁତିକ ବସ୍ ସେବା ଆରମ୍ଭ କରିବାକୁ ଯାଉଛି । ଏହି ସେବାକୁ ଆଗାମୀ ଦୁଇ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରିବା ପାଇଁ ଯୋଜନା କରାଯାଇଛି, ଯାହା ଓଡ଼ିଶା ସରକାରଙ୍କ 'ବିକଶିତ ଓଡ଼ିଶା' ଦୃଷ୍ଟିକୋଣ ଅଧୀନରେ ସବୁଜ ପରିବହନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହି ପଦକ୍ଷେପର ଏକ ଅଂଶ ଭାବରେ, ବୈଦ୍ୟୁତିକ ବସ୍ ସେବାକୁ ଜିଲ୍ଲାରେ ସଫଳ କରିବା ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ ଆବଶ୍ୟକୀୟ ଭିତ୍ତିଭୂମି ଗୁଡିକର ବିକାଶ କରାଯିବ । ଯାହାର ପ୍ରମୁଖ ହବ୍ କେନ୍ଦୁଝର ଏବଂ ବଡ଼ବିଲ୍ ମ୍ୟୁନିସିପାଲିଟି ବସ୍‌ଷ୍ଟାଣ୍ଡରେ ଅବସ୍ଥିତ । ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଅଧୀନରେ, ପ୍ରାୟ ୩୦ଟି ବୈଦ୍ୟୁତିକ ବସ୍ କ୍ରୟ ପାଇଁ ଯୋଜନା କରାଯାଇଛି ଏବଂ ଏହା ନିମ୍ନଲିଖିତ ପାଞ୍ଚଟି ପ୍ରମୁଖ ସ୍ଥାନ ମଧ୍ୟରେ ଚଳାଚଳ କରିବ – ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ – ବେବର୍ତ୍ତାପୋଷୀ, ସାନଘାଘରା ପାର୍କ – ଚକ ଡ୍ୟାମ୍, ଧରଣୀଧର ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ – ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦୁଝର ବସ୍ ଷ୍ଟାଣ୍ଡ – ବୋଦାପଲସା ବସ୍ ଷ୍ଟପ୍, କେନ୍ଦୁଝର ବସ୍ ଷ୍ଟାଣ୍ଡ – ଝୁମ୍ପୁରା ବସ୍ ଷ୍ଟାଣ୍ଡ । ପ୍ରଥମ ପର୍ଯ୍ୟାୟର ସଫଳ କାର୍ଯ୍ୟାନ୍ୱୟନ ପରେ, ଦ୍ୱିତୀୟ ପର୍ଯ୍ୟାୟ ଅଧୀନରେ ଏହି ସେବାକୁ ଅନ୍ୟ ପ୍ରମୁଖ ସ୍ଥାନ ଗୁଡିକ ପର୍ଯ୍ୟନ୍ତ ବିସ୍ତାରିତ କରାଯିବ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ସ୍ୱଚ୍ଛ, ଦକ୍ଷ ଏବଂ ସୁଲଭ ସାର୍ବଜନୀନ ପରିବହନ ପ୍ରଦାନ କରିବା, ଜିଲ୍ଲାର କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ସହରାଞ୍ଚଳର ଗତିଶୀଳତା ସହ ତାଳ ଦେଇ ସାର୍ବଜନୀନ ପରିବହନକୁ ଉନ୍ନତ କରିବା । ରାଜ୍ୟ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି କେନ୍ଦୁଝର ଜିଲ୍ଲା ପ୍ରଶାସନ ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ କେନ୍ଦୁଝର ଜିଲ୍ଲାବାସୀ ମାନଙ୍କ ପାଇଁ ସୁବିଧାଜନକ ପରିବହନ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ ।

# ୭ ବର୍ଷ ପରେ ନିଖୋଜ ଯୁବକ ଘରକୁ ଫେରିଲେ

**କାମାକ୍ଷାନଗର, ନ୍ୟୁଜ୍ ବ୍ୟୁରୋ**

ପରିବାର ପ୍ରତିପୋଷଣ ଚିନ୍ତାରେ ଘରୁ କେଉଁଆଡ଼େ ଚାଲିଯାଇଥିଲେ ଯେ, ଆଉ ଫେରି ନଥିଲେ । ଏକମାତ୍ର ପୁଅକୁ ଝୁରି ହୋଉଥିଲେ ମା' । ଦୀର୍ଘ ୭ ବର୍ଷ ପରେ ମା' କୋଳକୁ ଫେରିଛି ପୁଅ । ଏପରି ଘଟଣା ଦେଖିବାକୁ ମିଳିଛି କାମାକ୍ଷାନଗର ଥାନା ବାଉଁଶପାଳ ଗ୍ରାମରେ । ଗ୍ରାମର ବୁଦ୍ଧିମନ୍ତ ନାଏକ ଓ ଟେରି ନାଏକଙ୍କ ଏକମାତ୍ର ପୁଅ ସନ୍ତୋଷ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଘରେ କାହାକୁ କିଛି ନ ଜଣାଇ କେଉଁଆଡ଼େ କାମ ଅନ୍ୱେଷଣରେ ଚାଲି ଯାଇଥିଲେ । ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିନଥିଲା । ପୁଅ ଜୀବିତ କି ମୃତ ସେ ସମ୍ପର୍କରେ ମଧ୍ୟ ପରିବାର ଲୋକ କିଛି ଖବର ପାଇନଥିଲେ । ୪ ଦିନ ତଳେ ପୁଅ ସନ୍ତୋଷ ମଧ୍ୟପ୍ରଦେଶର ଉଗବା ନିକଟରେ ଏକ ଜଙ୍ଗଲ ମଧ୍ୟରେ ପଡ଼ିଥିବାବେଳେ ସ୍ଥାନୀୟ ପୋଲିସ ଏ ସମ୍ପର୍କରେ ଖବର ପାଇ ତାଙ୍କୁ ଉଦ୍ଧାର କରିବା ସହ ଠିକଣା ବୁଝିବାରୁ ସେ ଢେଙ୍କାନାଳ ଜିଲ୍ଲାର ହୋଇଥିବା ଜଣାପଡ଼ିଥିଲା । ପରେ ପ୍ରଶାସନ ଓ କାମାକ୍ଷାନଗର ଥାନା ସହ ଯୋଗାଯୋଗ କରାଯାଇଥିଲା । ଏନେଇ କାମାକ୍ଷାନଗର ଥାନାଧିକାରୀ ବାଉଁଶପାଳ ସରପଞ୍ଚଙ୍କୁ ଜଣାଇବା ପରେ ସରପଞ୍ଚଙ୍କ ସହାୟତାରେ ସନ୍ତୋଷଙ୍କ ମା' ଓ କାମାକ୍ଷାନଗର ଥାନାର ଜଣେ ପୋଲିସ କର୍ମଚାରୀ ମଧ୍ୟପ୍ରଦେଶ ଯାଇ ଭଗବା ଠାରେ ପହଞ୍ଚିଥିଲେ । ସ୍ଥାନୀୟ ପୋଲିସ ଠାରୁ ସନ୍ତୋଷଙ୍କୁ ଗ୍ରହଣ କରିବା ପରେ କାମାକ୍ଷାନଗରରେ ପହଞ୍ଚିଛନ୍ତି । ଦୀର୍ଘ ବର୍ଷର ବ୍ୟବଧାନ ପରେ ପୁଅକୁ ପାଖରେ ପାଇ ମା' ଅତ୍ୟନ୍ତ ଭାବବିହ୍ୱଳ ହୋଇପଡ଼ିଛନ୍ତି । ପୁଅକୁ ଫେରି ପାଇବାରେ ତାଙ୍କୁ ସହାୟତା କରିଥିବା ବାଉଁଶପାଳ ସରପଞ୍ଚ, ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ମା' ଟେରି ନାଏକ ।

# ବାଲିଗୁଡା ବ୍ଲକରେ ଶିକ୍ଷା ବିଭାଗର ଡ୍ରପ୍‌ଆଉଟ୍ ସର୍ଭେ କାର୍ଯ୍ୟ ଆରମ୍ଭ



**ବାଲିଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡା ବ୍ଲକରେ ବୁଧବାର ଠାରୁ ଡ୍ରପ୍ ଆଉଟ୍ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଏହା ମେ ୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ବ୍ଲକ ଶିକ୍ଷାଧିକାରୀ ମହେଶ୍ୱର ମାଝି ଓ ସିଆର୍‌ସିସି ସୌଦାମିନି ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଣସପଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ନିଜ ଅଞ୍ଚଳରେ ଘରକୁ ଘର ବୁଲି ଡ୍ରପ୍ ଆଉଟ୍ ସର୍ଭେ କାର୍ଯ୍ୟ ଆରମ୍ଭ କରିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମିତା ପ୍ରହରାଜ ଏକ ୪ ଜଣିଆ ଟିମ୍ ଗଠନ କରି ଶିକ୍ଷୟିତ୍ରୀ ସବିତା ମହାନ୍ତି, ଜ୍ୟୋତିର୍ମୟୀ ଶତପଥି, ମିନାକ୍ଷୀ ତ୍ରିପାଠୀ, ପ୍ରମିଳା ବଳିଆରସିଂ, ମୋହିନୀ ପ୍ରଧାନ, ସୁଦିପ୍ତା ମହାପାତ୍ର, ଲକ୍ଷ୍ମୀପ୍ରିୟା ମଲ୍ଲିକ, ଶିକ୍ଷକ ରଞ୍ଜନ କୁମାର ପାଣିଗ୍ରାହୀଙ୍କୁ ନେଇ ୪ଟି ସାହିକୁ ଯାଇ ଶୂନରୁ ୧୮ ବର୍ଷର ପିଲାଙ୍କୁ ଚିହ୍ନଟ କରିବେ । ଶିକ୍ଷକ, ଶିକ୍ଷୟିତ୍ରୀ । କେଉଁ ଗ୍ରାମର କେତେ ପିଲା ଅଧାରୁ ପାଠପଢ଼ା ଛାଡ଼ିଛନ୍ତି ତାହାର ତାଲିକା ପ୍ରସ୍ତୁତ କରିଛନ୍ତି । ଆଖପାଖ ଅଞ୍ଚଳ ସମେତ ନିକଟବର୍ତ୍ତୀ ଗାଁ, ସାହି, କଲୋନୀରେ ପହଞ୍ଚି ସେମାନେ ପିଲାଙ୍କ ସମ୍ପର୍କରେ ଟିକିନିଖି ତଥ୍ୟ ସଂଗ୍ରହ କରିବେ । ଗାଁରେ କେତେ ପିଲା ରହିଛନ୍ତି ? ପିଲାଙ୍କ ନାମ, ବୟସ, ଲିଙ୍ଗ ଆଦି ବିଷୟରେ ତଥ୍ୟ ସଂଗ୍ରହ କରିଛନ୍ତି । କେଉଁ କାରଣ ପାଇଁ ଅଧାରୁ ପିଲା ପାଠପଢ଼ା ଛାଡ଼ିଛନ୍ତି ତାହା ମଧ୍ୟ ସ୍ପଷ୍ଟ କରିବେ । କେଉଁ ଭାଷାରେ କଥାବାର୍ତ୍ତା କରନ୍ତି, ଦିବ୍ୟାଙ୍ଗ କି ନାହିଁ ସେ ସଂକ୍ରାନ୍ତରେ ମଧ୍ୟ ସମସ୍ତ ତଥ୍ୟ ସଂଗ୍ରହ କରାଯିବା ସହ ବ୍ଲକର ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ ମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ, ଶିକ୍ଷୟିତ୍ରୀ ଏହି କାର୍ଯ୍ୟ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡିଛି ।

# ସୁବର୍ଣ୍ଣପୁର ଜିଲ୍ଲାରେ ମେ ୧୫ରୁ ରବି ଧାନ କ୍ରୟ ଆରମ୍ଭ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲା ସ୍ତରୀୟ କ୍ରୟ କମିଟି ବୈଠକ ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୧୫ ତାରିଖରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି । ଏଥି ନିମନ୍ତେ ୬୭ ଗୋଟି ପ୍ୟାକ୍ସ ଓ ପରିବର୍ଦ୍ଧିତ ୦୨ ଗୋଟି କେନ୍ଦ୍ର ସହ ୬୯ ଗୋଟି ଏବଂ ୧୮ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ୍ ରହିଥିବା ବେଳେ ସମୁଦାୟ ୮୭ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ । ଚଳିତ ବର୍ଷ ସରକାରଙ୍କ ତରଫରୁ ଜିଲ୍ଲା ନିମନ୍ତେ ୧୬୨୫୮୮୦.୦୦ କ୍ୱିଣ୍ଟାଲ୍ ଧାନ କ୍ରୟର ଲକ୍ଷ୍ୟ ଧାର୍ଯ୍ୟ ରହିଛି । ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ୍ ବ୍ୟବସ୍ଥା କରାଯିବ, ମାତ୍ର ଏକର ପ୍ରତି କେତେ ପରିମାଣରେ ଧାନ କିଣାଯିବ ସେଥିପାଇଁ ରାଜ୍ୟ ସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ଜଣାପଡିବ । ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୬ ଦିନ ରବିବାର ବ୍ୟତୀତ ସକାଳ ୬.୩୦ ଘଣ୍ଟାରୁ ପୂର୍ବାହ୍ନ ୧୧ ଘଣ୍ଟା ପର୍ଯ୍ୟନ୍ତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ପରିସ୍ଥିତିକୁ ଦେଖି ଯଦି ଆବଶ୍ୟକ ପଡେ ତେବେ ରବିବାର ଦିନ ମଧ୍ୟ ମଣ୍ଡି ଚାଲୁ ରହିବ ବୋଲି ସୂଚୀତ କରାଯାଇଛି । ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୩୫୪୪୫ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବିରେ ୩୫୫୬୯ ଜଣ ଚାଷୀ ପଞ୍ଜିକୃତ ହୋଇ ୨୦୩୨୩୪୯.୦୬ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟକେନ୍ଦ୍ର ଗୁଡିକରେ ଯେକୌଣସି ପ୍ରକାର ଆସନ୍ନ ସମସ୍ୟାକୁ ସମ୍ମୁଖୀନ ସହିତ ଉଚିତ୍ ମୁକାବିଲା ନିମନ୍ତେ ପାନୀୟ ଜଳ, ବିଜୁଳି, ତ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳି, ଗୋଦାମଘର, ଆନାଲେସିସ୍ କିଟ୍, ମୋଷ୍ଟାର ମିଟର, ତଥା ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥିପ୍ରତି ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ତଥା ଅଧ୍ୟକ୍ଷା ଶ୍ରୀମତୀ ଦାସ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ମାନନୀୟା ସାଂସଦ ବଲାଙ୍ଗୀର ସଙ୍ଗୀତା କୁମାରୀ ସିଂହଦେଓ ଯୋଗଦାନ କରି ବିଭାଗୀୟ ସମ୍ପୃକ୍ତ ଅଧିକାରୀ ବୃନ୍ଦ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ପୁନଶ୍ଚ ଧାନ କ୍ରୟକୁ ସ୍ୱଚ୍ଛ ତଥା ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଛନ୍ତି । ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧି ମାନଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସୁବିଧା ଅସୁବିଧା ଉପରେ ଆଲୋଚନା କରାଯାଇ ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁତ୍ୱଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ । ସମ୍ପୃକ୍ତ ସମସ୍ତଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ରବି ଧାନ କ୍ରୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ସମ୍ପୃକ୍ତ ଅଧିକାରୀ ମାନେ ଆଗୁଆ ପ୍ରସ୍ତୁତିର ସରଜମିନ୍ ଯାଞ୍ଚ ସହ ତୃଣମୂଳ ସ୍ତରରେ ସୁ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଧାନ କ୍ରୟକୁ ବ୍ୟବସ୍ଥିତ ତଥା ସୁଚାରୁ ପରିଚାଳନା ନିମନ୍ତେ ଜିଲ୍ଲାର ବରିଷ୍ଠ ଅଧିକାରୀଙ୍କୁ ଆବଶ୍ୟକ ଯାଞ୍ଚ ଓ ନିରୀକ୍ଷଣ ନିମନ୍ତେ ଦାୟିତ୍ୱ ପ୍ରଦାନ କରାଯିବା ଉପରେ ସୂଚୀତ କରାଯାଇଛି । ଅନୁଷ୍ଠିତ ଏହି ବୈଠକରେ ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ମୁଖ୍ୟ ଖାଉଟି ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ, ଜିଲ୍ଲା କୃଷି ଅଧିକାରୀ ଧୀରେନ୍ଦ୍ର ସିଂ ବରିହା, ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲ୍ଲା ସମବାୟ ଉପନିବନ୍ଧକ ସୁବର୍ଣ୍ଣପୁର, ଜିଲ୍ଲା ଚାଷୀ ସଂଗଠନ କର୍ମକର୍ତ୍ତା, ଜିଲ୍ଲା ମିଲର୍ସ ପ୍ରତିନିଧି, କମିଟି ସଦସ୍ୟ ସଦସ୍ୟା ସମେତ ଜିଲ୍ଲାସ୍ତରୀୟ ବିଭିନ୍ନ ଅଧିକାରୀ ଅଂଶଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ ।

# ଚତୁର୍ଥ ଗନ୍ଧରାଡି ଲୋକ କଳା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ଗ୍ରାମ ପଞ୍ଚାୟତ ଜଗତୀ ହାଇସ୍କୁଲ ଖେଳପଡିଆ ଠାରେ ଚତୁର୍ଥ ଗନ୍ଧରାଡି ଲୋକ କଳା ମହୋତ୍ସବ ପାଇଁ ଶୁଭସ୍ତମ୍ଭ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଣ୍ଠମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେର ମଞ୍ଚାସୀନ ଥିଲେ । ମହୋତ୍ସବ କମିଟିର ସଭାପତି ଅଶୋକ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ଶମ୍ଭୁ ଗିରି ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପାରମ୍ପରିକ ପୂଜାର୍ଚ୍ଚନା କରାଯାଇ ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା । ଆସନ୍ତା ମେ ୧୧ ତାରିଖ ଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଜଗତୀ ହାଇସ୍କୁଲ ଖେଳପଡିଆ ଠାରେ ଚତୁର୍ଥ ଗନ୍ଧରାଡି ଲୋକ କଳା ମହୋତ୍ସବ ଆୟୋଜିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

# ଗାଁ ଗାଁ ବୁଲି ଅଂଶୁଘାତ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି କୁବେର

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ସଦର ଥାନା ଅଧିନ କୁଣିଆପାଳ ଗ୍ରାମର ୬୦ ବର୍ଷର ବୃଦ୍ଧ କୁବେର ଚନ୍ଦ୍ର ସାହୁ ସମାଜସେବାରେ ନିଜକୁ ନିୟୋଜିତ କରି ଗାଁ ଗାଁ ବୁଲି ଅଂଶୁଘାତର ସଚେତନତା ବାର୍ତ୍ତା ପ୍ରଚାର କରୁଥିବା ଦେଖିବାକୁ ମିଳିଛି । ବର୍ତ୍ତମାନ ଅନୁଭୂତ ହେଉଥିବା ପ୍ରବଳ ଗ୍ରୀଷ୍ମତାପରେ ଜନସାଧାରଣଙ୍କୁ ସଚେତନ କରାଇ ଅଂଶୁଘାତର ନିରାକରଣ ଓ ପ୍ରତିକାର ଉପରେ ପ୍ରଚାର ଚଳାଇଥିବା ଦେଖିବାକୁ ମିଳିଛି । ନିଜେ ସାଇକେଲ ଚଲାଇ ଜିଲ୍ଲାର ବିଭିନ୍ନ ବ୍ଲକକୁ ଯାଇ ଅଂଶୁଘାତର ଭୟାବହତା ଓ ଏହାପ୍ରତି ସତର୍କ ରହିବାକୁ ଜନ ସାଧାରଣଙ୍କୁ ପ୍ରେରଣା ଯୋଗାଉଥିବାରୁ ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଦିଆଯାଉଥିବା ଜଣାପଡିଛି ।

# ବିଡ଼ମ୍ବନା:ବିଜ୍ଞପ୍ତିର ଦୀର୍ଘ ବର୍ଷ ପରେ ବି କାର୍ଯ୍ୟକାରୀ ହେଉନି ସରକାରୀ ନିର୍ଦ୍ଦେଶନାମା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସରକାରୀ ନିର୍ଦ୍ଦେଶନାମାକୁ ବେଖାତିର କରୁଛନ୍ତି ଅଧିକାରୀ । ଏଭଳି ଅନେକ ନଜିର ରହିଥିବା ବେଳେ ବର୍ତ୍ତମାନ ପୁଣି ଏକ ଘଟଣା ଲୋକଲୋଚନକୁ ଆସିଛି । ବ୍ରହ୍ମପୁର ମହାନଗର ନିଗମ ସମେତ ଅନ୍ୟ ୪ଟି ମହାନଗର ନିଗମରେ ସିଟି ଏଜୁକେସନ୍ ଅଫିସ୍ ବା ସିଇଓ କାର୍ଯ୍ୟାଳୟ ଖୋଲିବାକୁ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଥିଲା । ଏନେଇ ଗତ ୨୦୨୨ ମସିହା ଜୁଲାଇ ୨ ତାରିଖରେ ବିଭାଗର ଚିଠି ନଂ ୧୪୦୨୨ରେ ନୋଟିସ୍ ଜାରି କରାଯାଇଥିଲା । ତେବେ ନୋଟିସ୍ ଜାରି ହେବାର ଦୀର୍ଘ ବର୍ଷ ପରେ ମଧ୍ୟ ସରକାରୀ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରାଯାଇନଥିବା ଜଣାପଡ଼ିଛି । ଫଳରେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶଯୋଗ୍ୟ ଯେ, ୨୦୧୩ ମସିହାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୁନର୍ବିନ୍ୟାସ ପରେ ଡ଼ି.ଆଇ ପଦବୀ ଉଚ୍ଛେଦ ହେବା ସହ ବ୍ରହ୍ମପୁର ମହାନଗର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ଶହ ଶହ ଶିକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦୈନନ୍ଦିନ କାର୍ଯ୍ୟ ସକାଶେ ବ୍ରହ୍ମପୁର ଠାରୁ ୮ କିଲୋମିଟର ଦୂର କନିଷି ସ୍ଥିତ ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଉପରେ ନିର୍ଭର କରିବାକୁ ପଡୁଛି । ଏଥିପାଇଁ ସମସ୍ତଙ୍କୁ ବ୍ରହ୍ମପୁର ଠାରୁ କନିଷିକୁ ମରଣଯନ୍ତା ପାଲଟିଥିବା ୧୬ ନମ୍ବର ଜାତୀୟ ରାଜପଥକୁ ଅତିକ୍ରମ କରିବାକୁ ପଡୁଛି । ଏଭଳି ସମସ୍ୟାକୁ ନେଇ ମହାନଗର ଏଲିମେଣ୍ଟାରୀ ଶିକ୍ଷକ ସଂଘ ଓ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ପରେ ଗଞ୍ଜାମ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ଯଥାକ୍ରମେ ୨୦୧୪ ଓ ୨୦୧୬ ମସିହାରେ ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପୁରୁଣା ଡ଼ି.ଆଇ କାର୍ଯ୍ୟାଳୟରେ ସିଇଓ କାର୍ଯ୍ୟାଳୟ ବା ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଶାଖା କାର୍ଯ୍ୟାଳୟ ଖୋଲାଯାଇଥିବା ନେଇ ଜାରି ଚିଠିରେ ଦର୍ଶାଯାଇଥିଲା । ଯାହାକୁ ନେଇ ପ୍ରାଥମିକ ଶିକ୍ଷକ ସଂଘ ଖୁସି ବ୍ୟକ୍ତ କରିଥିଲା । ତେବେ ନିର୍ଦ୍ଦେଶନାମାର ଦୀର୍ଘ ବର୍ଷ ପରେ ମଧ୍ୟ ଉକ୍ତ ନିଷ୍ପତିକୁ କାର୍ଯ୍ୟକାରୀ କରାଯାଇନଥିବା ବ୍ରହ୍ମପୁର ମହାନଗରର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଅଭିଯୋଗ ହୋଇଛି । ଏହି ମର୍ମରେ ଅର୍ଥାତ୍ ବ୍ରହ୍ମପୁରରେ ପୂର୍ବ ନିଷ୍ପତି ପ୍ରକାରେ ତୁରନ୍ତ ସିଇଓ ବା ସିଟି ଏଜୁକେସନ୍ କାର୍ଯ୍ୟାଳୟ ଖୋଲିବାକୁ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ଭାବେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଅଜୟ ପାତ୍ରଙ୍କ ସମେତ ୩ ଜଣ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼. ପ୍ରଭାତୀ ମହାପାତ୍ର, ବସନ୍ତ କୁମାର ପଣ୍ଡା ଓ ଏସ୍. ଧନଞ୍ଜୟଙ୍କୁ ସାକ୍ଷାତ କରି ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ପରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପାତ୍ରଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ସଭା ସଭାପତି ରାଜେଶ କୁମାର ତାରିଣୀ, ସମ୍ପାଦକ ଅବନୀ କୁମାର ପାଢ଼ୀ, ସହ ସମ୍ପାଦିକା ତନୁଜା କୁମାରୀ ଦେବୀ, ଉପଦେଷ୍ଟା କେ. କୃଷ୍ଣମୂର୍ତ୍ତି, ରିତାରାଣୀ ବେହେରା, କେ. କାମରାଜୁ ପାତ୍ର, ସୁନୀତା ପଟ୍ଟନାୟକ, ବାଙ୍କ ପ୍ରଧାନ, ଭଗବାନ ବିଶ୍ୱାଳ, ଅନୁଜ ପ୍ରଧାନ, ବିବେକ ସାମନ୍ତରା, ଜିତେନ୍ ପଣ୍ଡା, ମଧୁସ୍ମିତା ଦେବୀ ଓ ଯୁ ଭାରତୀ ପ୍ରମୁଖ ଉପସ୍ଥିତ ଥିଲେ । ସଂଘର ଦାବି ସହିତ ବିଭାଗୀୟ ନିର୍ଦ୍ଦେଶନାମାକୁ ତୁରନ୍ତ କାର୍ଯ୍ୟକାରୀ କରାନଗଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ମଧ୍ୟ ଚେତାବନୀ ଦିଆଯାଇଛି ।

# ବାଲେଶ୍ୱର ଜିଲ୍ଲାରେ ଚାଷୀଙ୍କୁ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ

**ବାଲେଶ୍ୱର, ନ୍ୟୁଜ୍**



ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ଆନୁକୂଲ୍ୟରେ ଶେରଗଡ଼ ସ୍ଥିତ ସରକାରୀ ବିହନ ଫାର୍ମ ଠାରେ ପବିତ୍ର ଅକ୍ଷୟ ତୃତୀୟା ପାଳନ ଅବସରରେ ଜିଲ୍ଲାସ୍ତରୀୟ କୃଷକ ଦିବସ ୨୦୨୫ ପାଳିତ ହୋଇଯାଇଛି । ଏହି ପବିତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବରେ ବାଲେଶ୍ୱରର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ । ଏହି ପବିତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶଙ୍କ ପୌରହିତ୍ୟରେ ଭୂମି ପୂଜନ ହେବା ସଙ୍ଗେ ସଙ୍ଗେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ସମେତ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ସହଯୋଗରେ ଅକ୍ଷିମୁଠି ଶୁଭାରମ୍ଭ କରିଥିଲେ । ଏଥିରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଜମିରେ ହଳ ପ୍ରକ୍ରିୟା କରିଥିବା ବେଳେ ସଦର ବିଧାୟକ ମାନସ କୁମାର ଦତ୍ତ ରେମୁଣା ବ୍ଲକର ଅଧ୍ୟକ୍ଷ ରାଜେନ୍ଦ୍ର ରାଉତଙ୍କ ସମେତ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ । ଏହି ମହାନ ଦିବସରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ସମେତ ଅନ୍ୟାନ୍ୟ ଅତିଥି ମାନଙ୍କ ଉପସ୍ଥିତିରେ ପିଏମ୍ କିସାନ ଯୋଜନାରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ସହାୟତା ରାଶି ଚାଷୀଭାଇ ମାନଙ୍କୁ ପ୍ରଦାନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁମନ୍ତ କୁମାର ନାୟକ ସଂଯୋଜନା ଓ ପରିଚାଳନା କରିଥିଲେ ।

# ରାଜ୍ୟ ସରକାରଙ୍କ କୃଷି ଓ କୃଷକ ବିକାଶ ଯୋଜନା ଉପରେ ଆଲୋକପାତ

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, କଟକ କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ଅକ୍ଷୟ ତୃତୀୟା ମହୋତ୍ସବ ପାଳିତ ହୋଇଯାଇଛି । ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ସନ୍ତପୁର ଠାରେ ଅବସ୍ଥିତ "କୃଷି ବିଜ୍ଞାନ କେନ୍ଦ୍ର" ପରିସରରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତକଳା ପ୍ରଦୀପ ବଳସାମନ୍ତ ଯୋଗ ଦେବା ସହ ତାଙ୍କ କରକମଳରେ ଭୂମିପୂଜନ ଓ ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ହୋଇଥିବା ବୈଠକରେ ମନ୍ତ୍ରୀ ଶ୍ରୀ ବଳସାମନ୍ତ ଚଳିତ ବର୍ଷ ଖରିଫ ଋତୁରେ ଚାଷ ଅନୁକୂଳ ହେବା ସହ ସରକାଙ୍କ ଦ୍ୱାର ଦିଆଯାଉଥିବା ସହାୟକ ମୂଲ୍ୟରେ କିପରି ଚାଷୀ କିପରି ଅଧିକ ଉପକୃତ ହେବେ ସେ ଦେଗରେ ମନ୍ତ୍ରୀ ଉପସ୍ଥିତ ସମସ୍ତ ଚାଷୀମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣକାରୀ ଯୋଜନା ମାଧ୍ୟମରେ ଚାଷୀମାନଙ୍କ ଅମଳ ଓ ରୋଜଗାର ବୃଦ୍ଧି ପାଇଁ ଉଦ୍ୟମ କରାଯାଉଥିବା ସମ୍ପର୍କରେ ବିଶଦ ଭାବେ ଆଲୋକପାତ କରି ମନ୍ତ୍ରୀ ଏହାର ସୁଯୋଗ ନେବାପାଇଁ ଚାଷୀ ଭାଇ ଓ ଭଉଣୀମାନଙ୍କୁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଚଳିତ ଖରିଫ ଋତୁରେ କଟକ ଜିଲ୍ଲାରେ ଚାଷ କାର୍ଯ୍ୟ ଅନୁକୂଳ ହେବା ସହ ଚାଷ ଆରମ୍ଭରୁ ଫସଲ ବିକ୍ରି ପର୍ଯ୍ୟନ୍ତ ପ୍ରଶାସନିକ ବ୍ୟବସ୍ଥାରେ ସମସ୍ତ ସହଯୋଗ କରାଯିବ ଏବଂ ଆବଶ୍ୟକସ୍ଥଳେ ସମନ୍ୱିତ କୃଷି କାର୍ଯ୍ୟକ୍ରମମାନ କରାଯାଇ ଚାଷୀମାନଙ୍କର ଉନ୍ନତି ଘଟାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଏହି ପରିପ୍ରେକ୍ଷୀରେ ସରକାରୀ ରିହାତିଯୁକ୍ତ ଗୋଟିଏ ଟ୍ରାକ୍ଟର ହିତାଧିକାରୀଙ୍କୁ ମନ୍ତ୍ରୀ ମହୋଦୟ ସ୍ୱହସ୍ତରେ ପ୍ରଦାନ କରିଥିଲେ ଓ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, କଟକ ଦ୍ୱାରା ପ୍ରଦର୍ଶିତ ହୋଇଥିବା ଷ୍ଟଲ୍‌ଗୁଡିକ ସମେତ ଭ୍ରାମ୍ୟମାଣ ମୃତ୍ତିକା ପରୀକ୍ଷାଗାର କରିଥିଲେ । ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ସବ୍ କମିଟି (କୃଷି ଓ ଆନୁଷଙ୍ଗିକ ବିଭାଗ) ଆଶିଷ କୁମାର ସାହୁ, ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମ୍ମାନୀୟ ଅତିଥି ଭାବେ ଅଂଶଗ୍ରହଣ କରିଥିଲେ । ବିଶ୍ୱନାଥ ଦାସ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ କଟକ, ଏମ.ଜେ. ବେଗ, ନିର୍ଦ୍ଦେଶକ ଜାତୀୟ ଧାନ ଗବେଷଣା କେନ୍ଦ୍ର, ରଞ୍ଜନ କୁମାର ମହାନ୍ତି, ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର, କଟକ, ଚନ୍ଦ୍ରମୋହନ ଚାନ୍ଦ, କୃଷି ଜିଲ୍ଲା ଅଧିକାରୀ, ସାଲେପୁର, ଶିବଶିଷ ମିଶ୍ର, କୃଷି ଜିଲ୍ଲା ଅଧିକାରୀ, ଆଠଗଡ଼, ପ୍ରଶାନ୍ତ କୁମାର ଜେନା, ନିର୍ବାହୀ ଯନ୍ତ୍ରୀ (କୃଷି) କଟକ, ସାନ୍ଦୁଲ ରାମାରଓ ଉପ ଉଦ୍ୟାନ-କୃଷି ନିର୍ଦ୍ଦେଶକ, କଟକ, ଉମେଶ ଚନ୍ଦ୍ର ଜେନା, ପ୍ରକଳ୍ପ ନିର୍ଦ୍ଦେଶକ (ଜଳଛାୟା) କଟକ, ଶରତ ଚନ୍ଦ୍ର ମଲ୍ଲିକ, ଏ. ଆର.ସି.ଏସ, କଟକ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମେତ ପ୍ରାୟ ୨୦୦ରୁ ଅଧିକ ଉର୍ଦ୍ଧ୍ୱ ଚାଷୀ ଭାଇ ଓ ଭଉଣୀମାନେ ଉପସ୍ଥିତ ଥିଲେ । ଏହି ଅକ୍ଷିମୁଠି ଅନୁକୂଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି, ଜିଲ୍ଲାପାଳଙ୍କ ସମେତ ସମସ୍ତ ଚାଷୀ ଭାଇ ଓ ଭଉଣୀ ମାନେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ସି.ଏମ୍, କିଷାନ ହିତାଧିକାରୀ ମାନଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ ।

# ଖାଦ୍ୟ ଶସ୍ୟ ଉତ୍ପାଦନରେ ଓଡ଼ିଶା ଆତ୍ମନିର୍ଭରଶୀଳ ହୋଇଛି:ଶିଳ୍ପମନ୍ତ୍ରୀ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଜଗତସିଂହପୁର ବ୍ଲକର ଆଲିପିଙ୍ଗଳ ପଞ୍ଚାୟତ ଅଧିନସ୍ଥ ଯୋରକୁଳ ଗ୍ରାମରେ ଓଡ଼ିଶାର ଚାଷୀଭାଇଙ୍କର ପର୍ବ ଅକ୍ଷୟ ତୃତୀୟା ଓ ଜିଲ୍ଲା ସ୍ତରୀୟ କୃଷକ ଦିବସ ପାଳନ କରାଯାଇଥିଲା । ଭୁବନେଶ୍ୱର ବରମୁଣ୍ଡା ଓୟୁଏଟି କାର୍ଯ୍ୟାଳୟ ଠାରେ ଆୟୋଜିତ ରାଜ୍ୟସ୍ତରୀୟ କୃଷକ ଦିବସ ସମାରୋହ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ଯୋଜନାରେ ୨୦୨୫ ଖରିଫ ଫସଲ ଋତୁ ପାଇଁ ୧୦୨୫ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆୟୋଜିତ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମ୍ମାନନୀୟ ଅତିଥିଭାବେ ଅମରେନ୍ଦ୍ର ଦାସ, ବିଧାୟକ, ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ, ଅର୍ଚ୍ଚନା ସିଂ ଜଗତସିଂହପୁର ପୌରପରିଷଦ ଅଧ୍ୟକ୍ଷା, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ରୋଜାଲିନ ଦାସ ସରପଞ୍ଚ, ଆଲିପିଙ୍ଗଳ ଗ୍ରାମ ପଞ୍ଚାୟତ, ରାଜୀବ ବେହେରା, ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥିଲେ । ଜିଲ୍ଲା ମୁଖ୍ୟ କୃଷି ଅଧକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମଟି ସମ୍ପାଦିତ ହୋଇଥିଲା । କୃଷି ଜିଲ୍ଲା ଅଧିକାରୀ, ବିଶ୍ୱଜିତ୍ ପଣ୍ଡା, ବିଭୁ ପ୍ରସାଦ ସାହୁ, ସମସ୍ତ ବ୍ଲକ କୃଷି ଅଧିକାରୀ ଓ ସମସ୍ତ କ୍ଷେତ୍ର କର୍ମଚାରୀ ଆଦି ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ, ବିଧାୟକ ଶ୍ରୀ ଦାସ ଏବଂ ସମସ୍ତ ଅତିଥି ବୃନ୍ଦ ସର୍ବ ପ୍ରଥମେ ଓଡ଼ିଶାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ଜଗନ୍ନାଥ ଏବଂ ମା' ମହାଲକ୍ଷ୍ମୀଙ୍କୁ ସୁମରଣା କରି ଓଡ଼ିଆ ପରମ୍ପରା ଅନୁଯାଇ ପାରମ୍ପରିକ ହଳ ଲଙ୍ଗଳରେ ଅକ୍ଷୀ ମୁଠି ଅନୁକୂଳ କରିଥିଲେ । ଏହା ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହା ପରେ ଆଭାସି ଜରିଆରେ ମୁଖ୍ୟମନ୍ତ୍ରୀ ସି.ଏମ୍ କିଷାନ ସହାୟତା ରାଶି ପ୍ରଦାନ କରିଥିଲେ । ଜିଲ୍ଲାର ୧,୬୧,୮୩୯ ଜଣ ହିତାଧୀକାରୀ ଏହି ସହାୟତା ରାଶିରେ ଉପକୃତ ହେବେ । ଏହି ଅବସରରେ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିଳ୍ପ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ କହିଥିଲେ କି ଆଜି ଆମ ଦେଶ ଖାଦ୍ୟ ଶସ୍ୟ ତଥା ଅନ୍ୟ ଖାଦ୍ୟ ପଦାର୍ଥ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ସହିତ କୃଷିଜାତ ସାମଗ୍ରୀ ରପ୍ତାନୀ କରିବାରେ ଅଗ୍ରଗତି କରୁଛି । ବର୍ତ୍ତମାନ ଭାରତ କୃଷି ଏବଂ ଆନୁଷଙ୍ଗୀକ କୃଷି ଉତ୍ପାଦ ରପ୍ତାନୀ କରିବାରେ ଏକ ପ୍ରମୁଖ ରାଷ୍ଟ୍ର । ପ୍ରଧାନମନ୍ତ୍ରୀ କୃଷକ ସମ୍ମାନନୀଧି, ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, କୃଷି ଭିତ୍ତିଭୂମି ଆଦିର ବିକାଶ କ୍ଷେତ୍ରରେ ଅଭୁତପୂର୍ବ ଅଗ୍ରଗତି ହୋଇଛି । ଏହା ପରେ ଅମରେନ୍ଦ୍ର ଦାସ ବିଧାୟକ, ନିଜ ବକ୍ତବ୍ୟ ରଖିଥିଲେ ଯେ, ଆମ ସରକାର ଆସିବା ପରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଆମେ ନିରନ୍ତର ଉଦ୍ୟମ ଜାରି ରଖିଛୁ । ଚାଷୀଙ୍କ ରୋଜଗାର ବୃଦ୍ଧି ପାଇଁ କୃଷି କାର୍ଯ୍ୟ ସହିତ ମାଛ ଚାଷ, ପ୍ରାଣୀ ପାଳନ, କୁକୁଡା ଓ ବତକ ଚାଷ ପାଇଁ ରିହାତି ସହିତ ଆବଶ୍ୟକ ସହାୟତା ଯୋଗାଇ ଦେଉଛୁ । ଚାଷ କାର୍ଯ୍ୟ ଆରମ୍ଭ ଠାରୁ ଫସଲ ବିକ୍ରୀ ପର୍ଯ୍ୟନ୍ତ ପ୍ରତ୍ୟେକ ସମୟରେ ଆମେ ଚାଷୀଙ୍କ ସହିତ ଅଛୁ, ସୁବିଧା ଅସୁବିଧା ସମୟରେ ଆମେ ଚାଷୀଙ୍କ ପାଖରେ ପହଞ୍ଚିବୁ ବୋଲି ସେ କହିଥିଲେ । ତେଣୁକରି ଜଗତ ସିଂହପୁର ଜିଲ୍ଲା ଆଜି ମୀନ ପାନ ଧାନ ଆଦି କ୍ଷେତ୍ରରେ ଅଗ୍ରଗତି କରିଛି । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ, କହିଥିଲେ ପବିତ୍ର ଅକ୍ଷୟ ତୃତୀୟାରେ ଚାଷୀ ତା'ର ଚାଷ କାର୍ଯ୍ୟ ଆଗକୁ ନେଇଥାଏ । ଆମେ ଯାହା ଖାଉଛେ ତାକୁ ଜଣେ ଚାଷୀ ଉତ୍ପାଦନ କରିଥାଏ, ସେହି ଚାଷୀ ମାନଙ୍କ ସହିତ ଆମ ସରକାର ସବୁବେଳେ ଛିଡାହେବ । କୃଷି ଓ କୃଷକଙ୍କୁ ମାର୍କେଟ୍ ଯୋଗାଇଦେବା ସହିତ ତାଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ୍ ମୂଲ୍ୟଦେବା ପାଇଁ ଆମ ସରକାର ସର୍ବଦା କାମ କରୁଛି । ତତ୍ ପରେ ଅର୍ଚ୍ଚନା ସିଂ ପୌରପରିଷଦ ଅଧ୍ୟକ୍ଷ ଜଗତସିଂହପୁର ନିଜ ବକ୍ତବ୍ୟ ରଖିଥିଲେ ଯେ ଚାଷୀର ଉନ୍ନତି ହେଲେ ରାଜ୍ୟର ଉନ୍ନତି ହେବ ଏବଂ ରାଜ୍ୟର ଉନ୍ନତି ହେଲେ ଦେଶର ଉନ୍ନତି ହେବ । ରାଜ୍ୟର ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କାର୍ଯ୍ୟ ନିମନ୍ତେ ଆଗୁଆ ସହାୟତା ପାଇ ଚାଷକୁ ଆହୁରି ଆଗକୁ ନେଇ ପାରିବେ । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କାର୍ଯ୍ୟକ୍ରମକୁ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ କୃଷି ଜିଲ୍ଲା ଅଧିକାରୀ ବିଶ୍ୱଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋରକୁଳ ପଞ୍ଚାୟତର ଚାଷୀ ଭାଇଭଉଣୀ, ଗ୍ରାମବାସୀ, କୃଷି ବିଭାଗର କର୍ମକର୍ତ୍ତା ତଥା ଗଣମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।



## ବାବର ଆଜାମ ଟିମ୍‌କୁ ଲାଗିଲା ବଡ଼ ଝଟ୍‌କା
## ପୁଣି ପିଏସଏଲ ଛାଡ଼ି ଆଇପିଏଲରେ ଯୋଗଦେଲେ ଖେଳାଳି

**ନୂଆଦିଲ୍ଲୀ**



ଆଇପିଏଲ ୨୦୨୫ ପାଇଁ ପଞ୍ଜାବ କିଙ୍ଗ ଦଳକୁ ବଡ଼ ଝଟ୍‌କା ଲାଗିଛି । ଅଷ୍ଟ୍ରେଲିଆର ଷ୍ଟାର ଅଲରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଆହତ କାରଣରୁ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ତେବେ ଏହି ସ୍ଥାନ ପୂରଣ କରିବା ପାଇଁ ପଞ୍ଜାବ କିଙ୍ଗ ନେଇଛି ଏକ ବଡ଼ ନିଷ୍ପତ୍ତି । ଦଳ ମ୍ୟାକ୍ସୱେଲ୍‌ଙ୍କ ବଦଳରେ ଅଷ୍ଟ୍ରେଲିଆର ବିସ୍ଫୋରକ ଅଲରାଉଣ୍ଡର ମିଚେଲ ଓଭେନଙ୍କୁ ଅଣାଯାଇଛି, ଯିଏ ପାକିସ୍ତାନ ସୁପର ଲିଗ୍ (ପିଏସଏଲ)ରେ ବାବର ଆଜମଙ୍କ ସାଥୀ ଖେଳାଳି ଭାବେ ଚର୍ଚ୍ଚାରେ ରହିଛନ୍ତି । ମିଚେଲ ଓଭେନ ପିଏସଏଲରେ ନିଜର ଆକ୍ରମଣାତ୍ମକ ବ୍ୟାଟିଂ ଓ ଦକ୍ଷ ବୋଲିଂ ପାଇଁ ଜଣାଶୁଣା । ସେ ବାବର ଆଜମଙ୍କ ସହ ସମାନ ଦଳରେ ଖେଳି ଅନେକ ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କର ଏହି ଅଭିଜ୍ଞତା ଓ ବିସ୍ଫୋରକ ଶୈଳୀ ପଞ୍ଜାବ କିଙ୍ଗ୍ସର ମଧ୍ୟମ କ୍ରମ ଓ ବୋଲିଂ ବିଭାଗକୁ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି ।

## ରୋମାଞ୍ଚକର ମ୍ୟାଚ୍‌ରେ ରାଜସ୍ଥାନକୁ ୧ ରନରେ ହରାଇଲା କୋଲକାତା

**କୋଲକାତା**

କୋଲକାତାର ଇଡେନ ଗାର୍ଡେନ୍‌ଠାରେ ଚାଲିଥିବା ଆଇପିଏଲ ୨୦୨୫ର ୫୩ତମ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌କୁ ୧ ରନରେ ହରାଇ ଦେଇଛି କୋଲକାତା ନାଇଟ ରାଇଡର୍ସ (କେକେଆର) । ଏହି ରୋମାଞ୍ଚକର ମ୍ୟାଚ୍‌ରେ ରାଜସ୍ଥାନ ଆଗରେ ୨୦୭ ରନର ଲକ୍ଷ୍ୟ ଥିବାବେଳେ ଦଳ ୨୦୫ ରନ ହିଁ କରିପାରିଥିଲା । ରାଜସ୍ଥାନ ପକ୍ଷରୁ ରିୟାନ ପରାଗ ୮ଟି ଛକା ୬ଟି ଚୌକା ସହ ୯୫ କରିଥିଲେ । ଯଶସ୍ୱୀ ଜୟସ୍ୱାଲ ୩୪ ରନ କରିଥିବାବେଳେ ଶୁଭମ ଦୁବେ ୨୫ ରନ ଓ ସିମରନ ହେଟମେୟର



୨୯ ରନ କରିଥିଲେ । କୋଲକାତା ପକ୍ଷରୁ ହର୍ଷିତ ରାଣା, ମୋଇନ ଅଲି ଓ ବରୁଣ ଚକ୍ରବର୍ତ୍ତୀ ୨ଟି ଲେଖାଏଁ ୱିକେଟ ନେଇଥିଲେ । ଏହି ମ୍ୟାଚ୍‌ରେ କୋଲକାତା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଦଳ ପକ୍ଷରୁ ରହମାନୁଲ୍ଲା ଗୁରବାଜ ଓ ସୁନୀଲ ନାରାୟଣ ବ୍ୟାଟିଂ ଓପନ କରିଥିଲେ । ତେବେ ସୁନୀଲ ମାତ୍ର ୧୧ ରନ କରି ଆଉଟ ହୋଇଥିଲେ । ତେବେ ଗୁରବାଜ ଓ ଅଜିଙ୍କ୍ୟ ରାହାଣେଙ୍କ ମଧ୍ୟରେ ଏକ ଭଲ ପାର୍ଟନରସିପ୍ ଦେଖିବାକୁ ମିଳିଥିଲା । ଗୁରବାଜ ୩୫ ରନ ଓ ରାହାଣେ ୩୦ ରନ କରିଥିଲେ । ଅଙ୍ଗକ୍ରିଷ ରଘୁବଂଶୀ ୪୪ ରନ କରିଥିବାବେଳେ ଆନ୍ଦ୍ରେ ରସେଲ୍ ମାତ୍ର ୨୫ ବଲରେ ୫୭ ରନ କରିଥିଲେ । ନିଜର ଏହି ଇନିଂସରେ ସେ ୬ଟି ଛକା ଓ ୪ଟି ଚୌକା ମାରିଥିଲେ । କୋଲକାତା ନିର୍ଦ୍ଧାରିତ ୨୦ ଓଭରରେ ୨୦୬ ରନ କରିଥିଲା ।

## ଭଦ୍ରକ ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ହେଲେ ବିଜୟ କୁମାର ଜେନା ସଭାପତି, ଧୀରେନ ପଲାଇ ସମ୍ପାଦକ

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ରବିବାର ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ପରିଚାଳନା ସମିତି ପୁନର୍ଗଠିତ ହୋଇଯାଇଛି । ଏଥିପାଇଁ ସାଧାରଣ ସଭାର ଏକ ସ୍ୱତନ୍ତ୍ର ଅଧିବେଶନ ହ୍ୟାପି ହୋମ୍ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା । ନିର୍ବାଚନ କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ ନିର୍ବାଚନ ଅଧିକାରୀ ରୂପେ ପରିଚାଳନା କରିଥିଲେ । ପର୍ଯ୍ୟବେକ୍ଷକ ରୂପେ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ଭୋଳ ଯୋଗ ଦେଇଥିଲେ । ସମିତିର ୧୫ଟି ପଦବୀ ନିମନ୍ତେ ପ୍ରତି ପଦବୀ ପାଇଁ ଗୋଟିଏ ଲେଖାଏଁ ନାମାଙ୍କନ ପତ୍ର ନିର୍ଦ୍ଧାରିତ ସମୟ ସୁଦ୍ଧା ମିଳିଥିବାରୁ ସମସ୍ତ ପ୍ରତିଦ୍ୱନ୍ଦୀ ନିର୍ଦ୍ୱନ୍ଦରେ ବିଜୟୀ ହୋଇଥିଲେ । ନିର୍ବାଚନ ଅଧିକାରୀ ସାଧାରଣ ସଭାର ଅନୁମୋଦନ କ୍ରମେ ବିଜେତାମାନଙ୍କ ନାମ ଘୋଷଣା କରିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ ଆଇନଜୀବୀ ବିଜୟ କୁମାର ଜେନା ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଧୀରେନ୍ ପଲାଇ ସାଧାରଣ ସମ୍ପାଦକ ରୂପେ ପୁନଃନିର୍ବାଚିତ ହୋଇଛନ୍ତି । ଦୁଇଟି ଉପସଭାପତି ପଦବୀ ପାଇଁ ଆଇନଜୀବୀ ଯତିକାନ୍ତ ନାୟକ ଓ ବ୍ରଜନାରାୟଣ ଜେନାଙ୍କ ନାମ ଘୋଷଣା କରାଯାଇଛି । ସେହିପରି ବିଜୟ କୁମାର ଲଖାନୀ ଓ ସୁଦାମ କୁମାର ନାୟକ ଯୁଗ୍ମ ସମ୍ପାଦକ ପଦ ପାଇଁ ନିର୍ବାଚିତ ହୋଇଛନ୍ତି । କୋଷାଧ୍ୟକ୍ଷ ରୂପେ ବ୍ୟୋମୋକେଶ ସେନାପତି ପୁନଃ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରିଣୀ ସଦସ୍ୟ ରୂପେ ନିର୍ବାଚିତ ହୋଇଥିବା ୮ ଜଣ ସଦସ୍ୟ ହେଲେ : ପାର୍ଥସାରଥୀ ଗୁହା, ଠାକୁରତା ରାୟ, ବେଦପ୍ରକାଶ ଗୁପ୍ତା, ଆଇନଜୀବୀ ପବନ କୁମାର ଶର୍ମା, ଆଇନଜୀବୀ ପୂର୍ଣ୍ଣ ଚନ୍ଦ୍ର ମହାନ୍ତି, ସଞ୍ଜୀବ ଦାସ, ସୋମନାଥ ସାହୁ, ଆଇନଜୀବୀ ତୁଷାର କାନ୍ତ ଦାସ ଏବଂ ଓଡ଼ିଶାର ବିଶିଷ୍ଟ କ୍ରିକେଟ୍ କୋଚ୍ କେ.ଭି. ପ୍ରସାଦ । ଏହି ଅବସରରେ ଓସିଏ ପର୍ଯ୍ୟବେକ୍ଷକ ପ୍ରଭାତ କୁମାର ଭୋଳ ଓ ନିର୍ବାଚନ ଅଧିକାରୀ ଦିବ୍ୟସିଂହ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିର୍ବାଚନ ଅଧିକାରୀ ଶ୍ରୀ ନାୟକ ନିଜ ପ୍ରତିକ୍ରିୟାରେ ସଦ୍ୟସମାପ୍ତ ନିର୍ଦ୍ୱନ୍ଦ ନିର୍ବାଚନ ଭଦ୍ରକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସଦସ୍ୟମାନଙ୍କ ଏକତା ଓ ଉତ୍ତମ ବୁଝାମଣାର ସ୍ପଷ୍ଟ ସଂକେତ ବୋଲି କହିଥିଲେ । ଓସିଏ ପର୍ଯ୍ୟବେକ୍ଷକ ଶ୍ରୀ ଭୋଳ ଓଡ଼ିଶାର କ୍ରିକେଟ୍ ମାନଚିତ୍ରରେ ଭଦ୍ରକ ଏକ ସ୍ୱତନ୍ତ୍ର ପରିଚୟ ଓ ପ୍ରତିଷ୍ଠା ସୃଷ୍ଟି କରିଛି ବୋଲି କହିବା ସହ ନବଗଠିତ ପରିଚାଳନା ସମିତି ସେ ସମ୍ମାନର ଧାରା ଅକ୍ଷୁର୍ଣ୍ଣ ରଖିବ ବୋଲି ଆଶା ପ୍ରକାଶ କରିଥିଲେ ।

## କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ : ଗୋଆ ଦ୍ୱିତୀୟ ଥର ଚାମ୍ପିୟନ

**ଭୁବନେଶ୍ୱର**

କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ବୋର୍ଜା ହେରେରା ଗୋଞ୍ଜାଲେଜଙ୍କ ଡବଲ ଗୋଲ ବଳରେ ଏଫ୍‌ସି ଗୋଆ ୩-୦ ଗୋଲରେ ଜାମଶେଦପୁର ଏଫ୍‌ସିକୁ ହରାଇ ଚାମ୍ପିୟନ ହୋଇଛି । ପୂର୍ବରୁ ୨୦୧୯ରେ ଚାମ୍ପିୟନ ହୋଇଥିବା ଗୋଆ ପ୍ରଥମ ଦଳଭାବେ ୨ ଥର ଟାଇଟଲ ଜିତିବାକୁ ସକ୍ଷମ ହୋଇଛି । ଡବଲ ଗୋଲ ସ୍କୋରର ବୋର୍ଜା ଗୋଞ୍ଜାଲେଜ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।




ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ବିଧାୟକ ଜୟନାରାୟଣ ମିଶ୍ର, ସର୍ବଭାରତୀୟ ଫୁଟ୍‌ବଲ ଫେଡେରେସନ ସଭାପତି କଲ୍ୟାଣ ଚୌବେ, କ୍ରୀଡ଼ା ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଚାମ୍ପିୟନ ଗୋଆ ଦଳକୁ ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ରନର୍ସଅପ୍ ଜାମଶେଦପୁର ଦଳ ରୌପ୍ୟ ପଦକ ସହିତ ୧୫ ଲକ୍ଷ ଟଙ୍କାର ପୁରସ୍କାର ଗ୍ରହଣ କରିଥିଲା । ଗୋଆର ଇକର ଗୌରୋକ୍ସେନା ଓ ବୋର୍ଜା ଗୋଞ୍ଜାଲେଜ ୪ଟି ଲେଖାଏଁ ଗୋଲ ଦେଇ ଯୁଗ୍ମ ଟପ୍ ସ୍କୋରର ବିବେଚିତ ହୋଇଥିଲେ । ଚାମ୍ପିୟନ ହୋଇଥିବା ଗୋଆ ଦଳ ୨୦୨୫-୨୬ ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ଅର୍ଜନ କରିଛି ।

ମ୍ୟାଚ୍ ଆରମ୍ଭ ହେବାକ୍ଷଣି ଜାମଶେଦପୁର ଏଫ୍‌ସି ଆକ୍ରମଣାତ୍ମକ ଆଭିମୁଖ୍ୟ ଅବଲମ୍ବନ କରି ଗୋଲ ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ଜାଭି ହର୍ଣ୍ଣାଣ୍ଡେଜଙ୍କ ଶଟ୍‌କୁ ଗୋଆ ଗୋଲକିପର ସେଭ୍ କରି ଦେଇଥିଲେ । ପ୍ରତି ଆକ୍ରମଣକରି ସଫଳ ହୋଇଥିଲା ଗୋଆ । ୨୩ତମ ମିନିଟ୍‌ରେ ବୋର୍ଜା ହର୍ନାଣ୍ଡେଜ ଗୋଲ ଦେଇ ଗୋଆକୁ ଅଗ୍ରଣୀ କରିଥିଲେ । ଜାମଶେଦପୁର ଏଫ୍‌ସି ଗୋଲକିପର ଆଲବିନୋ ଗୋମ୍ସ ୨ ଥର ସେଭ୍ କରିଥିଲେ ହେଁ ବୋର୍ଜା ଚତୁରତାର ସହ ରିବାଉଣ୍ଡ ଶଟ୍ ସହ ଏହାକୁ ଗୋଲରେ ପରିଣତ କରିଥିଲେ । ପ୍ରଥମାର୍ଦ୍ଧ ଶେଷ ବେଳକୁ ଗୋଆ ୧-୦ରେ ଅଗ୍ରଣୀ ରହିଥିଲା । ଦ୍ୱିତୀୟାର୍ଦ୍ଧରେ ଜାମଶେଦପୁର ଗୋଲ ପରିଶୋଧ କରିବାକୁ ଉଦ୍ୟମରେ ଥିବାବେଳେ ୫୨ତମ ମିନିଟ୍‌ରେ ବୋର୍ଜା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଗୋଆକୁ ଡ୍ରାଇଭର ସିଟରେ ବସାଇ ଦେଇଥିଲେ । ୮୦ତମ ମିନିଟ୍‌ରେ ଡେଜାନ ଡ୍ରାଜିକ୍ ଆଉ ଏକ ଗୋଲ ଦେବାରୁ ଗୋଆର ବିଜୟ ଏକ ପ୍ରକାର ନିଶ୍ଚିତ ହୋଇଯାଇଥିଲା ।

## ଖେଳରତ୍ନ ପାଇବା ପରେ ସାତ୍ୱିକ, ଚିରାଗଙ୍କ ପ୍ରତିକ୍ରିୟା

**ନୂଆଦିଲ୍ଲୀ**

ଭାରତର ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ଚିରାଗ ଶେଟ୍ଟି ଓ ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଶେଷରେ ବହୁଦିନ ପରେ ମେଜର ଧ୍ୟାନଚାନ୍ଦ ଖେଳରନତ୍ ପୁରସ୍କାର ପାଇଛନ୍ତି । କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଏଠାରେ ଗୁରୁବାର ଖେଳାଳି ଦ୍ୱୟଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ଖେଳାଳି ଦ୍ୱୟ କହିଛନ୍ତି, ଫିଟ୍‌ନେସ୍ ସମସ୍ୟା ଯୋଗୁ ସେମାନେ ଏବେ ଖରାପ ସମୟ ଦେଇ ଗତି କରୁଛନ୍ତି । ଏହି ପୁରସ୍କାର ସେମାନଙ୍କୁ ଏହି ସମସ୍ୟାରୁ ଉଦ୍ଧାର ପାଇବାରେ ସହାୟକ ହେବ ବୋଲି ସେମାନେ ଆଶା କରୁଛନ୍ତି ।



୨୦୨୩ ବର୍ଷ ପାଇଁ ଚିରାଗ ଓ ସାତ୍ୱିକ ଗତବର୍ଷ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ଆଡମ୍ବରପୂର୍ଣ୍ଣ ଉତ୍ସବରେ ଏହି ସମ୍ମାନ ପାଇଥାନ୍ତେ । ମାତ୍ର ସେତେବେଳେ ସେମାନେ ବିଦେଶରେ ଟୁର୍ଣ୍ଣାମେଣ୍ଟରେ ଖେଳୁଥିବାରୁ ଏଥିରେ ଯୋଗଦେଇ ପାରି ନ ଥିଲେ । ସେମାନେ ଗତ ଫେବୃୟାରୀରେ ମାଣ୍ଡବ୍ୟଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥାନ୍ତେ । ମାତ୍ର ସାତ୍ୱିକଙ୍କ ପିତା ଆର. କାଶୀ ବିଶ୍ୱନାଥମଙ୍କ ହୃଦ୍‌ଘାତରେ ପ୍ରାଣହାନି ଘଟିବାରୁ ଏହି କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଥିଲା । ଦୁଇ ଖେଳାଳି କହିଛନ୍ତି, ଖେଳରତ୍ନ ପୁରସ୍କାର ଗ୍ରହଣ କରିବା ଲାଗି ସେମାନେ ଗତବର୍ଷ ରାଷ୍ଟ୍ରପତି ଭବନକୁ ଯାଇ ପାରି ନ ଥିଲେ । ତେବେ ଶେଷରେ ସେମାନଙ୍କୁ ମିଳିଛି । ଏହା ତାଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ । ଆସନ୍ତା କିଛି ମାସ ମଧ୍ୟରେ ସେମାନେ ଟ୍ରାକ୍‌କୁ ଫେରିବା ନେଇ ଦୃଢ଼ ଆଶାବାଦୀ ଅଛନ୍ତି ।

## ବିନୋଦ କାମ୍ବଲି-ପୃଥ୍ୱୀ ଶ'ଙ୍କ ଭଳି ନ ହୋଇ ଯାଆନ୍ତୁ ବୈଭବ ସୂର୍ଯ୍ୟବଂଶୀ : ଗ୍ରେଗ୍ ଚାପେଲ

**ନୂଆଦିଲ୍ଲୀ**

ବିହାରର ଯୁବ ବ୍ୟାଟ୍ସମ୍ୟାନ ବୈଭବ ସୂର୍ଯ୍ୟବଂଶୀ ମାତ୍ର ୧୪ ବର୍ଷ ବୟସରେ ନିଜର ବ୍ୟାଟିଂ ଯୋଗୁ ଭିନ୍ନ ପରିଚୟ ସୃଷ୍ଟି କରିଛନ୍ତି । ସେ ସମ୍ପ୍ରତି ଆଇପିଏଲ୍‌ରେ ଶତକ ହାସଲ କରିବାରେ ଦ୍ରୁତତମ ଭାରତୀୟ ବ୍ୟାଟ୍ସମ୍ୟାନ ହୋଇଛନ୍ତି । ବୈଭବଙ୍କ ପ୍ରତିଭା ଦେଖିବା ପରେ, ଅନେକ କିମ୍ବଦନ୍ତୀ ତାଙ୍କୁ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି କହୁଛନ୍ତି । ସେହିଭଳି ସେ ଖୁବ୍‌ଶୀଘ୍ର ଟିମ୍ ଇଣ୍ଡିଆ ପାଇଁ ଖେଳିପାରନ୍ତି ବୋଲି କୁହାଯାଉଛି । ଏସବୁ ମଧ୍ୟରେ, ଭାରତର ପୂର୍ବତନ ପ୍ରଶିକ୍ଷକ ଏକ ବଡ଼ ବୟାନ ଦେଇଛନ୍ତି । ଏହି ଯୁବ ଖେଳାଳିଙ୍କୁ ସଠିକ ଭାବରେ ପରିଚାଳନା କରିବା ପାଇଁ ବିସିସିଆଇକୁ ଏକ ବଡ଼ ଚେତାବନୀ ଦେଇଛନ୍ତି ।

ବୈଭବ ସୂର୍ଯ୍ୟବଂଶୀ ନିଜ ବ୍ୟାଟିଂରେ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି । ଏହି କ୍ରମରେ ପୂର୍ବତନ ଭାରତୀୟ ପ୍ରଶିକ୍ଷକ ଗ୍ରେଗ ଚାପେଲ ବୈଭବଙ୍କୁ ନେଇ ବିସିସିଆଇକୁ ଚେତାବନୀ ମଧ୍ୟ ଦେଇଛନ୍ତି । ବିସିସିଆଇକୁ ବୈଭବଙ୍କୁ ସଠିକ ଉପାୟରେ ପରିଚାଳନା କରିବାକୁ ପଡ଼ିବ । କାରଣ ଭାରତ ପୂର୍ବରୁ ସଚିନ ତେନ୍ଦୁଲକର, ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶ'ଙ୍କ ଭଳି ଯୁବ କ୍ରିକେଟରଙ୍କୁ କମ୍ ବୟସରେ ବଡ଼ ନାମ କମାଇବାର ଦେଖିଛି । କିନ୍ତୁ ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶ'ଙ୍କ କ୍ୟାରିୟର ଖୁବ୍‌ଶୀଘ୍ର ଟ୍ରାକରୁ ଚାଲିଗଲା । ଏପରି ପରିସ୍ଥିତିରେ, ବିସିସିଆଇକୁ ବୈଭବଙ୍କ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡିବ ବୋଲି ସେ କହିଛନ୍ତି ।




ଗ୍ରେଗ୍ ଚାପେଲ ଇଏସପିଏନ୍ କ୍ରିକ୍‌ଇନଫୋ ପାଇଁ ତାଙ୍କ ସ୍ତମ୍ଭରେ ଲେଖିଛନ୍ତି, 'ସଚିନ ତେନ୍ଦୁଲକର କେବଳ ପ୍ରତିଭା ଯୋଗୁ ନୁହେଁ, ବରଂ ତାଙ୍କର ଏକ ଦୃଢ଼ ସପୋର୍ଟ ସିଷ୍ଟମ୍ ମଧ୍ୟ ଥିଲା – ଜଣେ ଶାନ୍ତ ସ୍ୱଭାବ, ଜଣେ ବୁଝାମଣା ପ୍ରଶିକ୍ଷକ, ଏକ ପରିବାର ଯିଏ ତାଙ୍କୁ ସାଂସାରିକତାର ସର୍କସରୁ ରକ୍ଷା କରିଥିଲେ ।' ଅନ୍ୟପକ୍ଷରେ, ସମାନ ପ୍ରତିଭାଶାଳୀ ଏବଂ ଅଧିକ ଚମତ୍କାର ଥିଲେ ବି ବିନୋଦ କାମ୍ବଲି, ପ୍ରସିଦ୍ଧି ଏବଂ ଶୃଙ୍ଖଳା ମଧ୍ୟରେ ସନ୍ତୁଳନ ରଖିପାରି ନ ଥିଲେ । ପୃଥ୍ୱୀ ଶ' ମଧ୍ୟ ଆଉ ଜଣେ ଚମତ୍କାର ଖେଳାଳି ଯିଏ ଏବେ ବି ଶୀର୍ଷକୁ ଫେରିପାରିବେ ।

ଦିନ ଥିଲା ବିନୋଦ କାମ୍ବଲି ଏବଂ ପୃଥ୍ୱୀ ଶ'ଙ୍କୁ ଥରେ ଭାରତୀୟ କ୍ରିକେଟର ଭବିଷ୍ୟତ ବୋଲି ବିବେଚନା କରାଯାଉଥିଲା, କିନ୍ତୁ କିଛି ସମୟ ମଧ୍ୟରେ ସେମାନେ ନିଜର ପଥରୁ ଓହରି ଯାଇଥିଲେ । ଏହି ଦୁଇ ଖେଳାଳି ନିଜ ପ୍ରତିଭାକୁ ଠିକ ଭାବରେ ବ୍ୟବହାର କରିପାରିଲେ ନାହିଁ । କାମ୍ବଲିଙ୍କ କ୍ରିକେଟ କ୍ୟାରିଅର ସଚିନ ତେନ୍ଦୁଲକରଙ୍କ ଠାରୁ ଆରମ୍ଭ ହୋଇଥିଲା । କିନ୍ତୁ କାମ୍ବଲି ପଡ଼ିଆ ବାହାରେ ଜିନିଷଗୁଡ଼ିକୁ ସମ୍ଭାଳିବାରେ ବିଫଳ ହୋଇଥିଲେ ଏବଂ ତାଙ୍କର ମଦ୍ୟପାନ ନିଶା ତାଙ୍କ କ୍ୟାରିୟରକୁ ନଷ୍ଟ କରିଦେଇଥିଲା । ପୃଥ୍ୱୀ ଶ' ମଧ୍ୟ ବହୁତ କମ୍ ବୟସରେ ଭାରତ ପାଇଁ ତିନୋଟି ଫର୍ମାଟରେ ଡେବ୍ୟୁ କରିଥିଲେ । କିନ୍ତୁ ବର୍ତ୍ତମାନ ସେ ବରିଷ୍ଠ ଦଳର ଯୋଜନାରେ କୌଣସି ସ୍ଥାନରେ ନାହାନ୍ତି । ଏହାର ସବୁଠାରୁ ବଡ଼ କାରଣ ହେଉଛି ଅନୁଶାସନହୀନତା, ଫିଟ୍‌ନେସ୍ ଚିନ୍ତା ଏବଂ ତାଙ୍କର ମଇଦାନ ବାହାରର ବିବାଦ ।

## ୨୦ ଦିନ ହେଲା ଜଳ ପ୍ରକଳ୍ପ ବନ୍ଦ : ଲୋକେ ହନ୍ତସନ୍ତ

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ଚଳିତ ବର୍ଷ ୪୦ ଡିଗ୍ରୀ ଉପରେ ତାପମାତ୍ରା ପ୍ରଭାବିତ ହୋଇ ଭୀଷଣ ଗରମ ଅନୁଭୂତି ହେଉଥିବା ବେଳେ ସରକାର ପକ୍ଷରୁ ଜଳ ଉତ୍ସଗୁଡିକର ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ରହିଛି । କେତେକ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଜନସାଧାରଣ ନାହିଁ ନ ଥିବାର ଅସୁବିଧା ସମ୍ମୁଖୀନ ହେଉଛନ୍ତି । ଯାହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲାରେ । ଘଟଗାଁ ବ୍ଲକ ଅନ୍ତର୍ଗତ ବିନିଦା ପଞ୍ଚାୟତ ମସିଣାଯୋଡ଼ି ହାଟ ପଡ଼ିଆ ଛକ ନିକଟରେ ଥିବା



ଆରଡବ୍ଲୁଏସଏସ ଜଳ ପ୍ରକଳ୍ପଟି ଆଜକୁ ୨୦ ଦିନ ହେଲାଣି ବନ୍ଦ ହେବାରୁ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ସ୍ଥାନୀୟ ମହାନ୍ତ ସାହି, ଜୁଆଙ୍ଗ ସାହି, ମୁଣ୍ଡା ସାହି, ଗୋପାଳ ସାହିର ଶତାଧିକ ପରିବାର ପିଇବା ପାଣି ପାଇଁ ଡହଳବିକଳ ହେବା ସହିତ ପ୍ରଚଣ୍ଡ ଖରା ହେଉଥିଲେ ମଧ ଜୀବନ ବିକଳରେ ଏଣୁତେଣୁ ବହୁ ଦୂରଦୂରାନ୍ତରୁ ପାଇଁ ଆଣି ଚଳିବାକୁ ପଡୁଛି । ଖରା ଦିନେ ଭଳି ସମୟରେ ପ୍ରକଳ୍ପଟି ୨୦ ଦିନ ଧରି ବନ୍ଦ ହେବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ନ ହେବା ଏକ ଦୁର୍ଭାଗ୍ୟ ଜନକ ଏବଂ ପ୍ରକଳ୍ପ ଚାଲୁକରିବା ପାଇଁ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଦାବି କରାଯିବ ବୋଲି ଗ୍ରାମର ୱାର୍ଡମେମ୍ବର କ୍ଷେତ୍ରବାସୀ ବାରିକ, ମଧୁ ମୁଣ୍ଡା, ଚନ୍ଦ୍ର ମୁଣ୍ଡା, ଖଟୁଆ ଜୁଆଙ୍ଗ, ଚନ୍ଦ୍ର ଜୁଆଙ୍ଗ, ମଦନା ଜୁଆଙ୍ଗ, କୁନା ଜୁଆଙ୍ଗ, ଅର୍ଜୁନା ଜୁଆଙ୍ଗ, ଈଶ୍ୱର ଜୁଆଙ୍ଗ, କ୍ଷେତ୍ର ମହାନ୍ତ, ଗିରିଧାରୀ ମହାନ୍ତ, ସୁନି ମହାନ୍ତ, ପ୍ରତାପ ମହାନ୍ତ, ଜାଗା ବାରିକ, ଦିପୁ ବାରିକ, ଶୁଭବ୍ରତ ବାରିକ, କରୁଣାକର ବାରିକ, ଭାଗବତ ପରିଡ଼ା, ଶରତ ବାରିକ, ସୁଦର ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ବୋଲି କହିଛନ୍ତି ।

## ମାଟ୍ରିକ୍ ପରୀକ୍ଷାରେ ସାଇ ବିଦ୍ୟା ମନ୍ଦିରର ଐତିହାସିକ ସଫଳତା

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଚଳିତ ୨୦୨୪-୨୫ ଶିକ୍ଷାବର୍ଷରେ ମାଧ୍ୟମିକ ଶିକ୍ଷାପରିଷଦ ଦ୍ୱାରା ଅନୁଷ୍ଠିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ମୟୂରଭଞ୍ଜର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସାଇ ବିଦ୍ୟା ମନ୍ଦିର ସଫଳତାର ଶୀର୍ଷସ୍ଥାନ ଅଧିକାର କରି ସମଗ୍ର ଜିଲ୍ଲାପାଇଁ ଏକ ନୂତନ କୀର୍ତ୍ତିମାନ ସ୍ଥାପନ କରିଛି । ମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦%ରୁ ଅଧିକ ମାର୍କ ରଖି ୨୨ ଜଣ ଛାତ୍ର/ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ମୋଟ ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୦ ଜଣ ପ୍ରଥମ ସ୍ଥାନର ଅଧିକାର କରିଛନ୍ତି । ୧୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୦% ରୁ ଅଧିକ ନମ୍ବର ରଖିଥିବା ଛାତ୍ର/ଛାତ୍ରୀ ହେଉଛନ୍ତି ହିମାଂଶୁ ହିରନମୟ ଧୀର ୫୭୫ ନମ୍ବର ରଖି ପ୍ରଥମ ହୋଇଥିବା ବେଳେ ସୁହାନୀ ସାହୁ ୫୬୫, ସ୍ୱାଧୀନ ପାତ୍ର ୫୬୫, ବଦ୍ରୀନାଥ ଦାଶ ୫୬୩, ଗୌରବ ସାହୁ ୫୬୨, ବିଷ୍ଣୁପ୍ରିୟା ଧଳ ୫୬୧, ହ୍ରୀତିକ୍ ରାଜ ୫୬୧, ଅଭିଷେକ ରଣା ୫୬୦, ପ୍ରିୟଙ୍କା ସାହୁ ୫୬୦, ସୀମା ବେଶ୍ରା ୫୬୦, ଶୁଭସ୍ମିତା ସେଠୀ ୫୬୦, ସତ୍ୟ ଶୁଭମ୍ ମୁଣ୍ଡା ୫୫୭, ଶୁଭମ୍ ବସା ୫୫୬, ଶୁଭମ୍ ମୁଦି ୫୫୨, ଚନ୍ଦନ ଗଛାୟତ ୫୫୧, ଚୁନିକା ଦଣ୍ଡପାଠ ୫୪୯, ଅଂଶୁମାନ ନନ୍ଦି ୫୪୮, ପ୍ରିୟାଂଶୀ ଗିରି ୫୪୭, ଦେବଶ୍ରୀ ଗିରି ୫୪୬, ଅଂଶୁମାନ ମହାନ୍ତ ୫୪୬, ସଙ୍କେତ ମହାନ୍ତ ୫୪୩, କ୍ରୀଷ୍ଣା ମହାନ୍ତ ୫୪୨ ନମ୍ବର ରଖି ଅନୁଷ୍ଠାନର ଗର୍ବ ଓ ଗୌରବକୁ ଅକ୍ଷୁର୍ଣ୍ଣ ରଖିଛନ୍ତି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆଶିଷ କୁମାର ହୋତା, ସେକ୍ରେଟାରୀ ଚନ୍ଦ୍ରକାନ୍ତ ରାଉତ ଏବଂ ଅନୁଷ୍ଠାନର ସିଇଓ ଚିତ୍ତରଞ୍ଜନ ରାଉତ କୃତୀ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ଏହି ସଫଳତା ପଛରେ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ଅନୁଷ୍ଠାନରେ କାର୍ଯ୍ୟରତ ସମସ୍ତ ଶିକ୍ଷାକର୍ମୀଙ୍କ ଅତୁଳନୀୟ ଅବଦାନ ରହିଛି ବୋଲି ମତବ୍ୟକ୍ତ କରିଛନ୍ତି । ନିର୍ଦ୍ଦେଶକ ଡଃ ପ୍ରଭଞ୍ଜନ ରାଉତ ଛାତ୍ରଛାତ୍ରୀଙ୍କ ସୁନ୍ଦର ଭବିଷ୍ୟତ କାମନା ପୂର୍ବକ ଅନୁଷ୍ଠାନ ପ୍ରତି ଆସ୍ଥା ପ୍ରକଟ କରିଥିବା ଅଭିଭାବକ ମାନଙ୍କୁ ସାଧୁବାଦ ଅର୍ପଣ କରିଛନ୍ତି ।

## ନିଶାମୁକ୍ତି କେନ୍ଦ୍ରର ୩୫ ଡ୍ରପଆଉଟଙ୍କୁ ବିଦ୍ୟାଳୟରେ ସାମିଲ

**ଚୌଦ୍ୱାର, ନ୍ୟୁଜ୍‌ବ୍ୟୁରୋ**

କିଶୋର ନିଶାମୁକ୍ତି ଓ ପୁନର୍ବାସ କେନ୍ଦ୍ର ପରିବର୍ତ୍ତନର ୩୫ଜଣ ବିଦ୍ୟାଳୟ ଡ୍ରପଆଉଟ ଛାତ୍ରଙ୍କୁ ପୁଣିଥରେ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରିବା ପାଇଁ ବ୍ୟବସ୍ଥା କରିଛି । ଏହାର ପରିଚାଳନା ଦାୟିତ୍ୱରେ ଥିବା ସାମାଜିକ ଅନୁଷ୍ଠାନ ଉଦ୍ଧାର ଫାଉଣ୍ଡେସନ । ଏହି କେନ୍ଦ୍ରରେ ରହୁଥିବା ୪୦ରୁ ଊର୍ଦ୍ଧ୍ୱ ଅନ୍ତେବାସୀ ନିଶାମୁକ୍ତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ଅଧାରୁ ପାଠପଢ଼ା ଛାଡ଼ିଥିବା ୩୫ଜଣ ନାବାଳକଙ୍କୁ କେନ୍ଦ୍ର ତରଫରୁ ସ୍ଥାନୀୟ ଜନ୍ମେଜୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କଳିଙ୍ଗ ପବ୍ଲିକ ସ୍କୁଲରେ ନାମ ଲେଖାଯାଇ ପୁନର୍ବାର ଶିକ୍ଷା ଗ୍ରହଣର ବ୍ୟବସ୍ଥା କରାଯାଇଛି । ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷକ ସୁଶୀଲ କୁମାର ସ୍ୱାଇଁ, ସାହିସ୍ତା ସୁଲତାନ, ଶ୍ରୀକାନ୍ତ ସୁବୁଦ୍ଧିରାୟ, ରହିମ ଖାନ, ରଶ୍ମୀ ରଞ୍ଜନ ଦାସ ପ୍ରମୁଖ ଏହି ଅସହାୟ ଓ ଦୁର୍ବଳ ଆର୍ଥିକ ପରିସ୍ଥିତିରେ ଥିବା ଛାତ୍ରମାନଙ୍କୁ ସମସ୍ତ ସହାୟତା ଓ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏହି କାର୍ଯ୍ୟରେ ସହଯୋଗ କରିଥିବା ବିଇଓ କୁନ୍ତଳା ଖଟୁଆ, ସିଆରସିସି ରାଜେଶ କୁମାର ନାୟକ, ସୁକାନ୍ତ କୁମାର ମହାନ୍ତି ଶକ୍ତି ପ୍ରସାଦ ମହାନ୍ତି ପ୍ରମୁଖଙ୍କୁ ଅନୁଷ୍ଠାନର ଅଧ୍ୟକ୍ଷ ନରୋତ୍ତମ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ବାର୍‌ହା ଆକ୍ରମଣ ଯୁବକର ମୃତ୍ୟୁ

**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ବାର୍‌ହା ଆକ୍ରମଣରେ ଯୁବକ ମୃତ୍ୟୁ ଘଟଣାଟି ଘଟିଛି ପାଟାଙ୍ଗସୁଗା ଗ୍ରାମରେ । ସୂଚନାରୁ ପ୍ରକାଶ ଯେ ବାଲଗୁଡ଼ା ଉପଖଣ୍ଡ ଅନ୍ତର୍ଗତ କୋଟଗଡ଼ ବ୍ଲକ୍ ପକାରୀ ପଞ୍ଚାୟତର ପାଟାଙ୍ଗସୁଗା ଗ୍ରାମର ମାସିୟ ଦିଗାଳ (୨୮) ସକାଳ ସମୟରେ କୌଣସି କାମ ପାଇଁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ । ସେଠାରେ ଏକ ବାର୍‌ହା ସାମ୍ନାକୁ ଆସିଥିଲା । ବାର୍‌ହାଟି ଯୁବକଙ୍କୁ ଆକ୍ରମଣ କରି କାମୁଡ଼ି ଦେଇଥିଲା । ଯୁବକ କ୍ଷତାକ୍ତ ଅବସ୍ଥାରେ ପାଟି କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ ଏବଂ ସଙ୍ଗେ ସଙ୍ଗେ ଏକ ଅଟୋ ସାହାଯ୍ୟରେ ଉପଖଣ୍ଡ ଚିକିତ୍ସାଳୟ ବାଲିଗୁଡ଼ାକୁ ଆଣିଥିଲେ । ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ।

## କାଳବୈଶାଖୀ ପ୍ରଭାବରେ ସୁବର୍ଣ୍ଣପୁର ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି : ୧ ମୃତ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଶନିବାର ସୁବର୍ଣ୍ଣପୁର ଜିଲ୍ଲାର ସମସ୍ତ ବ୍ଲକ୍‌ରେ ସନ୍ଧ୍ୟା ସମୟରେ କାଳବୈଶାଖୀ ତାଣ୍ଡବ ପ୍ରଭାବରେ ପ୍ରବଳ ଝଡ଼ ତୋଫାନ ସାଙ୍ଗକୁ ଦୀର୍ଘ ଏକ ଘଣ୍ଟା କାଳ ପ୍ରବଳ ବର୍ଷା ହେବାସହ ପ୍ରବଳ ପବନ ବହିଥିଲା । ଶନିବାର ସକାଳୁ ପାଣିପାଗ ସ୍ୱାଭାବିକ ଥିବା ବେଳେ ସନ୍ଧ୍ୟାରେ ସମୟରେ ପ୍ରାୟ ୮୦/୯୦ କିମି ବେଗରେ ପବନ ବୋହିବା ସହ ବଡ଼ ବଡ଼ ଗଛ ସବୁ ଉପୁଡ଼ି ପଡ଼ିଥିଲା । ସହର ତଥା ଗ୍ରାମାଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଥିଲା । ଝଡ଼ବର୍ଷା ଯୋଗୁଁ ଘର ଛପର ଉଡ଼ିଯାଇଥିବା ବେଳେ ଧାନ ଓ ପନିପରିବା ଚାଷ ବ୍ୟାପକ କ୍ଷତି ହୋଇଛି । ତରଭା ବ୍ଲକ ସିଂହାରୀ ପଞ୍ଚାୟତ ଲୁକାପାଲି ଗ୍ରାମର ମଞ୍ଜି ବଗର୍ତ୍ତି (୪୨) କେନ୍ଦୁପତ୍ର



ତୋଳିବାକୁ ଯାଇଥିବା ବେଳେ ସେଠାରୁ ଫେରୁଥିବା ସମୟରେ ପ୍ରବଳ ଝଡ଼ ତୋଫାନରେ ଗୋଟିଏ ଗଛ ତାଙ୍କ ଉପରେ ପଡ଼ିଯିବାରୁ ଚାପି ହୋଇ ଯାଇଥିଲେ । ପରିବାର ତଥା ଗ୍ରାମବାସୀଙ୍କ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ଜିଲ୍ଲାରେ ଚଳିତ ବର୍ଷ ଫାର୍ମ ମାନଙ୍କରେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଅପେକ୍ଷାକୃତ କମ୍ ଆମ୍ବ ଆସିଥିବା ବେଳେ ଆମ୍ବ ଅମଳ ସମୟ ନିକଟ ହୋଇଥିବା ବେଳେ ପ୍ରାୟ ୯୦ ଭାଗ ଆମ୍ବ ସବୁ ଝଡ଼ିଯାଇଛି । ଆମ୍ବଚାଷୀ ବର୍ତ୍ତମାନ ମୁଣ୍ଡରେ ହାତ ଦେଇ ବସିଛନ୍ତି ।

## କ୍ରସର କର୍ମଚାରୀ ହତ୍ୟା ଘଟଣାରେ ପୋଲିସର ଚଢ଼ଉ ଜାରି

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜେନାପୁର ଥାନା ରାହାଡ଼ପୁର ଠାରେ ଥିବା ପଦ୍ମାବତୀ କ୍ରସରର କର୍ମଚାରୀ ଅରିଜିତ ଜେନାଙ୍କୁ ଅକଥନୀୟ ଭାବେ ଅତ୍ୟାଚାର କରି ମାରିବା ଘଟଣାରେ କ୍ରସର ମାଲିକ ଜ୍ଞାନରଞ୍ଜନ ଓ ସହଯୋଗୀଙ୍କୁ ଧର୍ମଶାଳା ପୋଲିସ ଖୋଜୁଛି । ମୃତ ଅରିଜିତ ବାପା ଅଜୟ ଜେନା ଓ ପରିବାରର ଅନ୍ୟମାନଙ୍କ ପକ୍ଷରୁ ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ ହେବା ପରେ କେସନଂ ୨୫୮/୨୫ଅନୁଯାୟୀ ପୋଲିସ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତିରେ ଜଣକୁ ଥାନାକୁ ନେଇ ପଚରାଉଚରା କରୁଛି । ଅନ୍ୟମାନଙ୍କୁ ଖୋଜି ବାହାର କରିବାପାଇଁ ଚଢ଼ଉ ଜାରି ରଖିଛି । ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରିବା ସଙ୍ଗେସଙ୍ଗେ ଆରୁହା ଅଫିସ ଓ କ୍ରସର ଅଫିସର ସିସିଟିଭି, ହାର୍ଡଡିସ୍କ ପୋଲିସ ଜବତ କରିଛି । ଧର୍ମଶାଳାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଂଗ୍ରେସ ଘୋର ପ୍ରତିବାଦ କରିଛି । ତୁରନ୍ତ ଆସାମୀଙ୍କୁ ଗିରଫ କରିବା ସଙ୍ଗେସଙ୍ଗେ ଅରିଜିତି ପରିବାରକୁ ନ୍ୟାୟ ଦେବାକୁ ଦାବି କରିଛି । ଶନିବାର ଦିନ କଂଗ୍ରେସ ବିଧାୟକ ଦଳନେତା ରାମଚନ୍ଦ୍ର କାଡ଼ମା, ଜିଉଦୟଗିରି ବିଧାୟକ ପ୍ରଫୁଲ୍ଲ କୁମାର ପ୍ରଧାନ, କଂଗ୍ରେସ ଯାଜପୁର ଜିଲ୍ଲା ସଭାପତି ମନୋଜ କୁମାର ରାଉତ, ବିଷ୍ଣୁଚରଣ ରାଉତ, ରାଜ୍ୟ ପିସିସି ସଭ୍ୟ ସୁଧାଂଶୁ ଶେଖର ଦେଓ, ଧର୍ମଶାଳା ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ମୃତ ଯୁବକ ଅରିଜିତର ପରିବାରକୁ ଭେଟି ସମବେଦନା ଜଣାଇଥିଲେ । ପରେ ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ କୁମାର ମାଝୀଙ୍କୁ ଭେଟି ଆସାମୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି ଜଣାଇ ଥିଲେ ।

## ମହିଳାଙ୍କୁ ଭିଡିଓ ଭାଇରାଲ ଧମକ ଦେଇ ବଳତ୍କାର : ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତା

**କୋରେଇ, ନ୍ୟୁଜ୍‌ବ୍ୟୁରୋ**

ମହିଳାଙ୍କୁ ଅଶ୍ଳୀଳ ଭିଡିଓ ଭାଇରାଲର ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଓ ଅଭିଯୋଗ ପରେ ଭରଣ ପୋଷଣର ଦାୟିତ୍ୱ ନେଇ ଫେରାର ହେବା ପରେ ପୀଡ଼ିତା ଶେଷରେ ନିରାଶ ହୋଇ ପାଣିକୋଇଲିସ୍ଥିତ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ପହଞ୍ଚ ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରୀ କରିଛନ୍ତି । ସୂଚନାଯୋଗ୍ୟ ଯେ, ଯାଜପୁରରୋଡ୍ ଥାନା ତଥା ଦାନଗଦି ଫାଣ୍ଡି ଅଧିନସ୍ଥ ଧୂଳିଗଡ଼ ଗ୍ରାମର ପ୍ରଣତୀ ଚୌଧୁରୀଙ୍କ ଅଭିଯୋଗ ମୁତାବକ ସର୍ବେଶ୍ୱର ବାରିକଙ୍କ ସହିତ ପ୍ରେମ ସମ୍ପର୍କ ରହିଥିଲା । ପ୍ରେମ ସମ୍ପର୍କରୁ ଶାରୀରିକ ସମ୍ପର୍କ ପରେ ତା'ର ଅଜାଣତରେ ପ୍ରେମିକ ଅଶ୍ଳୀଳ ଭିଡିଓ ତିଆରି କରିଥିଲା । ବାରମ୍ବାର ଶାରୀରିକ ସମ୍ପର୍କ ରଖିବାକୁ ପ୍ରେମିକ ବାଧ୍ୟ କରୁଥିଲା । ପ୍ରଣତୀ ମନା କଲେ ଅଶ୍ଳୀଳ ଭିଡିଓ ଭାଇରାଲର ଧମକ ଦେଇ ସମ୍ପର୍କ ରଖୁଥିଲା । ଶେଷରେ ଅତିଷ୍ଠ ହୋଇ ପ୍ରଣତୀ ଦାନଗଦି ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲା । ଫାଣ୍ଡିରେ ଉଭୟଙ୍କ ମଧ୍ୟରେ ସମାଧାନ ହୋଇଥିଲା । ସମାଧାନ ମୁତାବକ ପ୍ରଣତୀକୁ ରଖି ତା'ର ସମସ୍ତ ଦାୟିତ୍ୱ ଦେବ ବୋଲି ଲିଖିତ ପ୍ରତିଶ୍ରୁତି ଦେଇଥିଲା । ହେଲେ ଉଭୟେ ରହିବାର ଗୋଟେ ଦିନ ପରେ ପ୍ରେମିକ ପ୍ରଣତୀକୁ ଛାଡି ଫେରାର ହୋଇଯାଇଥିଲା । ଏନେଇ ଫାଣ୍ଡି ଓ ଥାନାକୁ ଦୌଡି ନିରାଶ ହେବା ପରେ ପ୍ରଣତୀ ନ୍ୟାୟ ପାଇଁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୦୫ ମଇ ୨୦୨୫ ସୋମବାର





## ଓଏଆରଏଫଟି ଏବଂ ଓଏଆରସି ପକ୍ଷରୁ ବିଶ୍ୱ ଏଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍ ଦିବସ ପାଳିତ

# 'ଟିକିଏ ସତର୍କ ଓ ସଚେତନ ରହିଲେ ଆର୍ଥ୍ରାଇଟିସଜନିତ ବିକଳାଙ୍ଗତାକୁ ପ୍ରତିହତ କରିପାରିବା'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡିଶା ଆର୍ଥ୍ରାଇଟିସ୍ ଏବଂ ରିୟୁମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ (ଓଏଆରଏଫଟି)ଦ୍ୱାରା ଶୈଳଶ୍ରୀ ବିହାର ଠାରେ ବିଶ୍ୱ ଏଙ୍କିଲୋଜିଂ ସ୍ପୋଣ୍ଡିଲାଇଟିସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ, ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ଫାଉଣ୍ଡେସନ୍ ଟ୍ରଷ୍ଟ (ଓଏଆରଏଫଟି) ଏବଂ ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରିଉମାଟୋଲୋଜି ସେଣ୍ଟର (ଓଏଆରସି) ମିଳିତ ଆନୁକୂଲ୍ୟରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଓଏଆରସିର ମେଡିକାଲ୍ ନିର୍ଦ୍ଦେଶକ ତଥା ରାଜ୍ୟର ଜଣେ ଖ୍ୟାତନାମା ରିଉମାଟୋଲୋଜିଷ୍ଟ୍ ପ୍ରଫେସର ଡାକ୍ତର ଜ୍ୟୋତି ରଞ୍ଜନ ପରିଡା ଓ ଓଏଆରସି ଶୈଳଶ୍ରୀ ବିହାର ଶାଖାର ମୁଖ୍ୟ ପରାମର୍ଶଦାତା, ରିଉମାଟୋଲୋଜିଷ୍ଟ୍ ଡାକ୍ତର ଦେବାଶିଷ ମାଇକାପ୍ ଏହି ରୋଗର ପ୍ରାରମ୍ଭିକ ଚିହ୍ନଟ ଓ ଏହାର ଚିକିତ୍ସାରେ ଅଗ୍ରଗତି ସମ୍ପର୍କରେ ଆଲୋକପାତ କରିଥିଲେ। ଯଦି କେହି ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ଅଛନ୍ତି, ତେବେ ସେମାନେ ଯଥାଶୀଘ୍ର ରିଉମାଟୋଲୋଜିଷ୍ଟଙ୍କ ନିକଟକୁ ଯାଇ ଭଲ ଫଳାଫଳ ଏବଂ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ପରାମର୍ଶ ନେବା ଉଚିତ ବୋଲି ସେମାନେ କହିଥିଲେ। ପରେପରେ ଓଏଆରଏଫଟି ପକ୍ଷରୁ ଓଏଆରସି ଶୈଳଶ୍ରୀ ବିହାର ପରିସରରୁ ଡିଏଭି ସ୍କୁଲ୍ ଛକ ପର୍ଯ୍ୟନ୍ତ ଏକ ୱାକାଥନର ଆୟୋଜନ କରାଯାଇଥିଲା। ଏହି ୱାକାଥନକୁ ଭୁବନେଶ୍ୱର ଉତ୍ତର ବିଧାନସଭା ବିଧାୟକ ସୁଶାନ୍ତ କୁମାର ରାଉତ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଚିକିତ୍ସକ ଏବଂ ଭାରତୀୟ ରିଉମାଟୋ-ଲୋଜି ସଂଘ (ଓଡ଼ିଶା ଶାଖା)ର ପୂର୍ବତନ ସଭାପତି ଡାକ୍ତର ମନୋଜ ଛୋଟରାୟ ଓ ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉପସ୍ଥିତ ଲୋକମାନଙ୍କୁ ଏହି ରୋଗ ବିଷୟରେ ସଚେତନ କରାଇଥିଲେ। ଓଏଆର-ଏଫଟିର ପ୍ରତିଷ୍ଠାତା ଚୈତନ୍ୟ ଚନ୍ଦ୍ର ପରିଡା ଏହାର ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ ଯେ, ଏ.ଏସ୍. (ଆଙ୍କିଆଲ୍ ସ୍ପଣ୍ଡିଲୋଆର୍ଥ୍ରାଇଟିସ୍) ରୋଗରେ ବିଶ୍ୱର ଲକ୍ଷ ଲକ୍ଷ ଲୋକ ଆକ୍ରାନ୍ତ ହୋଇଥାନ୍ତି। ଏହି ରୋଗ ଭାରତରେ ପ୍ରତି ୧୦୦ ଜଣ ଯୁବ ବୟସ୍କଙ୍କ ମଧ୍ୟରୁ ୧ ଜଣଙ୍କୁ ହୋଇଥାଏ। ଏହି ରୋଗ ସାଧାରଣତଃ ୨୦ରୁ ୩୦ ବର୍ଷ ବୟସ ମଧ୍ୟରେ ଆରମ୍ଭ ହୁଏ ଏବଂ ଏହାର ଶାରୀରିକ, ଆର୍ଥିକ, ସାମାଜିକ ଏବଂ ମାନସିକ ପ୍ରଭାବ ଥାଏ। ଏହା ସବୁ ବୟସ ଓ ଲିଙ୍ଗର ଲୋକଙ୍କୁ ପ୍ରଭାବିତ କରିପାରେ। ଯଦି ଶୀଘ୍ର ଚିକିତ୍ସା ଆରମ୍ଭ ନ ହୁଏ, ତେବେ ଆର୍ଥ୍ରାଇଟିସରେ ପୀଡ଼ିତ ବ୍ୟକ୍ତିଙ୍କଠାରେ ବିକୃତି ଦେଖାଯାଇ ପାରେ ଓ ସେମାନେ ଭିନ୍ନକ୍ଷମ ହୋଇପାରନ୍ତି। ପ୍ରତିବର୍ଷ ମେ ମାସର ପ୍ରଥମ ଶନିବାରକୁ ବିଶ୍ୱ ଆଙ୍କିଆଲ୍ ସ୍ପଣ୍ଡିଲୋଆର୍ଥ୍ରାଇଟିସ ଦିବସ ଭାବେ ପାଳନ କରି ଲୋକମାନଙ୍କ ମଧ୍ୟରେ ଏହି ଭିନ୍ନକ୍ଷମ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥାଏ।

ଏଏସ୍ ରୋଗର ପ୍ରାଥମିକ ଚିକିତ୍ସା ପାଇଁ ସଚେତନତାର ଅଭାବ ସବୁଠାରୁ ବଡ଼ ବାଧକ ସାଜିଛି। ଏଏସ ରୋଗ ନିର୍ଣ୍ଣୟରେ ବିଶ୍ୱସ୍ତରରେ ୭ ବର୍ଷ ବିଳମ୍ବ ହେବା ଫଳରେ ଅପରିବର୍ତ୍ତିତ ଓ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ଆଶ୍ଚର୍ଯ୍ୟର କଥା ହେଉଛି, ମହିଳାମାନଙ୍କର ଏଏସ୍ ରୋଗ ନିର୍ଣ୍ଣୟ କରିବା ପାଇଁ ୨ ବର୍ଷ ଅଧିକ ସମୟ ଲାଗିପାରେ। ଏହାର କାରଣ ହେଉଛି ପୁରୁଣା ବିଶ୍ୱାସ ଯେ ଏହି ରୋଗ ମୁଖ୍ୟତଃ ପୁରୁଷମାନଙ୍କୁ ପ୍ରଭାବିତ କରିଥାଏ। ଏଏସ୍ ରୋଗୀମାନଙ୍କ ମଧ୍ୟରୁ ୬୨% ପ୍ରତିଶତ ଲୋକଙ୍କ ପାଖରେ ମନସ୍ତାତ୍ତ୍ୱିକ ସମସ୍ୟାର ଆଶଙ୍କା ଥାଏ।







ଭୁବନେଶ୍ୱର : ଅଳିଆଗଦା ହଟାଅ, ସୈନିକ ସ୍କୁଲ ବଞ୍ଚାଅ ଅଭିଯାନର ଜନ ପ୍ରତିବାଦ। (ଫଟୋ : ସମ୍ବାଦ କଳିକା)

# ଓଡ଼ିଶା ବିକାଶ ପ୍ରାଧିକରଣ ଆଇନ ଅନୁଯାୟୀ ଆପିଲ୍ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା କ୍ୟାମ୍ପ କୋର୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ନାଗରିକ-କୈନ୍ଦ୍ରିକ ଶାସନ ଏବଂ ସମୟାନୁବର୍ତ୍ତୀ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ରବିବାର ଭୁବନେଶ୍ୱରର ଉନ୍ନତି ଭବନରେ ଓଡ଼ିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର କ୍ୟାମ୍ପ କୋର୍ଟ ଆୟୋଜନ କରାଯାଇ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ନାଗରିକ କେନ୍ଦ୍ରିକ ଆଭିମୁଖ୍ୟ ସୁନିଶ୍ଚିତ କରିବା ଏବଂ ଓଡ଼ିଶା ଉନ୍ନୟନ କର୍ତ୍ତୃପକ୍ଷ ଆଇନ, ୧୯୮୨ ଅନୁଯାୟୀ ଦାୟର ଆପିଲ୍ ମାମଲାଗୁଡ଼ିକର ତ୍ୱରିତ ସମାଧାନ ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏବଂ ଭୁବନେଶ୍ୱର ମ୍ୟୁନିସିପାଲ୍ କର୍ପୋରେସନ୍ (ବିଏମସି) ସହ ଜଡ଼ିତ ଆପିଲ୍ ମାମଲାଗୁଡ଼ିକର ନିର୍ଦ୍ଦିଷ୍ଟ ଆପିଲ୍ କର୍ତ୍ତୃପକ୍ଷ ପ୍ରମୁଖ ସଚିବ ରବିବାରର ଶୁଣାଣିରେ ଅଧ୍ୟକ୍ଷତା କରିଥିଲେ। ୮୦୦ରୁ ଅଧିକ ବିଚାରାଧୀନ ଆପିଲ୍ ମାମଲା ମଧ୍ୟରୁ, ଦିନବ୍ୟାପୀ ଅଧିବେଶନରେ ମୋଟ ୨୦୦ ମାମଲା ଗ୍ରହଣ ଏବଂ ନିଷ୍ପାସନ କରାଯାଇଥିଲା। ଏହି ଆବେଦନଗୁଡ଼ିକ ଓଡ଼ିଶା ବିକାଶ ପ୍ରାଧିକରଣ ଆଇନର ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶ ବିରୁଦ୍ଧରେ ନାଗରିକମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଭିନ୍ନ ଆବେଦନ ସହିତ ଜଡ଼ିତ।

ସମ୍ପ୍ରତି, ଆପିଲେଟ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାମଲାଗୁଡ଼ିକର ଶୀଘ୍ର ସମାଧାନ ସୁନିଶ୍ଚିତ କରିବା ପାଇଁ, ଆଇନ ଅନୁଯାୟୀ ଅପିଲ୍ ମାମଲା ପରିଚାଳନା ପାଇଁ ନିଯୁକ୍ତ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କୁ - ପୌର ପ୍ରଶାସନ ନିର୍ଦ୍ଦେଶକ, ସ୍ୱତନ୍ତ୍ର ସଚିବ ଏବଂ ଅତିରିକ୍ତ ସଚିବଙ୍କ ସମେତ - ସରକାରୀ ନିର୍ଦ୍ଦେଶ ପ୍ରାପ୍ତ ହୋଇଛି। ଏହି ବିକେନ୍ଦ୍ରୀକରଣ ପଦ୍ଧତି ଦକ୍ଷତା ବୃଦ୍ଧି ଏବଂ ବିଚାରାଧୀନତା ହ୍ରାସ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

ଏହି ଅନନ୍ୟ ପଦକ୍ଷେପ ଗୃହ ଏବଂ ନଗର ଉନ୍ନୟନ ବିଭାଗର ସ୍ୱଚ୍ଛତା, ନିରପେକ୍ଷତା ଏବଂ ଦାୟିତ୍ୱର ନୀତିକୁ ବଜାୟ ରଖିବା ପାଇଁ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଏହା ନାଗରିକ ମାନଙ୍କୁ ଏକ ନିରପେକ୍ଷ ଶୁଣାଣି ପ୍ଲାଟଫର୍ମ ପ୍ରଦାନ କରିବାକୁ ଚେଷ୍ଟା କରେ ଯେଉଁମାନେ ବିଶ୍ୱାସ କରନ୍ତି ଯେ ସେମାନେ ପ୍ରଶାସନିକ ନିଷ୍ପତ୍ତି ଦ୍ୱାରା ପ୍ରଭାବିତ ହୋଇଛନ୍ତି ଯାହା ଉପଯୁକ୍ତ ପ୍ରକ୍ରିୟା କିମ୍ବା ଜନସ୍ୱାର୍ଥ ସହିତ ସଙ୍ଗତ ନୁହେଁ। କ୍ୟାମ୍ପ କୋର୍ଟ ବ୍ୟବସ୍ଥା ଜନସାଧାରଣଙ୍କ ଦ୍ୱାରା ଭଲ ଭାବରେ ଗ୍ରହଣ କରାଯାଇଛି ଏବଂ ଅବଶିଷ୍ଟ ମାମଲାଗୁଡ଼ିକୁ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ଭବିଷ୍ୟତ ପର୍ଯ୍ୟାୟରେ ଜାରି ରହିବ ବୋଲି ଆଶା କରାଯାଉଛି।

# ସଅଁରାପଡ଼ା ଗଣହତ୍ୟା ଘଟଣା : ମାଷ୍ଟରମାଇଣ୍ଡ ବାପପୁଅ ଗିରଫ

**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ବ୍ରହ୍ମପୁରା ନିକଟସ୍ଥ ସଅଁରାପଡ଼ା କୁସୁମକାନୀ ଗଣହତ୍ୟାର ମାଷ୍ଟରମାଇଣ୍ଡ ଓ ତାଙ୍କ ପୁଅକୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। କୋର୍ଟଚାଲାଣ ହୋଇଥିବା ଅଭିଯୁକ୍ତ ବାପପୁଅ ହେଲେ ଗଙ୍ଗୱା ମାଝୀ (୪୪) ଓ ତାଙ୍କ ପୁଅ ଦେବରାଜ ମାଝୀ(୨୩)।



ସୂଚନାଯୋଗ୍ୟ, ଗତ ୨୦୨୦ ନଭେମ୍ବର ୧୧ ତାରିଖ ବ୍ରହ୍ମପୁରା ନିକଟସ୍ଥ ସଅଁରାପଡ଼ା କୁସୁମକାନୀରେ ପଡିଆରା ଓ ପୂର୍ବ ଶତ୍ରୁତାକୁ ନେଇ ଗୋଟିଏ ପରିବାରର ୬ଜଣଙ୍କୁ ହତ୍ୟା କରାଯାଇଥିଲା। ଅଭିଯୁକ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ପରିବାରର ବୁଲୁ ଯାନୀ (୫୦), ତାଙ୍କ ସ୍ତ୍ରୀ ଜ୍ୟୋତି (୪୮) ଦୁଇପୁଅ ଭୀଷ୍ମ (୫) ଓ ସଂଜୀବ (୨), ଦୁଇ ଝିଅ ସରିତା(୧୪) ଓ ଶ୍ରୀୟା (୩)ଙ୍କୁ ହତ୍ୟା କରିଥିଲେ। ଉକ୍ତ ଘଟଣାରେ ସେ ସମୟରେ ପୋଲିସ ବାବୁଲାଲ ଯାନୀ, ଛାୟା ଗୋଣ୍ଡ, ବଳଦେବ ଗୋଣ୍ଡ, ମନୀଷ ଗୋଣ୍ଡ, ଭୋଳା ଯାନୀ, ଶିବା ଯାନୀ, ବିକଳ କଲରୀ ପ୍ରମୁଖ ୭ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଗଙ୍ଗୱା ଓ ତା'ପୁଅ ଦେବରାଜ ସେହିଦିନଠାରୁ ଫେରାର ରହିଥିଲେ। ଫଳରେ ସେମାନଙ୍କ ନାଁରେ ଜାମିନବିହୀନ ଗିରଫ ପରାୱାନା ଜାରି ହୋଇଥିଲା। ଏପରିକି ଗଙ୍ଗୱା ହତ୍ୟାକାଣ୍ଡ ଭିଆଇ ନୂଆପଡ଼ା ଜିଲା ନୀଳଜୀ ଗାଁରେ ରହୁଥିଲା। ସେଠାରେ ଏକ ଖାତାରେ ଚିଠି ଲେଖି ପୋଲିସ ତାଙ୍କୁ ଗିରଫ କରିପାରିବନାହିଁ ବୋଲି ଖୋଲା ଚ୍ୟାଲେଞ୍ଜ ଦେଇଥିଲା। ବଲାଙ୍ଗିର ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ଏସ୍‌ଡିପିଓ ସଦାନନ୍ଦ ପୂଜାରୀଙ୍କ ତତ୍ତ୍ୱାବଧାନରେ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ଗତ ଗୁରୁବାର ଗଙ୍ଗୱା ଓ ତାଙ୍କ ପୁଅକୁ ଗିରଫ କରିଥିଲା। ଶୁକ୍ରବାର ଉଭୟଙ୍କୁ କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଥିବା ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି। ସେ ସମୟରେ ଉକ୍ତ ଲୋମଟାଙ୍କୁରା ଘଟଣା ପାଟଣାଗଡ଼ ଅଞ୍ଚଳ ସହ ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜଗନ୍ନାଥ ସଂସ୍କୃତି ଧ୍ୱଂସ ...

କୋଟି ଟଙ୍କାର ଡିଲ ହୋଇଛି ବୋଲି ଶ୍ରୀଜଗନ୍ନାଥଙ୍କ ସେନାର ଆବାହକ ଗଣମାଧ୍ୟମକୁ ପତିକ୍ରିୟା ଦେଇଛନ୍ତି । କିଛିମାସ ତଳେ ଓଡ଼ିଶା ପଶ୍ଚିମବଙ୍ଗ ଭଲ ପଡୁଥିଲା । ନିର୍ବାଚନ ପରେ ଏବେ ଦୁଇରାଜ୍ୟ ମଧ୍ୟରେ କେତେକ ପ୍ରସଙ୍ଗକୁ ନେଇ ଟଣାଓଟରା ଚାଲିଛି । ଓଡ଼ିଶାକୁ ଆଳୁ ବନ୍ଦ କରିବା ପରେ ଏବେ ପର୍ଯ୍ୟଟକଙ୍କୁ ବନ୍ଦ କରିବା ପାଇଁ ଭିତିରି ଯୋଜନା ଚାଲିଥିବା କୁହାଯାଉଛି । ଅନ୍ୟପକ୍ଷରେ ଗୋଟିଏ ବିଦେଶୀ ଧାର୍ମିକ ଅନୁଷ୍ଠାନ ପୁରୀରେ ଦ୍ୱିତୀୟ ଜଗନ୍ନାଥ ମନ୍ଦିର କରିବା ଫେଲ ମାରିଛି । ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ ଶ୍ରୀମନ୍ଦିରର ଭିତର ଦୃଶ୍ୟକୁ ପଥର ଖୋଦେଇ ଆକାରରେ କରିବା ପାଇଁ ପ୍ରଭାବିତ କରି ଫେଲ ମାରିବା ପରେ ଏବେ ପଶ୍ଚିମବଙ୍ଗରେ ସଫଳ ହୋଇଛି। ଏ ସମ୍ପର୍କରେ ଶ୍ରୀଜଗନ୍ନାଥଙ୍କ ବାଡଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ସୁଭଦ୍ରାଙ୍କ ବାଡଗ୍ରାହୀ ରାମଚନ୍ଦ୍ର ଦାସ ମହାପାତ୍ର, ବଳଭଦ୍ରଙ୍କ ବାଡଗ୍ରାହୀ ଶ୍ରୀମନ୍ଦିର ପ୍ରଶାସନଙ୍କ ନିକଟରେ ତାଙ୍କ ନିଜସ୍ୱ ମତାମତ ଦେଇଛନ୍ତି । ନବକଳେବରରେ ବଳକା ଥିବା ଦାରୁକାଠ କାହା ଦାୟିତ୍ୱରେ ଥିଲା, କିଏ ନେଲା ଓ କେମିତି ନେଲା, ଚାବି କାହା ପାଖରେ ଥିଲା ସେ ସମ୍ପର୍କରେ ମଧ୍ୟ ଖୋଳତାଡ ଚାଲିଛି। ଶ୍ରୀମନ୍ଦିର କୋଇଲି ବୈକୁଣ୍ଠରେ ଦାରୁଗୃହରେ ଦାରୁ ରଖାଯାଏ। ଦାରୁ ଗୃହର ଦାୟିତ୍ୱ ସୁଆର ମହାସୁଆର ନିଯୋଗ ନେଇଥିଲା। ଏବେ କିପରି ଦଇତାପତି ନିଯୋଗ ହାତକୁ ଆସିଛି ବୋଲି ଚର୍ଚ୍ଚା ହେଉଛି । ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ନଷ୍ଟ କରିବା ପାଇଁ ଦିଆଯିବନାହିଁ ବୋଲି ଅନେକ ଭକ୍ତ ସାମାଜିକ ଗଣମାଧ୍ୟମରେ ମତାମତ ଦେଇଛନ୍ତି । ଭାରତରେ ଚାରିଧାମ ରହିଛି । ସେଥିମଧ୍ୟରୁ ଜଗନ୍ନାଥ ଧାମ ଅନ୍ୟତମ । ଚାରିଧାମରେ ଚାରି ଶଙ୍କରାଚାର୍ଯ୍ୟ ରହିଛନ୍ତି । ଏ ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ.ନରେଶ ଚନ୍ଦ୍ର ଦାଶ କହିଛନ୍ତି ସ୍କନ୍ଧ ପୁରାଣ ଓ ବ୍ରହ୍ମ ପୁରାଣରେ ପୁରୁଷୋତ୍ତମ ଧାମ ବା ଜଗନ୍ନାଥ ଧାମ ସଂପର୍କରେ ଶ୍ଳୋକ ରହିଛି । ଜଗନ୍ନାଥ ସଂସ୍କୃତିକୁ ବିଲୋପ କରିବା ପାଇଁ ଏହା ଏକ ନୂଆ ଯୋଜନା ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଶ୍ରୀମନ୍ଦିରରେ କେବଳ ଦାରୁବ୍ରହ୍ମରେ ବ୍ରହ୍ମ ସଂସ୍ଥାପନ କରାଯାଏ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚାଲିଥିବା ବୈଠକରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦପାଢୀ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଶ୍ରୀମନ୍ଦିର କମାଣ୍ଡର, ସୁପରଭାଇଜର, ସମସ୍ତ ନିଯୋଗର ସଭାପତି ଓ ସମ୍ପାଦକଙ୍କ ସମେତ ବରିଷ୍ଠ ସେବାୟତ ଯୋଗ ଦେଇଥିଲେ । ରବିବାର ସଂଧ୍ୟାରେ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୈଫିୟତ ତଲବ ନୋଟିସ କରାଯାଇଛି । ସାତ ଦିନ ଭିତରେ ସନ୍ତୋଷଜନକ ଉତ୍ତର ଦେଇ ନପାରିଲେ ମନ୍ଦିର ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ପଶ୍ଚିମବଙ୍ଗ ଦୀଘା ଜଗନ୍ନାଥ ମନ୍ଦିର 'ଦାରୁ' ବିବାଦ ପ୍ରସଙ୍ଗରେ ରବିବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହାଜର ହୋଇ ନିଜ ପକ୍ଷ ରଖିଛନ୍ତି ଦଇତାପତି ନିଯୋଗର ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ର। ରାମକୃଷ୍ଣଙ୍କୁ ପଚରାଉଚରା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ। ଦୀଘା ଜଗନ୍ନାଥ ମନ୍ଦିରକୁ ଦାରୁ ନେଇଯିବା ପ୍ରସଙ୍ଗରେ ରାମକୃଷ୍ଣଙ୍କୁ ପ୍ରାୟ ୪୫ ମିନିଟ୍ ପଚରାଉଚରା କରାଯାଇଛି। ଦଇତାପତି ନିଯୋଗ ସଭାପତି ଗଣେଶ ଦାସମହାପାତ୍ରଙ୍କୁ ମଧ୍ୟ ପଚରାଉଚରା କରିଛନ୍ତି ମୁଖ୍ୟ ପ୍ରଶାସକ। ପଚରାଉଚରା ଶେଷ ହେବା ପରେ ଉଭୟ ଗଣେଶ ଦାସ ମହାପାତ୍ର ଓ ରାମକୃଷ୍ଣ ଦାସ ମହାପାତ୍ର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରୁ ବାହାରକୁ ବାହାରିଥିଲେ। କିନ୍ତୁ ଉଭୟେ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲି ନାହାନ୍ତି। ଦୋଷୀ ଏବଂ ଷଡ଼ଯନ୍ତ୍ରକାରୀମାନଙ୍କୁ କଠୋର ଦଣ୍ଡ ଦିଆଯିବ।

### ଆଗାମୀ ୩ ଦିନ ପର୍ଯ୍ୟନ୍ତ ରହିବ...

ବର୍ଷା ଓ ଭୀଷଣ ବର୍ଷା ନେଇ ୫ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଗଜପତିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ଓ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ । ଅନୁରୂପ ଭାବେ ୬ ତାରିଖରେ ଝଡ଼ କିମ୍ବା ବଜ୍ରପାତ ଓ ପବନ ନେଇ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୭ ଓ ୮ ତାରିଖ ପାଇଁ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

### ଦେଶ ଆତଙ୍କବାଦ ...

ଏହା ପରେ, ଏପ୍ରିଲ ୩୦ ତାରିଖରେ ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ବାସଭବନରେ ଭେଟିଥିଲେ। ଏହି ସମୟରେ ବୈଦେଶିକ ମନ୍ତ୍ରୀ ଏବଂ ଏନଏସଏ ମଧ୍ୟ ଉପସ୍ଥିତ ଥିଲେ। ମେ'୩ ତାରିଖ ସନ୍ଧ୍ୟା ୬ ଟାରେ ନୌସେନା ମୁଖ୍ୟ ଆଡମିରାଲ ଦିନେଶ ତ୍ରିପାଠୀ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିଲେ, ଏହି ସାକ୍ଷାତ ପ୍ରାୟ ଏକ ଘଣ୍ଟା ଧରି ଚାଲିଥିଲା। ଏହା ପରେ ରବିବାର ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମରପ୍ରୀତ ସିଂହ ପ୍ରଧାନମନ୍ତ୍ରୀଙ୍କୁ ଭେଟିଛନ୍ତି। ରବିବାର ଅନୁଷ୍ଠିତ ବୈଠକ ମଧ୍ୟ ପ୍ରାୟ ୪୦ ମିନିଟ୍ ଧରି ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେନା ପ୍ରତିକ୍ରିୟା ସମୟ, ପଦ୍ଧତି ଏବଂ ଲକ୍ଷ୍ୟ ସ୍ଥିର କରିବେ। ପାକିସ୍ତାନ ସହିତ ଏହି ଉତ୍ତେଜନା ମଧ୍ୟରେ ସରକାର ନିରନ୍ତର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ, ଦେଶ ଆତଙ୍କବାଦ ବିରୁଦ୍ଧରେ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତିବଦ୍ଧ। କେନ୍ଦ୍ର ସରକାର କହିଛନ୍ତି ପହଲଗାମ ଆକ୍ରମଣର

### ସୀମା ପୁନର୍ଗଠନ ଶେଷ...

ନିକଟରେ ଆଗାମୀ ଜନଗଣନା ସମୟରେ ଜାତି ଗଣନା କରିବା ପାଇଁ ଏକ ପ୍ରସ୍ତାବକୁ ଅନୁମୋଦନ କରିଛି। ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ୨୦୨୬ରେ ଦେଶରେ ଜନସଂଖ୍ୟା ଗଣନା କରିପାରନ୍ତି।

### ୱାକଫ ସଂଶୋଧନ ଆଇନ...

ରାଜନୈତିକ ଲାଭ ପାଇଁ ମୌଳବାଦୀକରଣ ଏବଂ ଧାର୍ମିକ ପରିଚୟର ଅପବ୍ୟବହାର ବିଷୟରେ ଚେତାବନୀ ଦେଇଥିଲେ। ଶ୍ରୀ ବୋଷ ତାଙ୍କ ରିପୋର୍ଟରେ ଅନେକ ପଦକ୍ଷେପ ପରାମର୍ଶ ଦେଇଛନ୍ତି, ଯେଉଁଥିରେ ଏକ ତଦନ୍ତ କମିଶନ ଗଠନ ଏବଂ ବାଂଲାଦେଶ ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକରେ କେନ୍ଦ୍ରୀୟ ଫୋର୍ସ ପୋଷ୍ଟ ସ୍ଥାପନ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ ସେ ଆହୁରି ଲେଖିଛନ୍ତି, 'କହିବା ବାହୁଲ୍ୟ ଯେ, ସମ୍ବିଧାନର ଧାରା ୩୫୬ ଅନ୍ତର୍ଗତ ବ୍ୟବସ୍ଥା ମଧ୍ୟ ଏକ ବିକଳ୍ପ ରହିବ।'

### ଦେଶରେ ନିଟ୍ ୟୁଜି ପରୀକ୍ଷା ଶେଷ...

ଟଙ୍କା ଠକିବାକୁ ଚେଷ୍ଟା କରୁଥିବା ୩ ଜଣଙ୍କୁ ଗିରଫ କରିଛି। ଭାରତରେ ଏମବିବିଏସ୍, ବିଡିଏସ୍ ଓ ଅନ୍ୟ ସ୍ନାତକ ଚିକିତ୍ସା ପାଠ୍ୟକ୍ରମରେ ପ୍ରବେଶ ନିମନ୍ତେ ପ୍ରତିବର୍ଷ ଲକ୍ଷଲକ୍ଷ ଛାତ୍ରଛାତ୍ରୀ ନିଟ୍ ୟୁଜି ପରୀକ୍ଷା ଦେଉଛନ୍ତି। ତେବେ ୨୦୨୪ ନିଟ ୟୁଜି ପରୀକ୍ଷା ପରିଚାଳନାକୁ ନେଇ ବିବାଦ ଦେଖାଯାଇଥିଲା। ଏଥିରେ ପେପର ଲିକ୍, ଅଧିକ ନମ୍ବର ଦିଆଯିବା ଓ ଗ୍ରେସ ମାର୍କ ଦିଆଯିବା ନେଇ ଆଇନଗତ ସମସ୍ୟା ଉପୁଜିଥିଲା। ତେବେ ଏଥର ସେପରି କୌଣସି ଅଭିଯୋଗ ହେବ ନାହିଁ ବୋଲି ଅନୁମାନ କାରଯାଉଛି।

### ଭାରତକୁ ବନ୍ଧୁ ...

ଖୋଜୁଛି, ଉପଦେଶ ଦେଉଥିବା ଦେଶ ନୁହେଁ। ଫୋରମର ଏକ ଅଧିବେଶନକୁ ସମ୍ବୋଧିତ କରି ଜୟଶଙ୍କର କହିଥିଲେ, ଭାରତ ସର୍ବଦା ରୁଷର ଯଥାର୍ଥବାଦକୁ ପ୍ରଶଂସା କରିଛି। ଭାରତ ଏବଂ ରୁଷ ମଧ୍ୟରେ ମହତ୍ୱପୂର୍ଣ୍ଣ ସାମଞ୍ଜସ୍ୟ ରହିଛି। ଦୁଇ ଦେଶ ପରସ୍ପରର ହିତ ଦିଗରେ କାର୍ଯ୍ୟ କରନ୍ତି। ଯଥାର୍ଥବାଦର ସମର୍ଥକ, ସେପରି ଭାବେ ଆମେରିକାର ଯଥାର୍ଥବାଦର ବି ସମର୍ଥକ। ଆଜିର ଆମେରିକା ସହିତ ଯୋଡ଼ିହେବାର ସବୁଠୁ ଉତ୍ତମ ମାଧ୍ୟମ ହେଉଛି ଦୁଇ ଦେଶ ପରସ୍ପରର ହିତ ସାଧନ ଦିଗରେ କାର୍ଯ୍ୟ କରିବା। ବୈଚାରିକ ମତଭେଦ ରଖି ଆଗକୁ ବଢ଼ିଲେ ପରସ୍ପରର ହିତ ଦିଗରେ କାର୍ଯ୍ୟ କରିବାର ସମ୍ଭାବନା ନଷ୍ଟ ହୋଇଯିବ ବୋଲି ସେ କହିଥିଲେ। ୟୁରୋପଠାରୁ ଭାରତ କ'ଣ ଚାହୁଁଛି ବୋଲି ଏକ ପ୍ରଶ୍ନର ଉତ୍ତରରେ ଜୟଶଙ୍କର କହିଥିଲେ, ୟୁରୋପ ଅନ୍ୟ ଉପଦେଶ ଦେବା ଅଭ୍ୟାସ ଛାଡ଼ି ପରସ୍ପରର ହିତ ସାଧନ ଦିଗରେ କାର୍ଯ୍ୟ କରିବାକୁ ହେବ। ଯେତେବେଳେ ଆମେ ଦୁନିଆକୁ ଦେଖୁଛୁ, ସେତେବେଳେ ଆମେ ସହଭାଗୀଙ୍କୁ ଖୋଜୁଛୁ। ପ୍ରଚାରକ ଖୋଜୁନାହୁଁ। ବିଶେଷକରି ଏମିତି ପ୍ରଚାରକ ଯେଉଁମାନେ ବିଦେଶକୁ ଯାଇ ଉପଦେଶ ଦିଅନ୍ତି, କିନ୍ତୁ ତାହାକୁ ନିଜ ଦେଶରେ ଲାଗୁ କରନ୍ତି ନାହିଁ। ୟୁରୋପର କିଛି ଅଂଶ ଏବେ ବି ଏହି ସମସ୍ୟା ଭିତରେ ରହିଛନ୍ତି। ଆଉ କିଛି ଅଂଶରେ ପରିବର୍ତ୍ତନ ଆସିଛି।

### ପାକିସ୍ତାନକୁ ଆଟାକ୍ କରିବାକୁ...

ଗୋଳାବାରୁଦ କାରଖାନା ଓ ଚନ୍ଦ୍ରପୁରର ଅନ୍ୟ କାରଖାନାରେ ପ୍ରାୟ ୭,୦୦୦ କର୍ମଚାରୀ ଦୀର୍ଘଦିନ ଧରି ଛୁଟି ଆବେଦନ କରିବାକୁ ମନା କରାଯାଇଛି ଏବଂ ପୂର୍ବରୁ ଅନୁମୋଦିତ ଛୁଟିଗୁଡ଼ିକୁ ବାତିଲ କରାଯାଇଛି। କାରଖାନା ପରିଚାଳନା ପକ୍ଷରୁ କୁହାଯାଇଛି ଯେ ରାଷ୍ଟ୍ରୀୟ ସୁରକ୍ଷା ଓ ଉତ୍ପାଦନ ବୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଖାମାରିଆ କାରଖାନା ଭାରତର ଅନ୍ୟତମ ବୃହତ ସାମରିକ ଗୋଳାବାରୁଦ ଉତ୍ପାଦନ କେନ୍ଦ୍ର, ଯାହା କାର୍‌ଗିଲ ଯୁଦ୍ଧ ସମୟରେ ବୋଫୋର୍ସ ସେଲ୍ ପାଇଁ ଫ୍ୟୁଜ ଏବଂ ବାଲାକୋଟ ଏୟାର ଷ୍ଟ୍ରାଇକରେ ବ୍ୟବହୃତ ୧,୦୦୦ ପାଉଣ୍ଡ ବୋମା ଯୋଗାଇଥିଲା। ପହାଲଗାମ ଆକ୍ରମଣ ପରେ ଦେଶର ଆଭ୍ୟନ୍ତରୀଣ ଓ ରପ୍ତାନି ଚାହିଦା ବୃଦ୍ଧି ପାଇଛି। ଏହି ପରିସ୍ଥିତିରେ କାରଖାନାଗୁଡ଼ିକ ଉପରେ ଉତ୍ପାଦନ ବଜାୟ ରଖିବା ପାଇଁ ଚାପ ବୃଦ୍ଧି ପାଇଛି। ଅଧିକାରୀମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ସିଧାସଳଖ ଆକ୍ରମଣ ସହ ଜଡ଼ିତ ନୁହେଁ, କିନ୍ତୁ ଏହାର ସମୟ ଓ ପରିଧି ରାଷ୍ଟ୍ରୀୟ ମନୋଭାବକୁ ପ୍ରତିଫଳିତ କରୁଛି। ବରିଷ୍ଠ ପରିଚାଳନା ଅଧିକାରୀମାନେ ଦାବି କରିଛନ୍ତି ଯେ ଏହି ନିଷ୍ପତ୍ତି ଏପ୍ରିଲ ମାସରେ ଉତ୍ପାଦନ ଲକ୍ଷ୍ୟ ହାସଲ ନ ହୋଇପାରିବା ଏବଂ ବିଦେଶୀ ରପ୍ତାନି ଆଦେଶ ପୂରଣ କରିବା ପାଇଁ ନିଆଯାଇଛି। ତେବେ ଜବଲପୁରର ଖାମାରିଆ ଅର୍ଡନାନ୍ସ ଫ୍ୟାକ୍ଟ୍ରୀ ଏବଂ ଇଟାରସୀରେ ଜଣେ ଅଧିକାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ କହିଛନ୍ତି ଯେ ଏହି ନିର୍ଦ୍ଦେଶ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ଜାରି କରାଯାଇଛି। ବଙ୍ଗଳର ଗନ ଆଣ୍ଡ ସେଲ୍ ଫ୍ୟାକ୍ଟ୍ରୀ-କୋସିପୋରରେ ଜଣେ କର୍ମଚାରୀ ଏକ ଆଦେଶ ଜାରି ହୋଇଥିବା ନିଶ୍ଚିତ କରିଛନ୍ତି, ଯେଉଁଥିରେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ଛୁଟି ବାତିଲ କରାଯାଇଛି। ଓଡ଼ିଶାର ବଲାଙ୍ଗୀର ଜିଲ୍ଲାରେ ଥିବା ବଡ଼ମାଲ ଅର୍ଡନାନ୍ସ ଫ୍ୟାକ୍ଟ୍ରିରେ ମଧ୍ୟ ସମସ୍ତ କର୍ମଚାରୀଙ୍କ ଛୁଟି ୬୦ ଦିନ ପାଇଁ ବାତିଲ କରାଯାଇଛି। ଏମଆଇଏଲ ଅଧିକାରୀମାନେ କହିଛନ୍ତି ଯେ ପାହାଲଗାମ ଆକ୍ରମଣ ପରେ କର୍ମଚାରୀମାନଙ୍କୁ "ସତର୍କ ମୋଡ"ରେ ରଖାଯାଇଛି। ଏହା ସୂଚାଏ ଯେ ଦେଶ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଉତ୍ପାଦନକୁ ଅଗ୍ରାଧିକାର ଦେଉଛି।

# ବିଭିନ୍ନ ଦାବି ନେଇ କାରଖାନା ଆଗରେ ଅଞ୍ଚଳବାସୀଙ୍କ ଗଣଧାରଣା

**ଯୋଡ଼ା, ନ୍ୟୁଜ୍‌ବ୍ୟୁରୋ**

ବଲାଣି ଥାନା ଅନ୍ତର୍ଗତ ମାଟକାମବେଡା ଔଦ୍ୟୋଗିକ କ୍ଷେତ୍ରରେ ଥିବା ଆରୟା କାରଖାନା ମୁଖ୍ୟ ଫାଟକ ସମ୍ମୁଖରେ ଗଣ ଧାରଣାରେ ବସିଛନ୍ତି ଅଞ୍ଚଳବାସୀ। ଏହି ଧାରଣା ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଥିବା ବେଳେ କାରଖାନା କର୍ତ୍ତୃପକ୍ଷ ଧାରଣାରେ ବସିଥିବା ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରୁନଥିବାରୁ ଆନ୍ଦୋଳନକାରୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଆନ୍ଦୋଳନକାରୀ ମୁଖ୍ୟ ଫାଟକ ସମ୍ମୁଖରେ ବସିଥିବା ଯୋଗୁଁ କାରଖାନାକୁ କଞ୍ଚା ମାଲ୍ ପରିବହନ ବନ୍ଦ ହୋଇପଡ଼ିବା ସହିତ କାରଖାନାରୁ ଉତ୍ପନ୍ନ ଦ୍ରବ୍ୟ ପରିବହନ ଓ ଅନ୍ୟାନ୍ୟ କାରଖାନା କାର୍ଯ୍ୟକଳାପ ଏକ ପ୍ରକାର ବନ୍ଦ ହୋଇ ପଡିଛି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ଏଠାକାର ସ୍ଥାନୀୟ ଲୋକଙ୍କ ଜମି ଉପରେ କାରଖାନା ନିର୍ମାଣ କରି ଘରୋଇ କମ୍ପାନୀ ହଜାର ହଜାର କୋଟି ଟଙ୍କା ଲାଭ କରିଥିଲେ ସୁଦ୍ଧା ଏଠାକାର ସାମଗ୍ରିକ ବିକାଶ ଉପରେ ଧ୍ୟାନ ଦେଉନାହିଁ କମ୍ପାନୀ। ସେମାନେ ଅଭିଯୋଗ କରି କହିଛନ୍ତି ଯେ, କମ୍ପାନୀ ନିରୀହ ଆଦିବାସୀଙ୍କ ଜମି ବର୍ଷ ବର୍ଷ ଧରି ବେଆଇନ ଭାବରେ ଜବରଦଖଲ କରି ରଖିଥିଲେ ସୁଦ୍ଧା ଜମିହରାଙ୍କୁ କୌଣସି ସୁବିଧା ପ୍ରଦାନ କରୁନାହାନ୍ତି ।

ଏହା ବ୍ୟତୀତ ସେମାନେ ଅଭିଯୋଗ କରିଛନ୍ତି ଯେ, କମ୍ପାନୀ ବାହାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରୁଥିବା ବେଳେ ସ୍ଥାନୀୟ ଶିକ୍ଷିତ ବେକାର ଯୁବକ ଯୁବତୀ ଓ ଜମିହରାଙ୍କୁ ନିଯୁକ୍ତି କ୍ଷେତ୍ରରେ ଅବହେଳା କରି ଆସୁଛି। କାରଖାନା ଯୋଗୁଁ ମାତ୍ରାଧିକ ଧୂଳି ଧୂଆଁ ଯୋଗୁଁ ପରିବେଶ ପ୍ରଦୂଷିତ ହେବା ଯୋଗୁଁ ସ୍ଥାନୀୟ ଜନସାଧାରଣ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହେଉଛନ୍ତି। ଏହା ବ୍ୟତୀତ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଯୋଗୁଁ ଚାଷ ଜମି ଉର୍ବରତା ହରାଇବା ସହିତ ଚାଷ ଜମି ଚାଷ ଅନୁପଯୋଗୀ ହୋଇପଡିଛି। ଏହାଦ୍ୱାରା ବେକାରୀ ସମସ୍ୟା ଏଠାରେ ଉତ୍କଟ ରୂପ ନେଇଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉନାହିଁ। ଏ ନେଇ ଅଞ୍ଚଳବାସୀ ଗତ ବର୍ଷ ଅଗଷ୍ଟ ୩୧ ତାରିଖରେ ଏକ ଲିଖିତ ଚିଠି ମାଧ୍ୟମରେ କମ୍ପାନୀ କର୍ତ୍ତୃପକ୍ଷ ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କମ୍ପାନୀ କର୍ତ୍ତୃପକ୍ଷ ସମସ୍ୟାର ସମାଧାନ ନକରିବାରୁ ବାଧ୍ୟ ହୋଇ ଗଣ ଧାରଣାରେ ବସିଛନ୍ତି। କାରଖାନା କର୍ତ୍ତୃପକ୍ଷ ସ୍ଥାନୀୟ ଲୋକଙ୍କୁ ଯୋଗ୍ୟତା ଭିତିରେ ନିଯୁକ୍ତି, ସ୍ଥାନୀୟ ଯୁବକଙ୍କୁ କାରଖାନାରେ ବିଭିନ୍ନ ଠିକା କାମ, ଖଣିଜ ପଦାର୍ଥ ଓ ଉତ୍ପନ୍ନ ଦ୍ରବ୍ୟ ପରିବହନ ସହିତ ଚିକିତ୍ସା, ପାନୀୟ ଜଳ ଯୋଗାଣ, ଶିକ୍ଷା ଭଳି ମୌଳିକ ସୁବିଧା ଯୋଗାଇ ଦେବାର ଲିଖିତ ପ୍ରତିଶ୍ରୁତି ନଦେବା ପର୍ଯ୍ୟନ୍ତ ଏହି ଧର୍ମଘଟ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରହିବ ବୋଲି ସେମାନେ କହିଛନ୍ତି।

## କାଂକେର ଜିଲ୍ଲାରେ ପୁଣି କଲରପତରିଆ ବାଘ ଆତଙ୍କ



**ରାଇଘର, ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ କାଂକେର ଜିଲ୍ଲାରେ ପୁଣିଥରେ କଲରପତରିଆ ବାଘ ଆତଙ୍କ ଦେଖାଦେଇଛି। ଗତ ଶୁକ୍ରବାର ଦିନ ବିଳମ୍ବିତ ରାତିରେ କାଂକେର ଜିଲ୍ଲା ଠେଲକାବେଡ଼ାର ଏକ ଗୁହାଳରେ କଲରପତରିଆ ବାଘ ପଶି ଏକ ବାଛୁରୀର ବେକକୁ କାମୁଡ଼ି ଧରିଥିଲା। ପରେ ଗାଈଗୋରୁ ବୋବେଇବାରୁ ଲୋକେ ଉଠି ଦେଖିବା ବେଳକୁ ବାଘ ବାଛୁରୀର ଶିକାର କରିଥିଲା। ତାକୁ ଟର୍ଚ୍ଚ ଲାଇଟ ପକାଇବା ସହ ପାଟି କରି ବାଘଟିକୁ ଘଡ଼େଇ ଦେଇଥିଲେ। ଏବେ ଏହି ଭିଡ଼ିଓଟି ସୋସିଆଲ ମିଡ଼ିଆରେ ଭାଇରଲ ହେଉଛି।

## ଟଙ୍କା ଚୋରି ଧରାପଡ଼ିବାରୁ ଶାଶୁଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲା ବୋହୂ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଟଙ୍କା ଚୋରି କରୁଥିଲା ବୋହୂ। ଦେଖିଦେବାରୁ ଶାଶୂ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲା ବୋହୂ। ମାଲକାନଗିରି ଥାନା ଏମ୍‌ଭି ୧୮ ଗାଁରେ ଘଟିଛି ଏଭଳି କାଣ୍ଡ। ଚୋରି ଧରାପଡ଼ିଯିବାରୁ ରେଣୁକା ବୈଦ୍ୟଙ୍କୁ ପୋଡ଼ି ଦେଇଛନ୍ତି ବୋହୂ ଜୟା। ଖୋଦ୍ ଜୟାଙ୍କ ସ୍ୱାମୀ ଏନେଇ ଅଭିଯୋଗ କରିଛନ୍ତି। ଶୋଇଥିବା ବେଳେ ନିଆଁ ଲଗାଇବା ସହ ବାହାର ପଟୁ କବାଟ କିଳି ଜଗି ରହିଥିଲା ବୋହୂ। ଘଟଣା ଜଣାପଡ଼ିବା ପରେ ପରିବାର ଲୋକେ ପହଞ୍ଚି ରେଣୁକାଙ୍କୁ ଉଦ୍ଧାର କରିବା ସହ ମେଡିକାଲ ନେଇଥିଲେ। ରେଣୁକାଙ୍କ ଶରୀରର ୬୫ ପ୍ରତିଶତରୁ ଅଧିକ ଅଂଶ ପୋଡ଼ି ଯାଇଥିବାରୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଚିକିତ୍ସା ପାଇଁ ତାଙ୍କୁ ଛତିଶଗଡ ରାୟପୁରର ସ୍ୱତନ୍ତ୍ର ବର୍ଣ୍ଣ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପଟେ ଏଭଳି କାଣ୍ଡ ଘଟାଇବା ପରେ ବୋହୂ ଜୟା ନିଜ ୪ ମାସର ପୁଅକୁ ନେଇ ବାପ ଘରକୁ ପଳାଇଛନ୍ତି। ଜୟାଙ୍କ ସ୍ୱାମୀ ଓ ପରିବାର ଲୋକେ ମାଲକାନଗିରି ମଡେଲ ଥାନାରେ ଅଭିଯୋଗ କରିବା ସହ ଅଭିଯୁକ୍ତ ଜୟାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ପିଓକେରେ ହାଇଆଲର୍ଟ ପରେ ଧାମରା ସ୍ଥଳପଥ ଏବଂ ଜଳପଥରେ ସୁରକ୍ଷା କଡ଼ାକଡ଼ି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ପାକିସ୍ତାନ ଅଧିକୃତ କାଶ୍ମୀରରେ ହାଇ ଆଲର୍ଟ ପରେ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା ସଂପୂର୍ଣ୍ଣ କଡ଼ାକଡ଼ି ହୋଇଛି। କେନ୍ଦ୍ର ଗୃହମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଓଡ଼ିଶା ସୀମାନ୍ତ ଅଂଚଳରେ ଅନୁପ୍ରବେଶକୁ ରୋକିବା ପାଇଁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି। ଧାମରାରୁ ଉତ୍ତରରେ ବାଲେଶ୍ୱର ଏବଂ ଦକ୍ଷିଣରେ ଥିବା କେନ୍ଦ୍ରାପଡ଼ା, ପାରାଦ୍ୱୀପ ଜମ୍ବୁ, ଖରନାସୀ ଉପକୂଳ ଅଞ୍ଚଳକୁ ଧାମରା ଜଳପଥ ଦେଇ ବାଂଲାଦେଶୀ ଅନୁପ୍ରବେଶ କାରୀ ମାନେ ପ୍ରବେଶ କରୁଥିବା ନେଇ ଖବର ରାଜ୍ୟ ସରକାରଙ୍କ ହସ୍ତଗତ ହୋଇଛି। ଏହାକୁ ଆଧାର କରି ବାଂଲାଦେଶୀ ଅନୁପ୍ରବେଶ କାରୀଙ୍କୁ କୌଣସି ପରିସ୍ଥିତିରେ ରାଜ୍ୟରେ ପୁରାଇ ଦିଆଯିବ ନାହିଁ ଏଥିପାଇଁ ଧାମରା ସାମୁଦ୍ରିକ ଥାନା ଏବଂ ରାଜ୍ୟରେ ଥିବା ସମସ୍ତ ଉପକୂଳ ଅଞ୍ଚଳରେ ଥିବା ସାମୁଦ୍ରିକ ଥାନାକୁ ଏହି ନିର୍ଦ୍ଦେଶ ଦିଆଯିବା ସହ ଜଳପଥରେ ମଧ୍ୟ ସୁରକ୍ଷା ବ୍ୟବସ୍ଥା କୁ କଡ଼ାକଡ଼ି କରାଯାଇଛି। ଏହି ପରିପ୍ରେକ୍ଷୀରେ ଧାମରା ସାମୁଦ୍ରିକ ଥାନା ତରଫରୁ ଜଳପଥରେ ସ୍ପିଡ୍ ବୋଟ୍‌ରେ ବଙ୍ଗୋପସାଗର ଏବଂ ତଟବର୍ତ୍ତୀ ଇଲାକାରେ ମାଛ ମାରୁଥିବା ସମସ୍ତ ବୋଟକୁ କଡ଼ାକଡ଼ି ଭାବେ ଯାଞ୍ଚ କରାଯିବା ସହ ଏଥିରେ ଥିବା ସମସ୍ତ ଧୀବରମାନଙ୍କ ଭୋଟ ପରିଚୟପତ୍ର ତଥା ଆଧାର କାର୍ଡ ଏବଂ ମତ୍ସ୍ୟ ବିଭାଗ ତରଫରୁ ଦିଆଯାଇଥିବା କାର୍ଡ ଗୁଡିକ ମଧ୍ୟ ଟିକିନିଖି ଯାଞ୍ଚ କରାଯାଉଛି। ତଟ ସୁରକ୍ଷା ପାଇଁ ଧାମରାରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନଥିବା ବେଳେ ମାତ୍ର କେତେଜଣ ହାତଗଣତି ଷ୍ଟାଫ ମାନଙ୍କୁ ନେଇ ଚାଲିଛି ତଟ ସୁରକ୍ଷା। ଗୋଟିଏ ପଟରେ ତଟ ସୁରକ୍ଷା ପାଇଁ ନିର୍ଦ୍ଦେଶ ଦେଉଥିବା କେନ୍ଦ୍ର/ରାଜ୍ୟ ସରକାରଙ୍କ ପାଖରେ କେଉଁ ସାମୁଦ୍ରିକ ଥାନାରେ କେତେ ପଦ ପଦବୀ ଫାଙ୍କା ପଡିଛି ତାହାର ସମସ୍ତ ତଥ୍ୟ /ହିସାବ ଥିବା ବେଳେ ଏହି ତଟ ସୁରକ୍ଷା ଏକ ପ୍ରହସନ ବୋଲି ମଧ୍ୟ ଚର୍ଚ୍ଚା ଚାଲିଛି। ଅନ୍ୟପଟରେ ବିଗତ ଦିନ ମାନଙ୍କରେ ଧାମରାରେ ୩ଟି ସ୍ପିଡ୍ ବୋଟ୍ ତଟ ସୁରକ୍ଷା ପାଇଁ ନିୟୋଜିତ ହେଉଥିବା ବେଳେ ସେହି ବୋଟ୍‌ରୁ ଗୋଟିଏ ବୋଟକୁ ଗୋପାଳ ପୁରକୁ ପଠାଇ ଦିଆଯାଇଥିବା ବେଳେ ଆଉ ୨ଟି ବୋଟ ମଧ୍ୟରୁ ଗୋଟିଏ ସଂପୂର୍ଣ୍ଣ ଅକାମୀ ହୋଇ ଯାଇଛି। ବାକି ଥିବା ଗୋଟିଏ ୧୨ଟନ ବିଶିଷ୍ଟ ବୋଟ ର ଇଞ୍ଜିନ କେତେବେଳେ ଅଚଳ ହୋଇ ପଡୁଛିତ ପୁନଶ୍ଚ ବୋଟ୍‌ର ବଡି ମଧ୍ୟ ଫୁଟି ଯାଇ ପାଣି ପଶି ଏହାକୁ ସ୍ଥାଣୁ କରି ଦେଉଛି। ଧାମରା ନିକଟରେ ଥିବା ଧାମରା ଆଦାନୀ ବନ୍ଦର ଏବଂ କେନ୍ଦ୍ର ସରକାରଙ୍କ ପ୍ରତିରକ୍ଷା ବିଭାଗର ଅବଦୁଲ କଲାମ ଘାଟି ପ୍ରତି ଦୃଷ୍ଟି ତଥା ଏହାର ସୁରକ୍ଷା ପାଇଁ ତଟ ସୁରକ୍ଷା ଅତ୍ୟନ୍ତ ଜରୁରୀ ହୋଇପଡିଛି। ତୁରନ୍ତ ଜଳପଥରେ ସୁରକ୍ଷା କଡ଼ାକଡ଼ି କରିବାକୁ ହେଲେ କେନ୍ଦ୍ର ତଥା ରାଜ୍ୟ ସରକାର ଏଥିପ୍ରତି ସଜାଗ ହେବା ସହ ସାମୁଦ୍ରିକ ଥାନାମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଷ୍ଟାଫ ନିୟୋଜିତ କରିବା ସହ ଜଳପଥରେ ପଇଁତରା ପାଇଁ ସ୍ପିଡ ବୋଟ ଯୋଗାଇ ଦେବା ମଧ୍ୟ ଜରୁରୀ ହୋଇ ପଡିଛି।

# ଟ୍ରାକ୍ଟର ନେଲା ଗୋଟିଏ ପରିବାର ୩ ମୁଣ୍ଡ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅଧିନ ଚାରନଙ୍ଗଳ (ବାହାଦୂର ନଗର) ଗ୍ରାମରେ ଅଘଟଣ। ଏହି ଅଞ୍ଚଳରେ ଏକ ହୃଦୟ ବିଦାରକ ଘଟଣା ଘଟିଛି। ଭାରସାମ୍ୟ ହରାଇ ଓଲଟିଲା ଟ୍ରାକ୍ଟର। ଫଳରେ ଗୋଟିଏ ପରିବାରର ୩ ମୁଣ୍ଡ ନେଲା ଟ୍ରାକ୍ଟର। ଏଭଳି ଘଟଣା ଘଟିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ମୃତକ ହେଲେ ବେଙ୍ଗ ଦଳାଇ(୫୫), ସ୍ୱାମୀ ଉତ୍ସବ ଦଳାଇ(୬୦) ଓ ନାତି ଦୁର୍ଯ୍ୟୋଧନ ବଳାଇ(୧୪)ବୋଲି ଜଣାପଡ଼ିଛି। ତେବେ ଏଭଳି ଘଟଣା ଘଟିଥିଲା ଶନିବାର ଦିନ ବିଳମ୍ବିତ ରାତିରେ। ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଏକ ବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ସମସ୍ତଙ୍କର ମୃତ୍ୟୁ ଘଟିଥିବା ଜଣାଯାଇଛି। ଏହି ଦୁଃଖଦ ଘଟଣା ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଥିଲା।

ଓଡ଼ିଶା ଧ୍ୱନି (masthead)
ଭୁବନେଶ୍ୱର
୫ ମଇ, ସୋମବାର,
୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

## ଆଗାମୀ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

# ନବଯୌବନ ଦର୍ଶନଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ନିରନ୍ତର ସ୍ୱାସ୍ଥ୍ୟସେବା ପାଇଁ ନିର୍ଦ୍ଦେଶ



**ଭୁବନେଶ୍ୱର, ୪/୫ ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚଳିତ ବର୍ଷ ରଥଯାତ୍ରାରେ ନିରନ୍ତର ସ୍ୱାସ୍ଥ୍ୟସେବା ନିଶ୍ଚିତ କରାଇବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଛି। ଏଥିପାଇଁ ବିଭାଗୀୟ ଶାସନ ସଚିବ ଅଶ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସଭାଗୃହ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ବିଭାଗ ଅନ୍ତର୍ଗତ ବିଭିନ୍ନ ନିର୍ଦ୍ଦେଶାଳୟ ତରଫରୁ ବର୍ତ୍ତମାନ ପର୍ଯ୍ୟନ୍ତ କରାଯାଇଥିବା ପ୍ରାକ୍-ପ୍ରସ୍ତୁତିର ସମୀକ୍ଷା କରି ମହାପ୍ରଭୁଙ୍କ ଯାତ୍ରା ସମୟରେ ସେବାୟତ, ଭକ୍ତ, ପର୍ଯ୍ୟଟକଙ୍କୁ ଜରୁରୀକାଳୀନ ଚିକିତ୍ସା ସେବା ଯୋଗାଇଦେବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା, ଔଷଧ ଓ ମାନବ ସମ୍ବଳ ଆଗୁଆ ପୁରୀରେ ପ୍ରସ୍ତୁତ ରଖିବା ପାଇଁ ଶ୍ରୀମତୀ ଅଶ୍ୱତୀ ସ୍ୱାସ୍ଥ୍ୟ ବିଭାଗ ଅଧିନସ୍ଥ ସବୁ ନିର୍ଦ୍ଦେଶାଳୟମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟତଃ ପୁରୀ ଜିଲ୍ଲାସ୍ଥିତ ବିଭିନ୍ନ ସରକାରୀ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଦୃଢ଼ୀକରଣ, ଆବଶ୍ୟକୀୟ ସଂଖ୍ୟକ ଫାଷ୍ଟ-ଏଡ୍ କେନ୍ଦ୍ର ସ୍ଥାପନ, ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ଆମ୍ବୁଲାନ୍ସ ସେବା ବ୍ୟବସ୍ଥା, ପୁରୀରେ ଅଧିକ ବିଶେଷଜ୍ଞ, ଡାକ୍ତର, ନର୍ସିଂ ଅଫିସର ଓ ପାରାମେଡିକ୍ସ ନିୟୋଜନ, ଖାଦ୍ୟ ନିରାପତ୍ତା, କୌଣସି ପ୍ରକାର ସମ୍ଭାବ୍ୟ ସଂକ୍ରାମକ ରୋଗର ମୁକାବିଲା ଓ ନିୟନ୍ତ୍ରଣ, ଜନସ୍ୱାସ୍ଥ୍ୟ ଓ ସାଧାରଣ ସଚେତନତା କାର୍ଯ୍ୟ ଆଦି ବିଷୟରେ ଆଲୋଚନା ହୋଇ ଆବଶ୍ୟକୀୟ ନିଷ୍ପତ୍ତିମାନ ନିଆଯାଇଥିଲା। ନବଯୌବନ ଦର୍ଶନ (୨୬ ଜୁନ୍)ରୁ ନୀଳାଦ୍ରୀ ବିଜେ (୮ଜୁଲାଇ) ପର୍ଯ୍ୟନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେ.ଡି.ଏମ୍.ଏମ୍ ପୌରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର, ପୋଲିସ ହସ୍ପିଟାଲ, ସାକ୍ଷୀଗୋପାଳ, ମଙ୍ଗଳପୁର, ପିପିଲି ଷ୍ଟେସନ ରୋଡ, ରେବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଟି.ବି.ଆଇ.ଡି.ଏଚ୍ ହସ୍ପିଟାଲ, ଜଗନ୍ନାଥ ମେଡିକାଲ କଲେଜରେ ଅଧିକ ସଂଖ୍ୟକ ବେଡ୍, ଚିକିତ୍ସା ସୁବିଧା ଏବଂ ଔଷଧ ଆଦିର ବ୍ୟବସ୍ଥା କରିବା ପାଇଁ ସ୍ଥିର ହୋଇଥିଲା। ଚଳିତ ବର୍ଷ ଅଧିକ ସଂଖ୍ୟକ ଫାଷ୍ଟ-ଏଡ୍ କେନ୍ଦ୍ର ଖୋଲିବା ପାଇଁ ସ୍ଥିର କରାଯାଇଥିଲା। ଏହି କେନ୍ଦ୍ରଗୁଡ଼ିକ ୩ ଟି ସିଫ୍ଟରେ ୨୪ ଘଣ୍ଟା ଭିତ୍ତିରେ କାର୍ଯ୍ୟ କରିବେ। ପ୍ରତି ସିଫ୍ଟରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ବହୁମୁଖୀ ସ୍ୱାସ୍ଥ୍ୟ ସେବକ ଓ ଜଣେ ସହାୟକ ନିୟୋଜିତ ରହିବେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ୧୨ଟି, ସମୁଦ୍ରକୂଳରେ ୩ଟି, ତାଳ ବଣିଆ ବସ୍ଷ୍ଟାଣ୍ଡ ଓ ରେଳ ଷ୍ଟେସନରେ ୩ଟି, ପୁରୀ-ଭୁବନେଶ୍ୱର ରାସ୍ତାରେ ୯ଟି, ପୁରୀ-କୋଣାର୍କ ରାସ୍ତାରେ ୪ଟି, ପୁରୀ-ସାତପଡ଼ା ରାସ୍ତାରେ ୨ଟି ଏହିପରି ୩୩ଟି ଫାଷ୍ଟ-ଏଡ୍ ସେବାକେନ୍ଦ୍ର ଖୋଲିବା ପାଇଁ ପ୍ରାଥମିକ ସ୍ତରରେ ନିଷ୍ପତ୍ତି ହୋଇଛି। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ସମୁଦ୍ରକୂଳ, ସହର ଭିତର, ପୁରୀ-ଭୁବନେଶ୍ୱର ରାସ୍ତା, ପୁରୀ-କୋଣାର୍କ ରାସ୍ତା ଓ ପୁରୀ-ସାତପଡ଼ା ରାସ୍ତାର ବିଭିନ୍ନ ସ୍ଥାନରେ ଅଧିକ ୩୧ଟି ଆମ୍ବୁଲାନ୍ସ ନିୟୋଜନ କରାଯିବ। ଅତିରିକ୍ତ ୭ଟି ୧୦୮-ଆମ୍ବୁଲାନ୍ସ ୨୦୩-ଜାତୀୟ ରାଜପଥର ଗୁରୁତ୍ୱପୂର୍ଣ୍ଣ ସ୍ଥାନମାନଙ୍କରେ ନିୟୋଜିତ ହେବ।

## ଗଞ୍ଜାମରେ ୧୮ ଅପରାଧୀଙ୍କୁ ବାନ୍ଧିଲା ପୋଲିସ :୧୭ ବନ୍ଧୁକ ଜବତ

**ଭୁବନେଶ୍ୱର, ୦୪/୫**
**ନ୍ୟୁଜ ବ୍ୟୁରୋ**

ଗଞ୍ଜାମ ପୋଲିସକୁ ମିଳିଛି ବଡ଼ ସଫଳତା । ବିଭିନ୍ନ ସ୍ଥାନରେ ଚଢଉ କରି ୧୮ ଜଣଙ୍କୁ ଗିରଫ କରିଛି ପୋଲିସ । ଏହାସହିତ ସେମାନଙ୍କ ନିକଟରୁ ୧୭ଟି ବନ୍ଧୁକ, ୧୬ଟି ମୋବାଇଲ୍, ୬୬ଟି ଗୁଳି ଓ ୪ଟି ଖୋକା ଜବତ ହୋଇଛି । ସୂଚନା ଅନୁଯାୟୀ, ରବିବାର ଦିନ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖରଙ୍କ ପକ୍ଷରୁ ଏକ ପ୍ରେସ୍‌ମିଟ୍ କରାଯାଇଥିଲା। ଯେଉଁଥିରେ ସେ କହିଥିଲେ କି, ଗଞ୍ଜାମ ପୋଲିସ ଜିଲ୍ଲାର ଆସିକା, ଶେରଗଡ଼, କୋଦିନଡ଼ା, ଭଞ୍ଜନଗର, ପୋଲସରା, ଚମାଖଣ୍ଡି ଅଞ୍ଚଳରେ ଚଢଉ କରିଥିଲେ। ଯେଉଁଥିରେ ୧୮ ଜଣ ଅପରାଧୀଙ୍କୁ ଗିରଫ କରିଛି । ଏହାସହିତ ସେମାନଙ୍କ ନିକଟରୁ ୧୭ଟି ବନ୍ଧୁକ, ୧୬ଟି ମୋବାଇଲ୍, ୬୬ଟି ଗୁଳି ଓ ୪ଟି ଖୋକା ଜବତ ହୋଇଛି । ବିଭିନ୍ନ ଅପରାଧୀକ ମାମଲାରେ ଜଡିତ ଥିଲେ ଏମାନେ । ପୋଲିସର ତଦନ୍ତ ପରେ ହିଁ ଅଧିକ ତଥ୍ୟ ମିଳିବ ବୋଲି ଆଶା କରାଯାଉଛି।



ପୁରୀ : ଚନ୍ଦନଯାତ୍ରା ଅବସରରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାଲିଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚାପ ଖେଳ। (ଫଟୋ : ସମ୍ବାଦ କଳିକା)

## କଟକଣାକୁ ଫୁ : ଟାଣଖରାରେ କାମ କରୁଛନ୍ତି ଶ୍ରମିକ

**କଟକ, ୦୪/୫ ନ୍ୟୁଜ ବ୍ୟୁରୋ**

ଡହଡ଼ହ ଖରାରେ କାମ କରୁଛନ୍ତି ଶ୍ରମିକ। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଶ୍ରମିକଙ୍କ ସୁରକ୍ଷା ପାଇଁ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । କିନ୍ତୁ କଟକ ସହରରେ ଏହି ନିର୍ଦ୍ଦେଶକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି । ଏଭଳି ଘଟଣା ସାମ୍ନାକୁ ଆସିଛି କଟକ ବଡ଼ ମେଡିକାଲର ନୂଆ ବିଲଡିଂ ନିର୍ମାଣର କାମ ଚାଲିଥିବା ସମୟରେ । ଟାଣଖରାରେ ଜୀବନକୁ ବାଜିରେ ଲଗାଇ ଶ୍ରମିକମାନେ କାମ କରୁଛନ୍ତି । କୌଣସି ସମୟରେ କିଛି ଅଘଟଣ ଘଟିଲେ କିମ୍ବା ଅଂଶୁଘାତରେ କାହାର ଜୀବନ ଗଲେ କିଏ ଦାୟୀ ରହିବେ ? ନିର୍ମାଣ କାମ ହେଉ କି ରାସ୍ତା ତିଆରି ଓ ମରାମତି, ସବୁଠି ଟାଣଖରାରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳୁଛି । ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରମିକଙ୍କୁ କାମରେ ନଲଗାଇବା ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି । ଅବମାନନା ହେଲେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ । କିନ୍ତୁ କଟକ ସହରରେ ଏହି ନିର୍ଦ୍ଦେଶ ପ୍ରହସନ ପାଲଟିଛି । ଟାଣଖରାରେ ଶ୍ରମିକମାନେ କାମ କରୁଛନ୍ତି । ଶ୍ରମିକମାନେ ପରିବାର ଚଳାଇବା ପାଇଁ ବାଧ ହୋଇ ଟାଣଖରାରେ କାମ କରୁଥିବା ଦେଖିବାକୁ ମିଳିଛି।

## ୱେଭ୍‌ସ୍-୨୦୨୫ରେ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

# ପାରମ୍ପରିକ କ୍ରୀଡ଼ାକୁ ମିଳୁ ଆନ୍ତର୍ଜାତିକ ସ୍ୱୀକୃତି

**ନୂଆଦିଲ୍ଲୀ,୦୪/୦୫**

ଆମ ଦେଶରେ ଆମ ପାରମ୍ପରିକ ଖେଳ ସୀମାବଦ୍ଧ ହୋଇ ନରହୁ । କବାଡ଼ି, ଖୋ ଖୋ ଭଳି ସ୍ୱଦେଶୀ ଖେଳକୁ ଅନ୍ତର୍ଜାତିକ ସ୍ୱୀକୃତି ମିଳୁ । ବିଶ୍ୱର ଅନ୍ୟ ଦେଶରେ ଏ କ୍ରୀଡ଼ା ପହଞ୍ଚୁ। ଅଧିକ ଲୋକପ୍ରିୟ ହୋଇ ଆମ ପାଇଁ ଗୌରବ ଆଣୁ । ଏଥିପାଇଁ ସବୁପ୍ରକାର ପ୍ରୋତ୍ସାହନ ଯୋଗାଇ ଦିଆଯାଉ । ଏ ସମ୍ପର୍କିତ ବିଷୟବସ୍ତୁ ଉପରେ ଆମ ସୃଜନଶୀଳ କଣ୍ଟେଣ୍ଟ କ୍ରିଏଟରମାନେ ଅଧିକ ଗୁରୁତ୍ୱ ଦିଅନ୍ତୁ। ମୁମ୍ବାଇରେ ଆୟୋଜିତ ବିଶ୍ୱ ଦୃଶ୍ୟ ଶ୍ରାବ୍ୟ ମନୋରଞ୍ଜନ ଶିଖର ସମ୍ମିଳନୀରେ ଏମିତି ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । 'ପାରମ୍ପରିକ କ୍ରୀଡ଼ା-ଭାରତରୁ ବିଶ୍ୱ' ସମ୍ପର୍କିତ ସ୍ୱତନ୍ତ୍ର ଅଧିବେଶନରେ ସେ କହିଛନ୍ତି, ଆମ ଦେଶୀୟ ଖେଳ ଯେତେବେଳେ ପୃଥିବୀର ବହୁ ଦେଶରେ ଲୋକେ ଖେଳିବେ, ଆମ ପାଇଁ ତାହା ହେବ ଶ୍ରେଷ୍ଠ ଗୌରବ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ପାରମ୍ପରିକ ଖେଳ ହେଉଛି ଆମ ପ୍ରାଚୀନ ଐତିହ୍ୟ ଓ ପରମ୍ପରା । ଦଳଗତ ପ୍ରଦର୍ଶନ, ଶୃଙ୍ଖଳା ଓ ପ୍ରତିରୋଧ ଶକ୍ତି ଭଳି ବହୁ କଥା ଏ ଖେଳ ଆମକୁ ଶିଖାଇ ଥାଏ। ଓଡ଼ିଶାରେ ଏହି ସବୁ ଖେଳର ବେଶ୍ ଆଦର ରହିଛି । ସରକାର ଏହାକୁ ପ୍ରୋତ୍ସାହିତ କରୁଛନ୍ତି । ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ଖୋ ଖୋ ପାଇଁ ହାଇପରଫର୍ମାନସ୍ ସେଣ୍ଟର ପ୍ରତିଷ୍ଠା ହୋଇଛି । ତାଲିମ ଓ ଭିତ୍ତିଭୂମିକୁ ସରକାରୀ ଅଗ୍ରାଧିକାର ମିଳୁଛି । ରାଜ୍ୟର ସ୍କୁଲସ୍ତରରେ ଖୋ ଖୋ ଓ କବାଡ଼ି ଖେଳ ହେଉଛି । ଐତିହ୍ୟ ସହର ପୁରୀରେ ପାରମ୍ପରିକ ମାଲଖମ୍ବ ଖେଳାଯାଉଛି । ଓଡ଼ିଶା ଏବେ ଦେଶର ପ୍ରମୁଖ କ୍ରୀଡ଼ା ହବ୍ ପାଲଟିଥିଲା ବେଳେ ଆମ ସରକାର ପ୍ରତି ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବାକୁ ଯାଉଛନ୍ତି । ଏହା ତଳସ୍ତରର କ୍ରୀଡ଼ା ପ୍ରତିଭାଙ୍କୁ ବଡ଼ ସୁଯୋଗ ଦେବ । ସେ ଆହୁରି କହିଛନ୍ତି, କେନ୍ଦୁଝର ଭଳି ଆଦିବାସୀବହୁଳ ଜିଲ୍ଲାରେ ମୁଁ ବଢିଛି। ପିଲାଦିନରୁ କବାଡ଼ି ଓ ଖୋ ଖୋ ଖେଳିଛି । ଆମେ ଏବେ ପ୍ରତି ଗାଁରୁ ଚାମ୍ପିୟନ ତିଆରି କରିବାକୁ କାମ ଆରମ୍ଭ କରିଛୁ । ଗ୍ରାମାଞ୍ଚଳ ଓ ଜନଜାତି ଅଞ୍ଚଳରୁ କ୍ରୀଡ଼ା ପ୍ରତିଭାଙ୍କୁ ଚିହ୍ନଟ ସହ ପ୍ରୋତ୍ସାହିତ କରିବାକୁ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ପାରମ୍ପରିକ ଖେଳ ଆଗକୁ ବଢ଼ିଲେ ଆମ ନୂଆ ପିଢ଼ି ତାଙ୍କ ପୁରୁଣା ଐତିହ୍ୟକୁ ନେଇ ଗର୍ବ କରିବେ । ଆମ ସରକାର ଆଗକୁ ଅଧିକ କ୍ରୀଡ଼ା ଉତ୍ସବ, ଜନଜାତି କ୍ରୀଡ଼ା ପ୍ରତିଯୋଗିତା, ତୃଣମୂଳସ୍ତରରୁ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବେ । ଯେଉଁ ସମ୍ଭାବନାଯୁକ୍ତ କ୍ରୀଡ଼ା ପ୍ରତିଭା ଚିହ୍ନଟ ହେବେ ତାଙ୍କୁ ସବୁପ୍ରକାର ସରକାରୀ ସହଯୋଗ ମିଳିବ। ଆମ ପାରମ୍ପରିକ ଖେଳକୁ ବିଶ୍ୱ ଦରବାରରେ ଅଧିକ ଗୌରବଶାଳୀ କରିବାକୁ ଆମ କଣ୍ଟେଣ୍ଟ କ୍ରିଏଟରମାନେ ଧ୍ୟାନ ଦେବାକୁ ଅପିଲ କରିଥିଲେ ମୁଖ୍ୟମନ୍ତ୍ରୀ । ଓଡ଼ିଶା ଖେଳରେ ସଂସ୍କୃତି ଅଛି । ଓଡ଼ିଆ ସଂସ୍କୃତିରେ ଅସ୍ମିତା ଅଛି । ଏହା ଦର୍ଶାଇ ଶ୍ରୀ ମାଝୀ କହିଲେ, ଯୁବ ସଶକ୍ତୀକରଣ, ସାମାଜିକ ବିକାଶ ସହ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ସ୍ୱଦେଶୀ ଖେଳକୁ ପ୍ରୋତ୍ସାହିତ କରୁଛି । ଅଲ୍ଟିମେଟ୍ ଖୋ ଖୋ ଲିଗ୍‌ର ଫ୍ରାଞ୍ଚାଇଜ୍ ନିଜେ ସରକାର। ଆମ ଭବିଷ୍ୟତ କ୍ରୀଡ଼ାରେ ପାରମ୍ପରିକ ଖେଳକୁ ରଖିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି । ପାରମ୍ପରିକ ଖେଳକୁ ବିଶ୍ୱ ଦରବାରରେ ସମ୍ମାନର ସହ ରଖିବାକୁ କେନ୍ଦ୍ର ସରକାର ଓ ବିଶ୍ୱ କ୍ରୀଡ଼ା ସଂଘ ସହ ମିଶି ଓଡ଼ିଶା କାମ କରିବ । ଏହି କାର୍ଯ୍ୟକ୍ରମରେ ପ୍ରୋ କବାଡ଼ି ଲିଗ୍ କମିଶନର ଅନୁପମ ଗୋସ୍ୱାମୀ, ବିଶ୍ୱର ଜଣାଶୁଣା କବାଡ଼ି ଖେଳାଳି ଫଜଲ ଅତ୍ରାଚାଲି ଓ ଭାରତୀୟ ଖୋ ଖୋ କ୍ରୀଡ଼ା ସଂଘ ସଭାପତି ସୁଧାଂଶୁ ମିତ୍ତଲ ପ୍ରମୁଖ ଯୋଗ ଦେଇ ନିଜ ମତ ରଖିଥିଲେ।





